79th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୯ବର୍ଷ ❑ ସଂଖ୍ୟା-୧୮୪ ● କଟକ ● ରବିବାର ● ୦୮ ଫେବୃଆରୀ-୨୦୨୬ ● କୁମ୍ଭ-୮ ● ସାଲ୍-୧୪୩୩
CUTTACK ● SUNDAY ● 08 FEBRUARY-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

# ମାଲେସିଆ ଗସ୍ତରେ ପ୍ରଧାନମନ୍ତ୍ରୀ
## 'ମୋଦି ମୋଦି...' ନାରାରେ କମ୍ପିଲା ବିମାନବନ୍ଦର



ନୂଆଦିଲ୍ଲୀ: ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମାଲେସିଆ ଗସ୍ତରେ ଯାଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଦୁଇ ଦିନିଆ ଗସ୍ତରେ ରାଜଧାନୀ କୁଆଲାଲମ୍ପୁରରେ ପହଞ୍ଚିଛନ୍ତି। ଗସ୍ତ ସମୟରେ ଆଜି ପିଏମ୍ ମୋଦି ମାଲେସିଆରେ ଥିବା ଭାରତୀୟଙ୍କୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଭାରତ ପାଇଁ ମାଲେସିଆର ଭଲ ପାଇବା ଓ ସମ୍ମାନ ରହିଛି। ଏଭଳି ସ୍ୱାଗତ ଭାରତ ମନେ ରଖିବ। ଭାରତୀୟ ସମ୍ପ୍ରଦାୟକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ମୁଁ ଗତ ବର୍ଷ ଆସିଆନ୍ ସମ୍ମିଳନୀରେ ଯୋଗ ଦେବାକୁ ମାଲେସିଆ ଆସିପାରି ନଥିଲି। କିନ୍ତୁ ମୁଁ ମୋର ବନ୍ଧୁଙ୍କୁ ପ୍ରତିଶ୍ରୁତି ଦେଇଥିଲି ଯେ ମୁଁ ଶୀଘ୍ର ମାଲେସିଆ ଗସ୍ତ କରିବି, ପ୍ରତିଶ୍ରୁତି ଅନୁଯାୟୀ, ମୁଁ ଏଠାରେ ଅଛି। ଏହା ୨୦୨୬ ର ମୋର ପ୍ରଥମ ବିଦେଶ ଗସ୍ତ। ମାଲେସିଆ ଭାରତ ପ୍ରତି ଭଲ ପାଇବା ଦେଖାଇଛି। ଭାରତ ଏପରି ସ୍ୱାଗତକୁ ମନେ ରଖିବ। ମାଲେସିଆରେ ଭାରତୀୟ ସଙ୍ଗୀତ ଏବଂ ସିନେମା ଲୋକପ୍ରିୟ। ମାଲେସିଆର ୫୦୦ ସ୍କୁଲରେ ଭାରତୀୟ ଭାଷା ଶିକ୍ଷା ଦିଆଯାଏ। ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଜବୁତ ହୋଇଛି।'

ଉଲ୍ଲେଖନୀୟ ଯେ, ସାଧାରଣ ପ୍ରୋଟୋକଲ୍ ଅନୁସାରେ,ବିଦେଶୀ ରାଷ୍ଟ୍ରାଧକ୍ଷଙ୍କ ସ୍ୱାଗତ ନିର୍ଦ୍ଧାରିତ ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥାଏ,କିନ୍ତୁ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ସବୁ ପରମ୍ପରାକୁ ପଛରେ ପକାଇ ନିଜେ ବିମାନ ବନ୍ଦରରେ ପହଁଞ୍ଚି ମୋଦିଙ୍କୁ ସ୍ୱାଗତ କରିଥିଲେ। କୁଆଲାଲମ୍ପୁର ଏୟାରପୋର୍ଟରେ ଯେତେବେଳେ ପିଏମ୍ ମୋଦି ପହଞ୍ଚିଲେ ସେଠାରେ 'ମୋଦି ମୋଦି...' ନାରା ଶୁଣିବାକୁ ମିଳିଥିଲା।

ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଅତି ଭବ୍ୟ ଭାବରେ ପିଏମ୍ ମୋଦିଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଦୁଇ ଶୀର୍ଷ ନେତା ଏୟାରପୋର୍ଟରୁ ଏକ ବ୍ୟକ୍ତିଗତ କାରରେ ଯାତ୍ରା କରି ନିଜର କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ। ମାଲେସିଆ ପହଁଞ୍ଚିବା ପରେ ପିଏମ୍ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ନିଜର ଭାବନାକୁ ବ୍ୟକ୍ତ କରିଛନ୍ତି। ସେ ଲେଖିଛନ୍ତି କୁଆଲାଲମ୍ପୁର ପହଁଞ୍ଚିଗଲି। ମୋର ମିତ୍ର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ଦ୍ୱାରା ବିମାନ ବନ୍ଦରରେ କରାଯାଇଥିବା ହାର୍ଦ୍ଦିକ ସ୍ୱାଗତରେ ମୁଁ ଅତ୍ୟନ୍ତ ଖୁସି। ମୁଁ ଆପଣଙ୍କ ସହ କଥା ହୋଇ ଭାରତ ଓ ମାଲେସିଆ ଭିତରେ ମିତ୍ରତାର ବନ୍ଧନକୁ ଆହୁରି ମଜବୁତ କରିବାକୁ ଉତ୍ସୁକ ରହିଛି। ଏହା ପିଏମ୍ ମୋଦିଙ୍କ ତୃତୀୟ ମାଲେସିଆ ଗସ୍ତ।

## ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର ଶୁଭାରମ୍ଭ
# ଭିଜନ୍ ୨୦୪୭ ପାଇଁ ଓଡ଼ିଶା ସାଜିବ ମୁଖ୍ୟ ଇଞ୍ଜିନ୍

ଭୁବନେଶ୍ୱର: ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ପାଇଁ ଏକ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ। ଏହି ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୀତିଆୟୋଗର ସଦସ୍ୟ ରାଜୀବ ଗୌବା ଏବଂ ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ ମଧ୍ୟ ଯୋଗ ଦେଇଛନ୍ତି। ଏହି ଅବସରରେ ଲୋକସେବା ଭବନ ସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଅର୍ଥନୈତିକ ଯୋଜନାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଭାରତର ଅଭିବୃଦ୍ଧିର ଆକାଶରେ ଏହା ଏକ ନୂତନ ତାରକା ଭଳି ଦୃଶ୍ୟମାନ ହେବ। ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ ରହିଛି, ସ୍ୱତନ୍ତ୍ରତା ରହିଛି। ଯେପରିକି ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର, ବିଜନେସ୍ ପରମ୍ପରାରେ କଟକ, ସାଂସ୍କୃତିକ ଗରିମାରେ ପୁରୀ ଓ ବନ୍ଦର ଭିତ୍ତିକ ବିକାଶରେ ପାରାଦୀପ। ବର୍ତ୍ତମାନ ଆମର ପରିକଳ୍ପନା ହେଉଛି, ଏହି ଅଞ୍ଚଳ ଗୁଡିକୁ ଆଧୁନିକ ଭିତ୍ତିଭୂମି ସହିତ ଯୋଡାଯିବ ଏବଂ ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ। ମେଟାଲ ଡାଉନଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ୍, କେମିକାଲ୍ ?ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇ.ଟି ପରି ୮୦ରୁ ଅଧିକ ପ୍ରକଳ୍ପର ଯୋଜନା କରାଯାଇଛି। ଏହା ସହିତ ୩୦ରୁ ଅଧିକ ପଲିସି ଇନିସିଏଟିଭ୍ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର



ପ୍ରୟୋଗଶାଳା କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୬-୨୭ ବଜେଟ୍‌ରେ କେନ୍ଦ୍ର ସରକାର ସିଟି ଇକୋନୋମିକ୍ ରିଜିଅନର ପରିକଳ୍ପନା କରିଛନ୍ତି। ଏଥିରେ ଇଉଚଚରଜ ରିଜିଅନ୍ ମଧ୍ୟ ସ୍ଥାନ ପାଇଛି। ପ୍ରତ୍ୟେକ ଉରଜର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥନୀତି ସାରା ଓଡିଶାର ଅର୍ଥନୀତିର ୧୯ ପ୍ରତିଶତ। ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାର ତଥା ନୀତି ଆୟୋଗର ସହଯୋଗରେ ରାଜ୍ୟର ଡବଲ ଇଞ୍ଜିନ ସରକାର ଏହି ଅଞ୍ଚଳକୁ ଅର୍ଥନୈତିକ କାୟାକଳ୍ପର ଏକ କେନ୍ଦ୍ରଭାବେ ବିକଶିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ।ଏହି ଇକୋନୋମିକ୍ ପ୍ଲାନ୍ ପ୍ରସ୍ତୁତ କରିଥିବାରୁ ନୀତି ଆୟୋଗର ସଦସ୍ୟ ଶ୍ରୀ ରାଜୀବ ଗୌବା ଓ ସିଇଓ ଶ୍ରୀ ସୁବ୍ରମଣ୍ୟମଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଆଜିର ଏହି ଯୋଜନା ଓଡିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା କହିଥିଲେ ଯେ, ବିକଶିତ ଓଡିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ହେଉଛି ଏହି ଇଉଚଚରଜ ପ୍ରୋଜେକ୍ଟ। ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ ।ନୀତି ଆୟୋଗର ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରତି ଧନ୍ୟବାଦ ଜଣାଇ କହିଥିଲେ ଯେ, ଆମର ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। ମୁମ୍ବାଇ, ସୁରଟ, ବିଶାଖାପଟଣା, ବାରଣାସୀ ପରେ ନୀତି ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ବିକଶିତ ଓଡିଶା ପାଇଁ ମଧ୍ୟ ନୀତି ଆୟୋଗ ଯୋଜନା ପ୍ରସ୍ତୁତ କରିଛି। ଆମର ଏହି ଯୋଜନା କେବଳ ଓଡିଶା ପାଇଁ ନୁହେଁ ବିକଶିତ ଭାରତ ପାଇଁ ମଧ୍ୟ ସହାୟକ ହେବ ବୋଲି ସେ କହିଥିଲେ। ଏଥିରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବିଭିନ୍ନ ବିଭାଗର ମନ୍ତ୍ରୀ ଓ ସଚିବମାନେ ଯୋଗ ଦେଇଥିଲେ ।

# ମଝି ସମୁଦ୍ରରୁ କୁଆଡେ ଗଲେ ସାର୍ଥକ ?

ଭୁବନେଶ୍ୱର:ସମୁଦ୍ର ମଝିରେ ଓଡ଼ିଆ ଯୁବ ନାବିକ ସାର୍ଥକ ମହାପାତ୍ର ନିଖୋଜ ହୋଇଯିବା ଘଟଣା। ଘଟଣାକୁ ୫ ଦିନ ବିତିଥିଲେ ମଧ୍ୟ ଏଯାଏ ଓଡ଼ିଆ ନାବିକ ସାର୍ଥକ ମହାପାତ୍ରଙ୍କର ପତ୍ତା ମିଳିପାରିନାହିଁ। ମରିସସ୍ ନିକଟରେ ଗଭୀର ସମୁଦ୍ରରେ ନିଖୋଜ ହୋଇଯାଇଛନ୍ତି ନାବିକ ସାର୍ଥକ ମହାପାତ୍ର। ପରିବାର ଲୋକଙ୍କ ମଧ୍ୟରେ ନାନା ଆଶା ଆଶଙ୍କା ଲାଗିରହିଛି। ସାର୍ଥକଙ୍କ ପରିବାର ପକ୍ଷରୁ ପୁଅକୁ ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିବା ପରେ କେନ୍ଦ୍ରର ୪ଟି ବିଭାଗକୁ ଦିଲ୍ଲୀ ସ୍ଥିତ ପ୍ରିନ୍ସିପାଲ ରେସିଡେଣ୍ଟ କମିଶନର ଚିଠି ଲେଖିଛନ୍ତି। ମାମଲାକୁ ଗୁରୁତର ସହ ନେଇ କେନ୍ଦ୍ର ବୈଦେଶିକ ସଚିବ, ସ୍ୱରାଷ୍ଟ୍ର ସଚିବ, ଜଳପଥ ସଚିବ ଓ ସିପିଂ ଡିଜିଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ସରକାର। ଦିଲ୍ଲୀସ୍ଥିତ ଓଡ଼ିଶାର ପ୍ରିନ୍ସିପାଲ୍ ରେସିଡେଣ୍ଟ କମିଶନର ବିଶାଲ୍ ଗଗନ ଏ ସଂପର୍କରେ ୪ଟି ବିଭାଗକୁ ଚିଠି ଲେଖିଛନ୍ତି। ସିଙ୍ଗାପୁରରୁ ଫେରୁଥିବା ଆଙ୍ଗ୍ଲୋ-ଇଷ୍ଟର୍ଣ୍ଣ ସିପ୍ ମ୍ୟାନେଜମେଣ୍ଟ ସଂସ୍ଥାର ରଇ ଜର୍ସୀ ଭେସେଲରେ ସାର୍ଥକ ଥିଲେ କ୍ରିୟୁ ମେମ୍ବର। ଗତ ୩ ତାରିଖରେ ଶେଷ ଥର ପାଇଁ ଜାହାଜର ସିସି କ୍ୟାମେରାରେ ନଜର ଆସିଥିଲେ। ଏହାପରଠାରୁ ତାଙ୍କର ଆଉ କୌଣସି ପତ୍ତା ମିଳୁନାହି।

## ଧ୍ୱନିପ୍ରତିଧ୍ୱନି
ସାର୍ଥକ ବିତର୍କ ଦ୍ୱାରା
ସଂସଦୀୟ ମର୍ଯ୍ୟାଦା ରକ୍ଷା

## ବାଟେଘାଟେ



ହଜାର ବର୍ଷର ପୁରୁଣା ସହର
ବିଶ୍ୱ ଐତିହ୍ୟ କଟକ
ବୀର ସୁବାଷଙ୍କୁ ଜନ୍ମ ଦେଇଣ
ରଖି ଅଛି ତାର ଟେକ
ଫିରିଙ୍ଗ ବେଳରୁ କଟକର ନାଆଁ
ରହି ଯାଇଛି କୁତ୍ତାକ
କଟକ ର ନାଆଁ କଟକ ଲେଖିବା
କାହିଁକି ହୁଏ ଅଟକ
ନିବେଦନ କରୁ ଦାବି ବି କରୁଛୁ
ଆହେ ଓଡ଼ିଆ ଶାସକ
ସଂଶୋଧନ କରି ସରକାରୀ ସ୍ତରେ
ଏଣିକି ଲେଖ Katak - ରାହୀ

## ● ଏସ୍ଆଇ ପରୀକ୍ଷା କେଳେଙ୍କାରୀ
# ଆଉଜଣଙ୍କୁ ଉଠାଇନେଲା ସିବିଆଇ

ଭୁବନେଶ୍ୱର : ବହୁ ଚର୍ଚ୍ଚିତ ଏସ୍ଆଇ ଲିଖିତ ପରୀକ୍ଷା ଜାଲିଆତି ଘଟଣାରେ ସିବିଆଇ ଆଉ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଖାସ୍ ସହଯୋଗୀ ତଥା ଏଜେଣ୍ଟ ଇପିଲି ସୀତାରାମ । ଶଙ୍କର ଗିରଫ ହେବା ପରେ ତାର ସହଯୋଗୀମାନେ ଫେରାର ହୋଇଯାଇଥିଲେ । ମାମଲା ସିବିଆଇ ନେଲା ପରେ ଶଙ୍କରଙ୍କୁ ରିମାଣ୍ଡରେ ଆଣି ଜେରା କରିଥିଲା । ଏହି ସମୟରେ ସିବିଆଇ ଜାଣିବାକୁ ପାଇଥିଲା ଶଙ୍କର ରାଜ୍ୟ ଓ ରାଜ୍ୟ ବହାରେ ଏକାଧିକ ଏଜେଣ୍ଟ କରିଥିଲେ । ସେ ଏଜେଣ୍ଟମାନେ ଏସ୍ଆଇ ପାଇଁ ଆବେଦନ କରିଥିବା ପିଲାଙ୍କୁ ଯୋଗାଯୋଗ କରୁଥିଲେ । ଯେଉଁମାନେ ରାଜି ହୋଇଥିଲେ ସେମାନଙ୍କଠାରୁ ଏହି ଏଜେଣ୍ଟମାନେ ନଗଦ ଆକାରରେ ଟଙ୍କା ଗ୍ରହଣ କରି ଶଙ୍କର ପାଖକୁ ପଠାଉଥିଲେ । ଇପିଲି ଗଞ୍ଜାମ ଓ କୋରାପୁଟ ଜିଲ୍ଲାରୁ ପରୀକ୍ଷାର୍ଥୀ ଯୋଗାଡ଼ କରୁଥିଲା । ଶଙ୍କର ଗିରଫ କରିବା ପରେ ଇପିଲି ଫେରାର ହୋଇଯାଇଥିଲା । ଗତକାଲି ରାତିରେ ସିବିଆଇ ତାକୁ ଗିରଫ କରଛି । ଏହି ଜାଲିଆତି ମାମଲାରେ ବର୍ତ୍ତମାନ ୧୮ ଜଣ ଗିରଫ ହୋଇସାରିଛନ୍ତି । ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀରେ ଜଣକ ପରେ ଜଣଙ୍କ ଲିଙ୍କ୍ ଏବେ ପଦାକୁ ଆସୁଛି । ଯଦିଓ କେତେଜଣଙ୍କ ଏଥିରେ ସଂପୃକ୍ତି ରହିଛି କିଛି ସ୍ପଷ୍ଟ ହୋଇନାହିଁ, ସିବିଆଇ ଏବେ ଗଞ୍ଜାମ ଜିଲ୍ଲାର ଅନେକ ଯୁବକଙ୍କୁ ଉଠାଇ ନେଇ ଜେରା କରି ଛାଡିଛି । ଗତକାଲି ରାତିରେ କୁକୁଡ଼ାଖଣ୍ଡି ଅଞ୍ଚଳର ଇପିଲି ସୀତରାମଙ୍କୁ ଉଠାଇନେଇଛି । ସିବିଆଇ ପରୀକ୍ଷା ଜାଲିଆତିରେ ତାଙ୍କର ସଂପୃକ୍ତି ନେଇ ସନ୍ଦେହ ହେବା ପରେ ଏବଂ କିଛି ତଥ୍ୟ ହସ୍ତଗତ ହୋଇଛି । ମିଳିଥିବା ତଥ୍ୟ ଯାଞ୍ଚ କରିବାକୁ ସିବିଆଇ ତାଙ୍କୁ ନିୟମିତ ନୋଟିସ୍ କରି ଆସୁଥିଲା । ସେ କୌଣସି ଉତ୍ତର ଦେଉନଥିଲେ । ଗତକାଲି ରାତିରେ ସିବିଆଇର ଏକ ଟିମ୍ ବ୍ରହ୍ମପୁରରେ ପହଞ୍ଚିବା ପରେ ସଦର ଥାନା ସହଯୋଗରେ ଇପିଲି ସୀତାରାମଙ୍କୁ କୁକୁଡ଼ାଖଣ୍ଡିରୁ ଉଠାଇ ନେଇଥିବା ସଦର ଥାନା ଆଇଆଇସି ରାମ ସୁବ୍ରମଣ୍ୟମ୍ ପ୍ରଧାନ କହିଛନ୍ତି। ଇପିଲିଙ୍କ ବ୍ୟାଙ୍କ୍ ଆକାଉଣ୍ଟ ସହ ମୋବାଇଲ୍ ଫୋନ୍ ଏବଂ ସେ କିଛି ଚାକିରି ଆଶାୟୀଙ୍କ ସହ କଥା ହେବାର କଲ୍ ରେକର୍ଡ ସିବିଆଇ ପାଇଥିବା ସୁରାକ୍ ମିଳିଛି । ଏହି ରାକେଟ୍‌ର ତାଙ୍କର ସଂପୃକ୍ତି ଅଛି କି ନାହିଁ ତାହାର ତଦନ୍ତ ଚାଲିଥିବା ବେଳେ ଗଞ୍ଜାମ ଜିଲ୍ଲାର ଆଉ କିଛି ଲୋକଙ୍କ ଉପରେ ରହିଛି ସିବିଆଇ ନଜର । ସେପଟ୍ଟେମ୍ବର ୩୦ ତାରିଖରେ ଆନ୍ଧ୍ର ଅଭିମୁଖେ ଯାଉଥିବା ୧୧୪ଜଣ ପରୀକ୍ଷାର୍ଥୀଙ୍କୁ ଶ୍ରୀକାକୁଲମ୍‌ରୁ ଫେରାଇ ଆଣିଥିଲା ବ୍ରହ୍ମପୁର ପୁଲିସ ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ନିଲମ୍ବିତ

ସମ୍ବଲପୁର : ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗର ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବିତ ଅଧ୍ୟାପକ ହେଲେ ଡ଼. ସରୋଜ କୁମାର ସାହୁ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସୁପାରିସ ଆଧାରରେ ତାଙ୍କ ବିରୋଧରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦିଆଯାଇଛି। ତେବେ ନିଲମ୍ବନର ନିର୍ଦ୍ଦିଷ୍ଟ କାରଣ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ସ୍ପଷ୍ଟତା ଦେଇନାହାନ୍ତି। ଅନ୍ୟପକ୍ଷରେ, ଓଉଉର ତଦନ୍ତ ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି କୁହାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସମ୍ପୃକ୍ତ ଅଧ୍ୟାପକ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟାଳୟକୁ ପ୍ରବେଶ କରିପାରିବେ ନାହିଁ କିମ୍ବା ଶିକ୍ଷାଦାନ କରିପାରିବେ ନାହିଁ। ସେହିପରି ମୁଖ୍ୟାଳୟ ଛାଡ଼ିବା ପୂର୍ବରୁ କର୍ତ୍ତୃପକ୍ଷଙ୍କ ଅନୁମତି ନେବା ଅନିବାର୍ଯ୍ୟ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଏହି ଆଦେଶ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନିର୍ଦ୍ଦେଶ କ୍ରମେ କୁଳ ସଚିବ ଜାରି କରିଥିବା ସୂଚନା ମିଳିଛି।

## ● ମହାନଦୀ ଜଳ ବିବାଦ ମାମଲା
# ମାର୍ଚ୍ଚ ୧୪କୁ ଘୁଞ୍ଚିଲା ଶୁଣାଣି

ଭୁବନେଶ୍ୱର : ମହାନଦୀ ଜଳ ବିବାଦ ମାମଲା। ଆସନ୍ତା ମାର୍ଚ୍ଚ ୧୪ ତାରିଖକୁ ଘୁଞ୍ଚିଲା ଶୁଣାଣି। ଫେବ୍ରୁଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ସ୍ପଟ୍ ଭିଜିଟ୍ ହେବ। ଟ୍ରିବ୍ୟୁନାଲ୍ ସ୍ପଟ୍ ଭିଜିଟ୍ କରି ସାରିବା ପରେ ମାର୍ଚ୍ଚ ୧୪ ତାରିଖରେ ଶୁଣାଣି ହେବ। ଏପ୍ରିଲ ୧୩ ତାରିଖରେ ଟ୍ରିବ୍ୟୁନାଲ୍ ଅବଧି ଶେଷ ହେବାକୁ ଯାଉଛି। ଓଡ଼ିଶା ଏବଂ ଛତିଶଗଡ଼ ଟ୍ରିବ୍ୟୁନାଲ୍ ଅବଧି ବୃଦ୍ଧି ପାଇଁ ଅନୁରୋଧ କରିସାରିଛନ୍ତି। ୨୦୨୭ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଟ୍ରିବ୍ୟୁନାଲ୍ ଅଧ୍ୟକ୍ଷ ପଦ ଖାଲି ଥିବାରୁ ୯ ମାସ କାର୍ଯ୍ୟ ହୋଇନଥିଲା। ଯେଉଁଥିପାଇଁ କାର୍ଯ୍ୟକ୍ରମ ବିଳମ୍ବିତ ହୋଇଛି ବୋଲି ଇଏ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି।

ଅନ୍ୟପକ୍ଷରେ ସରକାରଙ୍କ ଟ୍ରିବ୍ୟୁନାଲ ଅବଧି ବୃଦ୍ଧି ପାଇଁ ଆବେଦନ ବିଳମ୍ବିତ ବୋଲି ବିଜେଡି ଅଭିଯୋଗ ଆଣିଛି। କାରଣ ପୂର୍ବରୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟ ସରକାରଙ୍କୁ କାର୍ଯ୍ୟକାଳ ବୃଦ୍ଧି ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଓଡ଼ିଶା ସରକାର ଠିକ୍ ସମୟରେ ଆବେଦନ କଲେ ନାହିଁ। ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଏନେଇ ରାଜସ୍ୱ ମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ସେପଟେ ମହାନଦୀ ପ୍ରସଙ୍ଗ ଉତ୍ଥାପନ କରିବା ସହ ବିଧାନସଭା ଭିତରେ ଓ ବାହାରେ ବିତର୍କ ପାଇଁ ବିଜେଡିକୁ ପୁଣି ଆହ୍ୱାନ କଲେ ରାଜସ୍ୱ ମନ୍ତ୍ରୀ । ସୁରେଶ ପୂଜାରୀ କହିଛନ୍ତି ଯେ, ଯଦି ସତସାହସ ଅଛି, ତେବେ ଓଡ଼ିଶାକୁ ନ୍ୟାୟ ଦେବା ପାଇଁ ସେମାନେ କଣ ପଦକ୍ଷେପ ନେଇଥିଲେ କୁହନ୍ତୁ । ତଥ୍ୟ ଆମ ପାଖରେ ଅଛି । ନିଜେ ହାରିବା ପାଇଁ କେଉଁ କେଉଁ ଘାତକ ଅସ୍ତ୍ର ତିଆରି କଲେ ଓ ଛତିଶଗଡକୁ ଦେଲେ ଆମେ କହିବୁ । ଆମେ କଣ ପଦକ୍ଷେପ ନେଇଛୁ ତାହା ଉପସ୍ଥାପନ କରିବୁ । ଓଡ଼ିଶାବାସୀ ଦେଖିବେ କିଏ ସାତ କହୁଛି କିଏ ମିଛ କହୁଛି । ପୂର୍ବ ସରକାର ଏତେ ଦିନ ପର୍ଯ୍ୟନ୍ତ ଓଡ଼ିଶା ପକ୍ଷ ରଖିବା ପାଇଁ ଯେଉଁ ଓକିଲମାନଙ୍କୁ ନିଯୁକ୍ତ କରିଥିଲେ, ୪୯ଟି ଶୁଣାଣି ହେଲା, କିନ୍ତୁ ପ୍ରକୃତ କାର୍ଯ୍ୟ ଘଣ୍ଟେ ମଧ୍ୟ ହୋଇନାହିଁ। ଟ୍ରିବ୍ୟୁନାଲରେ କେସ୍ ଚାଲିଛି, ଚାଲିବ। ଏ କେସକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏବେ ଓଡ଼ିଶା ସରକାର ଓକିଲ ନିଯୁକ୍ତ କରିଛନ୍ତି ।

# ଆତ୍ମସମର୍ପଣ କଲେ ମାଓବାଦୀ



ରାୟଗଡ଼ା : ରାଜ୍ୟରେ ମାଓବାଦୀ ବିରୋଧୀ ଅଭିଯାନକୁ ଏକ ବଡ଼ ସଫଳତା ମିଳିଛି। ଦକ୍ଷିଣ ଓ ଶୀର୍ଷ ମାଓବାଦୀ ନେତା ନିଖିଲ ଓ ତାଙ୍କ ସ୍ତ୍ରୀ ଇନ୍ଦୁ ସମେତ ୧୫ଜଣ ମାଓବାଦୀ ରାୟଗଡ଼ା ପୋଲିସ ଆଗରେ ଆତ୍ମସମର୍ପଣ କରିଛନ୍ତି। ଏନେଇ ଶନିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଓ ପୋଲିସ ଏଡିଜି(ଆଣ୍ଟି ନକ୍ସଲ ଅପରେଶନ) ସଞ୍ଜୀବ ପଣ୍ଡା । ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ସିହ୍ନା, ଆଇଜି ଅପରେଶନ ଦୀପକ କୁମାର, ଏସ୍ଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ ସିଂ, କୋରାପୁଟ ଡିଆଇଜି କନୱର ବିଶାଲ ସିଂ, ରାୟଗଡ଼ା ଏସ୍ ?ପି ସ୍ୱାଥି ଏସ୍ ?.କୁମାର, କନ୍ଧମାଳ ଏସ୍ ?ପି ହରିଶ ବିଶି, କଳାହାଣ୍ଡି ଏସ୍ ?ପି ନାଗରାଜୁ ଡିଓ ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ପ୍ରମୁଖ ଉପସ୍ଥିତ ଥିଲେ। ଦୁଇ ରାଜ୍ୟ କମିଟି ସଦସ୍ୟ ନିଖିଲ ଓ ଇନ୍ଦୁଙ୍କ ସମେତ ଜଣେ ଡିଭିଜନାଲ କମିଟି ସଦସ୍ୟ, ୫ଜଣ ଏରିଆ କମିଟି ସଦସ୍ୟ ଏବଂ ୭ଜଣ ସଦସ୍ୟ ଆତ୍ମସମର୍ପଣ କରିଛନ୍ତି। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ହିଂସା ଛାଡ଼ି ଗଣତାନ୍ତ୍ରିକ ପଦ୍ଧତିରେ ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଦେଇଥିବା ଡେଡ୍‌ଲାଇନ ପ୍ରକାରେ ସମସ୍ତ ମାଓବାଦୀ ଆତ୍ମସମର୍ପଣ କରିଥବା ଏଡିଜି ପଣ୍ଡା କହିଛନ୍ତି। ସମସ୍ତ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ପୁରସ୍କାର ରାଶି ଭାବେ ୧ କୋଟି ୯୮ଲକ୍ଷ ୫୫ ହଜାର ଟଙ୍କା ଏବଂ ମାରଣାସ୍ତ୍ର ବିରତି ବାବଦରେ ୧୮ଲକ୍ଷ ୮୬ ହଜାର ୫୦୦ଟଙ୍କା ପ୍ରଦାନ କରାଯିବ। ଏଥି ସହିତ ଆତ୍ମସମର୍ପଣ କରିଥିବା ମାଓବାଦୀ କ୍ୟାଡରମାନଙ୍କୁ ସରକାରୀ ଆତ୍ମସମର୍ପଣ ଓ ପୁନର୍ବାସ ନୀତି ଅନୁସାରେ ଆର୍ଥିକ ସହାୟତା, ସୁରକ୍ଷା ଓ ଜୀବିକା ଯୋଗାଯିବା ସହିତ ସେମାନଙ୍କୁ ସାମାଜିକ ମୁଖ୍ୟଧାରାକୁ ଫେରାଇ ଆଣିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ଏଡିଜି ପଣ୍ଡା କହିଥିଲେ।

# ଖୁବ୍ ଶୀଘ୍ର ଲାଗୁ ହେବ ନୂଆ ଅବକାରୀ ଆଇନ: ମନ୍ତ୍ରୀ

ଭୁବନେଶ୍ୱର, ୦୭ ଫେବୃଆରୀ (ହି.ସ.) : ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ ଅବକାରୀ ଆଇନ ଲାଗୁ ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଆବଶ୍ୟକ ପ୍ରକ୍ରିୟା ଶେଷ ହେବା ପରେ ଏହି ନୂଆ ଅବକାରୀ ଆଇନକୁ କଡ଼ାକଡ଼ି ଭାବେ ଅନୁପାଳନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ଆହୁରି ଜୋରଦାର କରାଯିବ। ରାଜ୍ୟରେ ଅବୈଧ ନିଶା କାରବାର ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ନୂଆ ବ୍ୟବସ୍ଥା ଅନୁଯାୟୀ, ରେଡ୍ ଓ ଏନଫୋର୍ସମେଣ୍ଟ କାର୍ଯ୍ୟକଳାପ ସମୟରେ ଅବକାରୀ ଏନଫୋର୍ସମେଣ୍ଟ ଟିମ୍‌ର ସଦସ୍ୟମାନେ ବଡି କ୍ୟାମେରା ପିନ୍ଧିବେ। ଏହା ଫଳରେ ତଦନ୍ତକାରୀ ଅଫିସରମାନେ କୋର୍ଟରେ ଭିଡିଓ ପ୍ରମାଣ ପ୍ରଦାନ କରିପାରିବେ।

# ୯ ହଜାର ବୋତଲ କଫ୍ ସିରପ ଜବତ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ପୋଲିସକୁ ମିଳିଛି ବଡ଼ ସଫଳତା। ୯ ହଜାର ବୋତଲ କଫ୍ ସିରପ ଜବତ କରିଛି ପୋଲିସ । ରାମପୁର ଥାନା ଅନ୍ତର୍ଗତ ସାହଜବାହଲ ଖେଳ ପଡିଆରୁ ରାମପୁର ଥାନା ପୋଲିସ ୨ଟି ଗାଡ଼ି ଜବତ କରିଛି । ତନ୍ମଧ୍ୟରେ ଗୋଟିଏ କାର ଏବଂ ଗୋଟିଏ ଭ୍ୟାନ୍ ରହିଛି । ଯାଂଚ୍ ବେଳେ ଏହି ଦୁଇ ଗାଡିରୁ ୯ ହଜାର ବୋତଲ କଫ୍ ସିରପ ଜବତ କରାଯାଇଛି ।

# ରାଜଧାନୀରେ ହିଟ୍ ଆଣ୍ଡ ରନ୍

ଭୁବନେଶ୍ୱର: ରାଜଧାନୀରେ ହିଟ ଆଣ୍ଡ ରନର ମାମଲା ସାମ୍ନାକୁ ଆସିଛି। ଖଣ୍ଡଗିରି ଅମ୍ବର ସାମ୍ନାରେ ଅଜଣା ଗାଡି ଧକାରେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଙ୍କୁ ଧକା ଦେଇ ଗାଡିଟି ଫେରାର ହୋଇଯାଇଛି। ଘଟଣାସ୍ଥଳରେ ଖଣ୍ଡଗିରି ଥାନା ପୋଲିସ ପହଂଚି ଛାନବିନ ଆରମ୍ଭ କରିଛି। ମୃତ ଯୁବକଙ୍କ ଘର ତମାଣ୍ଡୋ ଅଂଚଳରେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ କେଉଁ ଗାଡି ଦୁର୍ଘଟଣା ଘଟାଇଲା ଖୋଳତାଡ଼ କରୁଛି ପୋଲିସ।




# ଆଜିର ରାଶିଫଳ

**ମେଷ**
ଆଜି ଆପଣଙ୍କ ଯାତ୍ରା, ବାଣିଜ୍ୟ, ପାରିବାରିକ ସୁଖ, ସମୃଦ୍ଧିକୁ ଋଦ୍ଧିମନ୍ତ କରିବ। ଏପରି କି ଏକାଧାରରେ ଅର୍ଥ, ସମ୍ମାନ, ସ୍ୱାଗତ, ସମ୍ବର୍ଦ୍ଧନା ପାଇବାର ଯୋଗ ରହିଛି। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁମିଳନ, ନୂତନ ବସ୍ତ୍ରାଭରଣ, ସୌଜନ୍ୟମୂଳକ ସାକ୍ଷାତାଲୋଚନା ମାନସିକ ସ୍ଥିତିକୁ ଦୃଢ଼ୀଭୂତ କରିପାରେ।

**ବୃଷ**
ବୃହସ୍ପତିଙ୍କ ପ୍ରଭାବରେ ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଉପକୃତ ହେବେ। ବାହାର ଲୋକମାନଙ୍କ ମାଧ୍ୟମରେ କାର୍ଯ୍ୟ ହାସଲ କରିବେ। ପ୍ରତିଯୋଗିତାରେ ସଫଳତା, ମାଲିମକଦ୍ଦମାରେ ବିଜୟ ପ୍ରାପ୍ତି, ନୂତନଗୃହ କ୍ରୟ ଯୋଗୁ ଖୁସି ରହିପାରନ୍ତି। ଉଚ୍ଚଶିକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ସଙ୍ଗୀତାଦି କ୍ଷେତ୍ରରୁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**
ଦୂରଦର୍ଶିତା ଅଭାବରୁ ସମ୍ପର୍କୀୟଙ୍କ କାନକୁହା କଥାରେ ପାରିବାରିକ ଅସ୍ଥିରତାର ସୂଚନା ରହିଛି। ସକାଳୁ ବନ୍ଧୁଙ୍କ ଡାକରା ଚଳଚଞ୍ଚଳ କରାଇପାରେ। କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଏକ ତରଫା ହୋଇଯାଇ ପାରେ ଯାହାକୁ ନେଇ ସମାଲୋଚିତ ହେବାର ଆଶଙ୍କା ରହିଛି। ବ୍ୟବସାୟିକ ସ୍ଥିତି ଓ କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତି ଅମୀମାଂସିତ ରହିବ।

**କର୍କଟ**
ନୂଆ କାମ ଆରମ୍ଭର ବ୍ୟୟ ଅଟକଳ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଗତି ମାନସିକ ସ୍ଥିତିକୁ ସୁଦୃଢ଼ କରିବ। ଗୃହାରମ୍ଭ, ଯାନବାହନ ନବୀକରଣ, ରପତାନୀବାଣିଜ୍ୟ ଏବଂ ପରିବହନ ବାଧାପ୍ରାପ୍ତ ହେବ ନାହିଁ। ତଥାପି ସାମୟିକ ଭାବରେ ଅତୀତ କଥା ଓ ଉପସ୍ଥିତ ସମସ୍ୟା ସମ୍ପର୍କିତ ଚିନ୍ତାରେ ମନ ଉଦ୍ୱିଗ୍ନ ରହିପାରେ।

**ସିଂହ**
ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ସାମାଜିକ ପ୍ରତିଷ୍ଠା ସହ ଲକ୍ଷ୍ୟପୂରଣରେ ସହାୟକ ହେବ। ସାହିତ୍ୟ, ସାମ୍ବାଦିକତା, ଏଜେନ୍‌ଶିପ୍ ଓ ସଭାସମିତିରେ ପ୍ରଶଂସିତ ହେବେ । ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତପ୍ତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟ, ଜମିଜମା କ୍ରୟବିକ୍ରୟ ଏବଂ ମିଥ୍ୟାମକଦ୍ଦମାରେ ଜଡ଼ିତଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**କନ୍ୟା**
ଅନୁକୂଳ ଗ୍ରହସ୍ଥିତି କାର୍ଯ୍ୟସିଦ୍ଧି, ଅର୍ଥଗୌରବ, ବନ୍ଧୁଙ୍କ ଆଦର ପ୍ରାପ୍ତି କରାଇପାରେ। ଭାବପ୍ରବଣତାଜନିତ ଆନମନା ରହିପାରନ୍ତି। ଆତ୍ମୀୟଙ୍କ ପରାମର୍ଶରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ବୃତ୍ତି, ବାଣିଜ୍ୟ, କ୍ରୟବିକ୍ରୟ, ଯାତ୍ରା, ବିବାଦର ସମାଧାନ କ୍ଷେତ୍ରରେ ସଫଳତା ହାସଲ କରିବେ।

**ତୁଳା**
ଅନ୍ୟଦ୍ୱାରା ପ୍ରଭାବିତ ହୋଇ କର୍ମାରମ୍ଭ କଲେ ଭୁଲ୍ କରିବେ। ନିର୍ମାଣାଧୀନ କାମ, ଚୁକ୍ତିପତ୍ର, ବିବାଦୀୟ ଘଟଣା ଓ ଜମିଜମା କିଣା ବିକାରେ ସତର୍କତା ଅବଲମ୍ବନ କରିବା ଭଲ। ସଭାସମିତି, ଲେଖାପଢ଼ା, ସାହିତ୍ୟ, ବକ୍ତୃତା କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଜିର ଯାତ୍ରା, କର୍ମାରମ୍ଭ ଓ ସରକାରୀ ସ୍ତରରେ ଦେଖାସାକ୍ଷାତରୁ ଉପକୃତ ହୋଇପାରନ୍ତି।

**ବିଛା**
ଦିନଟିରେ କିଛି କାମ ସନ୍ତୋଷଜନକ ହେବ। କର୍ମକ୍ଷେତ୍ରରେ, ପ୍ରଶାସନିକ ସ୍ତରରେ, ରାଜନୈତିକ ଆଲୋଚନାରେ ଟେନସନ୍ ଦୂର ହୋଇପାରେ। କୃତି ଓ କୃତିତ୍ୱର ପୃଷ୍ଠଭୂମିରେ ନୂତନ ବସ୍ତ୍ରଭୂଷଣ, ସମ୍ମାନ ପ୍ରାପ୍ତି ଯୋଗ ମଧ୍ୟ ରହିଛି। ପାରିବାରିକ ସମସ୍ୟା ସଜାଡିବାରେ ଯନତ୍ୱାନ ହେବା ସାଙ୍ଗକୁ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିପାରନ୍ତି।

**ଧନୁ**
ଶନିଙ୍କ ପ୍ରଭାବ ନକାରାତ୍ମକ ଚିନ୍ତାଧାରାରେ ବିଷାଦିତ କରିପାରେ। ପ୍ରତ୍ୟେକ କାର୍ଯ୍ୟ ସକାଶେ ଧୈର୍ଯ୍ୟ ବୃଦ୍ଧି ପାଇବ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ମିତ୍ର, ବନ୍ଧୁମାନଙ୍କ ପରାମର୍ଶ ମାନିବା ଭଲ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଳା, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ସମ୍ମାନିତ ହୋଇପାରନ୍ତି।

**ମକର**
ଆଜି ବିବାଦୀୟ ଚିନ୍ତାଧାରା ସାଙ୍ଗକୁ ଦୁର୍ଭାବନା ଅସ୍ଥିରତାର କାରଣ ହେବ। ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାରାଦି କ୍ରୟ କରିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ ଲାଭକରି ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ବିଶେଷ ଖୁସି ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ମାନସିକ ଦୁଶ୍ଚିନ୍ତାର କାରଣ ହେବ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣିଲାପରି ପରିସ୍ଥିତି ସୃଷ୍ଟି ହେବ। ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟରେ ବ୍ୟତିକ୍ରମଜନିତ ଆଜିର ଯାତ୍ରାରେ ବ୍ୟସ୍ତତା ଅନୁଭବ କରିବେ। ଅର୍ଥନୈତିକ ସ୍ଥିତି ପ୍ରଗତି କ୍ଷେତ୍ରରେ ସହାୟକ ହୋଇପାରିବ।

**ମୀନ**
ଦୂରଦର୍ଶିତା ଏବଂ ସମୟୋପଯୋଗୀ ଚିନ୍ତାଧାରା ଯୋଗୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଉତ୍ତମ ରହିବ। ପଡ଼ୋଶୀଙ୍କ କଥାରେ ଚିହ୍ନା ପଡି କୌଣସି କାମ କରିବା ଠିକ୍ ହେବ ନାହିଁ। ଗବେଷଣା, ସାହିତ୍ୟ, ସଙ୍ଗୀତରେ ସମସ୍ୟା ସମାଧାନ ହୋଇଯିବ। ଭ୍ରମଣ ରାଜନୀତି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଞ୍ଜନ ପାଇଁ ଦିନଟି ବହୁତ ଭଲ।

# ବିଶ୍ୱର ଗଭୀରତମ ଗୁମ୍ଫା

ବିଶ୍ୱରେ ଏମିତି କିଛି ଅଜବ ସ୍ଥାନ ରହିଛି, ଯାହା ରୋମାଞ୍ଚକର ହେବା ସହ ବିପଦପୂର୍ଣ୍ଣ ମଧ୍ୟ ହୋଇଥାଏ। ଏପରି ଏକ ଜାଗା ହେଉଛି ଭେରିଓଭକିନା ଗୁମ୍ଫା; ଯାହା ବିଶ୍ୱର ସବୁଠୁ ଗଭୀରତମ। ଗୁମ୍ଫା ଏତେ ଗଭୀର ଯେ, ଯେ କେହି ଏହା ଭିତରକୁ ଯିବାକୁ ସାହସ କରିପାରନ୍ତିନି। ତା' ଭିତରେ ଏପରି ଲାଗେ, ଯେପରି ଏହି ଗୁମ୍ଫା ପାତାଳ ଲୋକକୁ ଲମ୍ବିଛି। ସେଥିପାଇଁ ବହୁ ଲୋକ ଏହି ଗୁମ୍ଫାକୁ ଦେଖି ଡରି ଯାଆନ୍ତି। ସୂଚନା ମୁତାବକ ଭେରିଓଭକିନା ଗୁମ୍ଫାର ଗଭୀରତା ୭ ହଜାର ୨୫୭ ଫୁଟ। ଏହି ଗୁମ୍ଫା ଅବଖାଜିଆର ଆରବିକା ମାସିଫରେ ଅବସ୍ଥିତ; ଯାହା ଜର୍ଜିଆର ଏକ ଅନ୍ୟ ଅଞ୍ଚଳ। ତେବେ ଗୁମ୍ଫାର ପୂରା ଯାତ୍ରା କରିବାକୁ ଅତି କମ୍ରେ ଗୋଟିଏ ସପ୍ତାହ ଲାଗିଥାଏ। ଏହି ଗୁମ୍ଫା ଚୂନାପଥରରେ ତିଆରି ହୋଇଛି। ଏହାକୁ ପ୍ରଥମ ଥର ପାଇଁ ୧୯୬୮ରେ ଉଦ୍ଧାର କରାଯାଇଥିଲା। ସେତେବେଳେ ଏହି ଗୁମ୍ଫାର ଅଧିକାଂଶ ଭାଗ ବିଷୟରେ ଜଣାପଡ଼ି ନ ଥିଲା। ୧୯୮୨ରେ ମସ୍କୋର ସ୍ପେଲିଓଲୋଜି କ୍ଲବ ଗୁମ୍ଫାର କିଛି ଅଂଶ ବାବଦରେ ଉଦ୍ଧାର କରିଥିଲେ। ପୂର୍ବରୁ ଏହି ଗୁମ୍ଫାର ନାମ ଗୋତାଖୋର ଆଲେକ୍ସଜ୍ୟାଣ୍ଡର ଭେରେଭ୍କିନାଙ୍କ ନାମରେ ରଖାଯାଇଥିଲା; ଯାହାଙ୍କ ମୃତ୍ୟୁ ୧୯୮୩ରେ ହୋଇଥିଲା। ମାର୍ଚ୍ଚ ୨୦୧୮ ପୂର୍ବରୁ ବିଶ୍ୱର ସବୁଠୁ ଗଭୀରତମ ଗୁମ୍ଫା ଭାବେ ରେକର୍ଡ କ୍ରୁବେରା ଗୁମ୍ଫା ନାମରେ ଥିଲା। ବିଶ୍ୱର ଏହା ଗଭୀରତମ ଗୁମ୍ଫା ଭାବେ ୨ୟ ସ୍ଥାନରେ ରହିଛି; ଯାହାର ଗଭୀରତା ୭ ହଜାର ୨୧୫ ଫୁଟ। ଜର୍ଜିଆର ଅବଖାଜିଆ ଜିଲାରେ ଏହି ଗୁମ୍ଫା ଅବସ୍ଥିତ। ଭେରିଓଭକିନା ଗୁମ୍ଫା ଭିତରକୁ ଯିବା ଏତେ ସହଜ ନୁହେଁ। ଯେଉଁମାନେ ଅତ୍ୟନ୍ତ ସାହସୀ କେବଳ ସେଭଳି ଲୋକ ହିଁ ତା' ଭିତରକୁ ଯାଇଥାନ୍ତି। ଏହି ଗୁମ୍ଫା ଏତେ ପ୍ରସିଦ୍ଧ ଯେ, ଲୋକେ ଏହାକୁ ଦେଖିବାକୁ ବହୁ ଦୂରରୁ ଆସିଥାନ୍ତି।



# ତ୍ୱଚାର ସୁନ୍ଦରତା ବଢ଼ାଏ ତୁଳସୀ ପତ୍ର



ଏଖରା, ଝାଳ, ଧୂଳି, ଧୂଆଁ ଆଦି ପ୍ରଭାବରୁ ତ୍ୱଚାକୁ ସୁରକ୍ଷା ପ୍ରଦାନ କରିବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ତୁଳସୀ ଏକ ବରଦାନ ସଦୃଶ। ଜାଣନ୍ତୁ ଏହାର ଉପକାରିତା ଏବଂ ବ୍ୟବହାର ସମ୍ପର୍କରେ...

ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି, ଯାହା ଡ୍ୟାମେଜ୍ ସ୍କିନ୍କୁ ରିପେୟାର କରିବା ସହ ଏଜ୍ଲାଇନ୍ ଦୂର କରିବାରେ ସାହାଯ୍ୟ କରିଥାଏ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ତ୍ୱଚାକୁ ବ୍ୟାକ୍ଟେରିଆଲ୍ ଇନଫେକ୍ସନ, ବ୍ରଣ ଆଦି ସମସ୍ୟାରୁ ରକ୍ଷା କରିଥାଏ। ଏଥିରେ ଭିଟାମିନ୍ ସି ମାତ୍ରା ଅଧିକ ଥିବାରୁ ତ୍ୱଚାକୁ ଚମକପ୍ରଦ ରଖିଥାଏ। ପତ୍ରକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏକ ଚାମଚ ଏହି ପେଷ୍ଟ ସହିତ ଏକ ଚାମଚ ଓଟ୍ମିଲ୍ ଏବଂ ଅଳ୍ପ କ୍ଷୀର ମିଶାଇ ସ୍କ୍ରବ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ ମିନିଟ୍ ଧୀରେ ଧୀରେ ମସାଜ୍ କରନ୍ତୁ ଏବଂ ପାଣିରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇ ଥର ଏପରି କଲେ ତ୍ୱଚାରେ ଜମିଥିବା ମଳି ସଫା ହେବ ଏବଂ ପୋର୍ସ ଖୋଲିଯିବ, ଯାହାଦ୍ୱାରା ବ୍ରଣ ସମସ୍ୟା ଦେଖାଦେବ ନାହିଁ। ପତ୍ର ବଟା କିମ୍ବା ଏହାର ପାଉଡର ଦୁଇ ଚାମଚ ନିଅନ୍ତୁ। ସେଥିରେ ଏକ ଚାମଚ ମୁଲତାନି ମାଟି ଏବଂ ଅଧାଚାମଚ ଲେମ୍ବୁରସ ମିଶାନ୍ତୁ। ସେଥିରେ ଅଳ୍ପ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାର ଟାନିଂ ସମସ୍ୟା କମାଇବା ସହ ଗ୍ଲୋ ବଢ଼ାଇବାରେ ସାହାଯ୍ୟ କରିବ।

# ସପ୍ତାହରେ ଦୁଇଥର ଖାଆନ୍ତୁ ଚୁନାମାଛ

ସପ୍ତାହକୁ ଦୁଇ ଥର ମାଛ ଖାଇବା ଦ୍ୱାରା ହୃତପିଣ୍ଡ ସୁସ୍ଥ ରହିବା ସହ ହାର୍ଟଆଟାକ ଆଶଙ୍କା ହ୍ରାସ ପାଇଥାଏ। ମାଛରେ ପ୍ରଚୁର ମାତ୍ରାରେ ଓମେଗା ୩ ଫ୍ୟାଟି ଏସିଡ ଥାଏ। ଯାହା ହୃଦରୋଗ ଜନିତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଆମେରିକା ହାର୍ଟ ଆସୋସିଏସନର ବୈଜ୍ଞାନିକଙ୍କ ପରାମର୍ଶରେ ଏହି ଦାବି କରାଯାଇଛି। ଆମେରିକାର ହାଭାର୍ଡ ଟିଏଚାନ ସ୍କୁଲ ଅଫ ପବ୍ଲିକ ହେଲଥର ପ୍ରଫେସର୍ ଏରିକ ବି ରିମଙ୍କ ମତରେ, ବୈଜ୍ଞାନିକଙ୍କ ଏହି ଗବେଷଣାରେ ଓମେଗା ୩ ଫ୍ୟାଟି ଏସିଡ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ; ବିଶେଷକରି ହୃତପିଣ୍ଡ ପାଇଁ ତାହା ଜାଣିବାକୁ ଚେଷ୍ଟା କରାଯାଇଥିଲା। ଗବେଷଣାରେ ସାମିଲ ଲୋକଙ୍କୁ ସପ୍ତାହକୁ ଦୁଇଥର ମାଛ ଖାଇବାକୁ ଦିଆଯାଇଥିଲା, ଯେଉଁଥିରେ ଓମେଗା ୩ ଫ୍ୟାଟି ଏସିଡ ସ୍ତର ଅଧିକ ଥିଲା। ନିଷ୍କର୍ଷରେ ଦେଖିବାକୁ ମିଳିଥିଲା, ଯେଉଁମାନଙ୍କର ହୃଦରୋଗ ଜନିତ ସମସ୍ୟା ଥିଲା ତାହା ଅନେକ ମାତ୍ରାରେ ହ୍ରାସ ପାଇଥିଲା। ଯେଉଁମାନେ ହୃଦରୋଗରେ ପୀଡ଼ିତ ହେବାକୁ ଯାଉଥିଲେ ସେମାନଙ୍କ ହୃତପିଣ୍ଡ ସମ୍ପୂର୍ଣ୍ଣ ସୁସ୍ଥ ଆଡ଼କୁ ଗତି କରିଥିଲା।



# ଆର୍ଥିକ ସମସ୍ୟା ଦୂର କରେ ଫିଟିକିରି

୯୦ ଦଶକର ପିଲାମାନେ ଫିଟିକିରି ବିଷୟରେ ନିଶ୍ଚିତ ଭାବେ ଜାଣିଥିବେ। ଏହି ଧଳା କିମ୍ବା ହାଲୁକା ହଳଦିଆ ରଙ୍ଗର ପଥର ପରି ଜିନିଷଟି ବର୍ଷ ବର୍ଷ ଧରି କ୍ଷତ, କଟା ଘା' ଏବଂ କ୍ଷତକୁ ସୁସ୍ଥ କରିବା ପାଇଁ ବ୍ୟବହୃତ ହୋଇଆସୁଛି। ମାତ୍ର ୫ ଟଙ୍କାର ଏହି ଜିନିଷ ଅନେକ ଦୈନନ୍ଦିନ ସମସ୍ୟାର ସମାଧାନ କରିପାରିବ। ଆୟୁର୍ବେଦରେ ଫିଟିକିରିର ଅନେକ ବ୍ୟବହାର ବିଷୟରେ ଉଲ୍ଲେଖ କରାଯାଇଛି। ଚିକିତ୍ସା ବିଜ୍ଞାନ ଅନୁସାରେ, ଫିକଟିରରେ ବ୍ୟାକ୍ଟେରିଆ ବିରୋଧୀ, ଆଣ୍ଟିସେପ୍ଟିକ ଏବଂ ଆଷ୍ଟ୍ରିଜେଣ୍ଟ ଗୁଣ ରହିଛି। ଗୋଟିଏ ଯୌଗିକରେ ଏହି ତିନୋଟି ଗୁଣ ପାଇବା ଏକ ବିରଳ ଗୁଣ। ଡାକ୍ତର ସଲିମ ଜୈଦିଙ୍କ ଅନୁସାରେ, ଶରୀରର ଦୁର୍ଗନ୍ଧଠାରୁ ଆରମ୍ଭ କରି ମୁହଁର ଚମକ ପର୍ଯ୍ୟନ୍ତ, ଫିଟିକିରି ବହୁତ କିଛି ଲାଭ ଦେଇପାରେ। ଏହା ଶରୀର ପାଇଁ କୌଣସି ବରଦାନଠାରୁ କମ ନୁହେଁ। ଯଦି କାହାର ଶରୀରରୁ ଦୁର୍ଗନ୍ଧ ଆସୁଛି, ତେବେ ଲୋକମାନେ ତାଙ୍କ ସହିତ ବସିବାକୁ ମଧ୍ୟ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଫିଟିକିରିର ବ୍ୟବହାର ସେମାନଙ୍କ ପାଇଁ ବହୁତ ଲାଭଦାୟକ ହୋଇପାରେ। ଯଦି



ଏପରି ଲୋକମାନେ ନିୟମିତ ଫିଟିକିରି ପାଣିରେ ଗାଧୋଇବେ, ତେବେ ଶରୀରର ଦୁର୍ଗନ୍ଧ କମିଯାଏ। ମୁହଁରେ ଅସମୟରେ କିମ୍ବା ଅକାଳରେ କୁଞ୍ଚନ ଦେଖାଯିବା, ବାର୍ଦ୍ଧକ୍ୟ ହେବାର ଦୃଶ୍ୟମାନ ଲକ୍ଷଣ ଆଜିକାଲିର ଏକ ବଡ଼ ସମସ୍ୟା। ଏହାର ଏକ ପ୍ରମୁଖ କାରଣ ହେଉଛି ଆଜିର ଜୀବନଶୈଳୀ ଏବଂ ପ୍ରଦୂଷଣ। ଯଦି ଏପରି ଲୋକମାନେ ପାଣିରେ ଫିଟିକିରି ମିଶାଇ ୫ ରୁ ୬ ମିନିଟ ପର୍ଯ୍ୟନ୍ତ ମୁହଁ ମାଲିସ କରନ୍ତି, ତେବେ ସେମାନେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ। କେବଳ ଏତିକି ନୁହେଁ, ତାଙ୍କ ମୁହଁରେ ଏକ ଚମକ ମଧ୍ୟ ସ୍ପଷ୍ଟ ଭାବରେ ଦେଖାଯାଉଛି। ଫିଟିକିରିରେ ଥିବା ଆଷ୍ଟ୍ରିଜେଣ୍ଟ ଗୁଣ ଯୋଗୁଁ, ଏହା ତ୍ୱଚାର ବଡ଼ ଛିଦ୍ରଗୁଡ଼ିକୁ କଡ଼ା କରିବାରେ ମଧ୍ୟ ସାହାଯ୍ୟ କରେ। ଛୋଟ କ୍ଷତ ଏବଂ କଟା ଘା'କୁ ଭଲ କରିବା ପାଇଁ ଫଟିକିରି ବ୍ୟବହାର କରାଯାଏ। ଏହାର ଆଣ୍ଟିସେପ୍ଟିକ ଗୁଣ ଯୋଗୁଁ, ଏହା ଯେକୌଣସି ପ୍ରକାରର ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରେ।

ଘରେ ଆର୍ଥିକ ସମସ୍ୟା ଦେଖା ଦେଉଥିଲେ ବା ବ୍ୟବସାୟରେ ଉନ୍ନତି ହେଉ ନ ଥିଲେ କଳା କପଡାରେ ଖଣ୍ଡେ ଫିଟିକିରି ବାନ୍ଧି ମୁଖ୍ୟ ଦ୍ୱାରରେ ବାନ୍ଧି ଦେଲେ ଏହି ସମସ୍ୟା ଦୂର ହୋଇଥାଏ ବୋଲି ବାସ୍ତୁ ଶାସ୍ତ୍ରରେ କୁହାଯାଇଛି। ଘରୁ ନକରାତ୍ମକ ପ୍ରଭାବ ଦୂର କରିବା ପାଇଁ ଗାଧୁଆ ଘରେ ଫିଟିକିରି ଅବା ଲୁଣର ଏକ ପାତ୍ର ରଖିଲେ ଏହା ଦୂର ହୋଇଥାଏ।

# ଚିକେନ୍ ତଡ଼କା

**ଆବଶ୍ୟକ ସାମଗ୍ରୀ :** ଚିକେନ୍, ମସୁର ଡାଲି, ଗୋଟା ମୁଗ, ବୁଟ ଡାଲି, ପିଆଜ, ରସୁଣ, ଅଦା, ଲଙ୍କା, ଡାଲଚିନି, ଗୁଜୁରାତି, ତେଜପତ୍ର, ତେଲ, ଟମାଟୋ ଓ ଧନିଆ ପତ୍ର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମସୁର ଡାଲି, ବୁଟ ଡାଲି ଓ ମୁଗକୁ କିଛି ସମୟ ପାଇଁ ଭିଜାଇ ରଖନ୍ତୁ। ତା'ପରେ ଭିଜା ମୁଗ, ମସୁର ଡାଲି ଓ ବୁଟ ଡାଲିକୁ ଅଳ୍ପ ସିଝାଇ ଦିଅନ୍ତୁ। ଏହାପରେ କଡ଼େଇରେ ତେଲ ଗରମ କରି ସେଥିରେ ପିଆଜ ରସୁଣ, ଅଦା ଓ ଲଙ୍କା ବଟା ପକାନ୍ତୁ। ମସଲା ବାଦାମୀ ରଙ୍ଗ ହୋଇଆସିବା ପରେ କଟା ଟମାଟୋ ପକାନ୍ତୁ। ଅଳ୍ପ ସମୟ ପରେ ସେଥିରେ ଚିକେନ୍, ହଳଦୀ ଓ ଲୁଣ ପକାଇ କଷନ୍ତୁ। କଷି ହୋଇଯିବା ପରେ ପାଣି ସହିତ ସିଝା ହୋଇଥିବା ମସୁର, ମୁଗ ଓ ବୁଟ ଡାଲି ପକାନ୍ତୁ। ମାଂସ ସିଝିଯିବା ପରେ ସେଥିରେ ଡାଲଚିନି ଓ ଗୁଜୁରାତି ଗୁଣ୍ଡ ପକାନ୍ତୁ। ଏହା ପରେ ମାଂସ ଓ ଡାଲିକୁ ବଘାରି ଦିଅନ୍ତୁ ବା ଛୁଙ୍କ ଦିଅନ୍ତୁ । ବଘାରିବା ପାଇଁ ପ୍ୟାନ୍ରେ ତେଲ ଗରମ କରି ସେଥିରେ କଟା ପିଆଜ ଓ ଛୋଟ ଛୋଟ କଟା ଯାଇଥିବା କଞ୍ଚା ଲଙ୍କା ପକାନ୍ତୁ। ବଘାରି ସାରିବା ପରେ ଏଥିରେ କଟା ଧନିଆ ପତ୍ର ପକାଇ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଗରମ ଗରମ ଚିକେନ୍ ତଡ଼କା। ଏହି ରେସିପିଟିକୁ ରୁଟି କିମ୍ବା ନାନ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ । ଏହି ରେସିପିଟିକୁ ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।



# ଷ୍ଟ୍ରାପ୍‌ଲେସ୍ ଗାଉନ୍‌ରେ ପଲକ ତିୱାରୀ



ପଲକ ତିୱାରୀ ପ୍ରାୟତଃ ତାଙ୍କ ଲୁକ୍ ପାଇଁ ଖବରରେ ରହିଥାନ୍ତି। ଏଥର ମଧ୍ୟ ସେ ଏକ କାର୍ଯ୍ୟକ୍ରମରେ କଳା ଭେଲଭେଟ୍ ମର୍ମେଡ୍ ଗାଉନ୍ ପିନ୍ଧି ଦେଖା ଦେଇଛନ୍ତି ଏବଂ ତାଙ୍କର ଷ୍ଟାଇଲିସ୍ ଲୁକ୍ ଚର୍ଚ୍ଚାର ବିଷୟ ପାଲଟିଛି। ପଲକ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ତାଙ୍କ ମର୍ମେଡ୍ ଲୁକର କିଛି ଫଟୋ ସେୟାର କରିଛନ୍ତି । ଏହି ଫଟୋଗୁଡ଼ିକରେ ପଲକ ଖୁବ୍ ଆକର୍ଷଣୀୟ ଲାଗୁଛନ୍ତି। ଏହି ଗାଉନ୍ଟି ଷ୍ଟ୍ରାପ୍ଲେସ୍ ଏବଂ ବଡୀ-ଫିଟ୍ ହୋଇଥିବା ବେଳେ ଗାଉନରେ ଏକ କର୍ଭ-କଟ୍ ନେକ୍ଲାଇନ୍ ଏବଂ ସିକ୍ୱିନ୍-ସିଲଭର୍ ଷ୍ଟୋନ କାମ ହୋଇଛି। ପଲକ୍ ଡ୍ରେସ୍ ସହିତ ଏକ ହୀରା-ଖଚିତ ହାର ପିନ୍ଧିଛନ୍ତି। ଏହି ଗାଉନର ମୂଲ୍ୟ ପ୍ରାୟ ୨.୪୫ ଲକ୍ଷ ଟଙ୍କା ବୋଲି କୁହାଯାଉଛି। ପଲକଙ୍କ ପ୍ରଶଂସକମାନେ ଏହି ଲୁକକୁ ଖୁବ୍ ପସନ୍ଦ କରୁଛନ୍ତି।

ସ୍ୱଚ୍ଛତା ମାଧ୍ୟମରେ ସମ୍ମାନ, ସ୍ୱାସ୍ଥ୍ୟ ମାଧ୍ୟମରେ ଭାରତକୁ ସଶକ୍ତ କରାଯାଇଛି

GOVERNMENT OF INDIA

ସ୍ୱଚ୍ଛତା ପାଇଁ ଶୌଚାଳୟ, ସାମୁଦାୟିକ ପରିମଳ କମ୍ପ୍ଲେକ୍ସ ଏବଂ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯିବ

CBC 35101/13/0110/2526



ବିକାଶ ଭାରତ - ରୋଜଗର ଏବଂ ଅଜୀବିକା ମିଶନ (ଗ୍ରାମିନ) ପାଇଁ ଗ୍ୟାରେଣ୍ଟି: ଭିବି ଗ୍ରାମଜି

(ବିକଶିତ ଭାରତ - ଜୀ ରାମ ଜୀ) ଆଇନ, ୨୦୨୫

୧୨୫ ଦିନର ନିଯୁକ୍ତି ଗ୍ୟାରେଣ୍ଟି






କଟକର ଚାରବାଟିଆ ବିମାନବନ୍ଦରରେ ବେସାମରିକ ବିମାନ ଚଳାଚଳ କାର୍ଯ୍ୟକୁ ବିସ୍ତାର କରିବା ପାଇଁ ମାନ୍ୟବର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁଙ୍କ ସହ ଆଲୋଚନା କରୁଛନ୍ତି କଟକ ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବ । ଓଡିଶା ପାଇଁ ଦୃଢ଼ ଆଞ୍ଚଳିକ ସଂଯୋଗୀକରଣ, ଅର୍ଥନୈତିକ ଅଭିବୃଦ୍ଧି ଏବଂ ନୂତନ ସୁଯୋଗ ଦିଗରେ ଚାରବାଟିଆ ବିମାନବନ୍ଦର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ।

# ବେଜଟ୍ ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବ: ଧର୍ମେନ୍ଦ୍ର

ଭୁବେନଶ୍ୱର, (ହି.ସ)- ଭୁବେନଶ୍ୱର ଠାରେ ଶନିବାର ଅୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧେମର୍ନ୍ଦ୍ର ପ୍ରଧାନ ଯୋଗେଦଇ କେନ୍ଦ୍ରୀୟ ବେଜଟ୍ ୨୦୨୬-୨୭କୁ 'ବିକଶିତ ଭାରତ' ଗଠନର ଏକ ବଳିଷ୍ଠ ଆଧାର ବୋଲି ଅଭିହିତ କରିଛନ୍ତି । ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦୀଙ୍କ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରେର ଅନୁପ୍ରାଣିତ ଏହି ବେଜଟ୍, ସମାଜର ସବୁ ବଗର୍ର ଆକାଂକ୍ଷା ପୂରଣ କରିବା ସହ ଶିକ୍ଷା, କୃଷି ଓ ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରେର ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବା ନେଇ ସେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି । ଉେଲ୍ଲଖନୀୟ ଯେ, ଏହି ସମ୍ମିଳନୀରେ ରାଜ୍ୟ ବଜେପି ସଭାପତି ଶ୍ରୀ ମନେମାହନ ସାମଲ ଉପସ୍ଥିତ ଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ବତର୍ମାନ ବିଶ୍ୱର ଚତୁର୍ଥ ବୃହତମ ଅଥର୍ନୀତି ଭାବେ ଉଭା ହୋଇଥିବା ବେେଳ ଏହି ବେଜଟ୍ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬.୮% ରୁ ୭.୨% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି । ଏହା ସମାଜର ସବୁ ବଗର୍ର ଆକାଂକ୍ଷା ପୂରଣ କରିବା ସହ ଏକ ସମାେବଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି । ୨୦୧୩-୧୪ର ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଅାମେରିକୀୟ ଡଲାର ଥିବା ବେେଳ ଆଜି ମୋଦୀ ସରକାରେର ତାହା ୭୭ ପ୍ରତିଶତ ବଢି ୮୨୪.୯ ବିଲିୟନ ଅାମେରିକୀୟ ଡଲାର ହୋଇଛି । ଦେଶେର ବଦେିଶ ପ୍ରତ୍ୟକ୍ଷ ପୁଞ୍ଜିନବେିଶ ବା ଏଫଡିଆଇ ୨୦୧୩-୧୪ ବଷର୍େ ୩୬.୦୫ ବିଲିୟନ ଅାମେରିକୀୟ ଡଲାର ଥିଲା । ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଅାମେରିକୀୟ ଡଲାର ହୋଇଛି । ଦେଶର ଜିଡିପି ହାର ୨୦୧୪-୧୫ର ୧୦୬.୫୭ କୋଟିରୁ ତିନିଗୁଣା ବଢି ୩୩୧.୦୩ କୋଟି ହୋଇଛି । ଆମ ଦେଶେର ବେୈଦେଶିକ ମୁଦ୍ରା ଭଣ୍ଡାର (ଫେରକ୍ସ ରିଜଭ୍ର୍) ୬୯୭.୯ ବିଲିୟନ ଅାମେରିକୀୟ ଡଲାର ବଢିଛି । ମୁଦ୍ରା ସ୍ଥିତି ନିୟନ୍ତ୍ରଣ ହୋଇଛି । ୨୦୨୦ରେ ଜିଏସଟି କେଲକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେେଳ ଏେବ ତାହା ବଢି ୨୨ ଲକ୍ଷ କୋଟି ହୋଇଛି । ଭାରତର ଷ୍ଟାଟର୍ଅପ ଇେକାସିଷ୍ଟମ ବିଶ୍ୱେର ତୃତୀୟ ହୋଇଛି । ମୋଦୀ ସରକାରେର ଲୋକଙ୍କ ଜନଜୀବନ ସହଜ ହୋଇଛି । ୨୦୩୫ ସୁଦ୍ଧା ଏଆଇ ୧.୭ ଟ୍ରିଲିୟନ ଡଲାର ଯୋଗଦାନ କରିବାର ଲକ୍ଷ୍ୟ ରଖାଯାଇଛି । ଚଳିତ ବେଜଟେର ଆଗାମୀ ୫ ବର୍ଷ ପାଇଁ ୧୦,୦୦୦ କୋଟି ଟଙ୍କାର ବ୍ୟୟବରାଦ ସହ 'ବାୟୋଫାର୍ମା ଶକ୍ତି' ଏବଂ ୪୦,୦୦୦ କୋଟି ଟଙ୍କାର 'ଇଣ୍ଡିଆ ସେମିକଣ୍ଡକ୍ଟର ୨.୦' ମିଶନର ଶୁଭାରମ୍ଭ କରାଯାଇଛି। ଶ୍ରମ-ଭିତିକ ବୟନ ଶିଳ୍ପ ଏବଂ ଖଦି-ହସ୍ତଶିଳ୍ପର ବିକାଶ ପାଇଁ 'ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ' ଅଭିଯାନ ଘୋଷଣା କରାଯାଇଛି। ଏମଏସଏମଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦,୦୦୦ କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ୍ ଗଠନ କରାଯାଇଛି। ଯୁବପିଢ଼ିଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ 'ଇଟୁଇ' (ଶିକ୍ଷାରୁ ନିଯୁକ୍ତି ଓ ଉେଦ୍ୟାଗ) ମାନକ କମିଟି ଗଠନର ପ୍ରସ୍ତାବ ଦିଆଯାଇଛି । ଦେଶର ୧୫,୦୦୦ ମାଧ୍ୟମିକ ବିଦ୍ୟାଳୟ ଓ ୫୦୦ କେ-ଲଜେର 'ଏଭିଜିସି' (ଆନମିେସନ୍, ଗେମିଂ) ଲ୍ୟାବ୍ ପ୍ରତିଷ୍ଠା ହେବ । ଛାତ୍ରୀମାନଙ୍କୁ ଷ୍ଟେମ ଶିକ୍ଷାରେ ସହାୟତା ପାଇଁ ପ୍ରତି ଜିଲ୍ଲାେର ଗୋଟିଏ ଲେଖାଏଁ ଛାତ୍ରୀନିବାସ ନିର୍ମାଣ କରାଯିବ । ଶିକ୍ଷା ଓ ଚିକିତ୍ସା ଉେଦ୍ଦଶ୍ୟେର ବଦେିଶକୁ ଅର୍ଥ ପ୍ରେରଣ ଉପେର ଟିସିଏସ ହାରକୁ ୫% ରୁ ୨% କୁ ହ୍ରାସ କରାଯାଇଛି । ଏହି ବେଜଟ୍ େ?ର ଭିତିଭୂମି ବିକାଶ ପାଇଁ ବ୍ୟ-ୟବରାଦକୁ ୧୧ ଲକ୍ଷ କୋଟିରୁ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହା ଦେଶର ପ୍ରଗତି ପଥକୁ ପ୍ରଶସ୍ତ କରିବ । ଦେଶେର ୭ଟି ହାଇ-ସ୍ପିଡ୍ ରେଳ କରିଡର ସହ ପର୍ଯ୍ୟଟନର ବିକାଶ ପାଇଁ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି' ଗଠନ କରାଯିବ । ସ୍ୱାସ୍ଥ୍ୟ କ୍ଷେତ୍ରେର ତନିୋଟି ନୂତନ ଅଖିଳ ଭାରତୀୟ ଆୟୁେର୍ବଦ ପ୍ରତିଷ୍ଠାନ (ଏଆଇଆଇଏ) ସ୍ଥାପନ ହେବ। ଏହି ବେଜଟ୍ ସାମଗ୍ରିକ ଭାବେ ଏକ ସମୃଦ୍ଧ ଓ ସଶକ୍ତ ଭାରତ ଗଠେନର ସହାୟକ ହେବ ।

## ତରଣା ଗ୍ରାମରେ ସିରିଜ ବୋମାମାଡ଼ ଘଟଣା

# ସ୍ୱାମୀ ଓ ସ୍ତ୍ରୀ ଗୁରୁତର, ସହଯୋଗୀ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର



ଗୋପ(ପିପିଏସ ): ଗୋପ ଥାନା ବନ୍ତଳୀଗ୍ରାମ ପଂଚାୟତ ତରଣା ଗ୍ରାମ ରେ ଜମିଜମା ବିବାଦକୁ ଗତ ଶୁକ୍ରବାର ରାତିରେ ସିରିଜ ବୋମାମାଡ଼ ଘଟଣାରେ ସ୍ୱାମୀ ସ୍ତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ଏହି ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତ ଙ୍କୁ ଗୋପ ପୋଲିସ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଆରମ୍ଭ କରିଥିଲା ବେଳେ ଶନିବାର ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଛି । ଖବରରୁ ପ୍ରକାଶ ଯେ ଗୋପ ଥାନା ଅଧିନସ୍ଥ ତରଣା ଗ୍ରାମର ସବେଇ ପଲେଇ ଓ ସାହେବ ପଲେଇ ଙ୍କ ପରିବାର ସହିତ ସେହି ଗ୍ରାମର ଅନ୍ୟ ଏକ ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ଜମିବାଡ଼ି ସମାସ୍ୟାକୁ ବିବାଦ ଲାଗି ରହିଥିବା ବେଳେ ଶୁକ୍ରବାର ଏହି ବିବାଦ ଉଗ୍ରରୂପ ଧାରଣ କରିଥିଲା। ଏହି ଘଟଣାକୁ ନେଇ ସାହେବ ପଲେଇ ଙ୍କ ପତ୍ନୀ ଅନୁପମା ପଲେଇ ପରିବାର ବର୍ଗଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ନିମନ୍ତେ ଗୋପ ଥାନାରେ ଗତ ଶୁକ୍ରବାର ଦିନ ଲିଖିତ ଅଭିଯୋଗ କରିଥିଲେ। ଏତଲାକୁ ଗୁରୁତ୍ୱାରୋପ କରି ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିଆରୀଙ୍କ ନେତୃତ୍ୱରେ ଏକ ଟିମ ତରଣା ଗ୍ରାମକୁ ଯାଉଥିବା ବେଳେ ଉକ୍ତ ଗ୍ରାମରେ ସିରିଜ ବୋମା ମାଡ ହୋଇଥିବା ନେଇ କୌଣସି ସୂତ୍ରରୁ ଗୋପ ପୋଲିସକୁ ଖବର ମିଳିଥିଲା। ଶୁକ୍ରବାର ରାତିରେ ସବେଇ ପଲେଇ ଓ ତାଙ୍କ ସ୍ତ୍ରୀ ଦାଣ୍ଡ ବାରଣ୍ଡାରେ ଛିଡା ହୋଇଥିବା ବେଳେ ଜମି ବାଡ଼ି ବିବାଦ କୁ କେନ୍ଦ୍ର କରି ଅପରପକ୍ଷ ପକ୍ଷରୁ ସେହି ଗ୍ରାମର ସାହେବ ପଲେଇ ଓ ସବେଇ ପଲେଇ ଙ୍କ ଘର ଉପରକୁ ସିରିଜ ବୋମାମାଡ଼ ହୋଇଥିଲା। ଖବର ପାଇ ଗୋପ ପୋଲିସ ତତକ୍ଷଣାତ ତରଣା ଗ୍ରାମରେ ପହଞ୍ଚି ବୋମାମାଡ ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ସବେଇ ପଲେଇ ଓ ତାଙ୍କ ସ୍ତ୍ରୀ ଙ୍କୁ ଗୋପ ପୋଲିସ ପ୍ରାଥମିକ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ସେମାନଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଯାଇଛି। ଏହି ଘଟଣାରେ ତତକ୍ଷଣାତ ଗୋପ ପୋଲିସ ଉକ୍ତ ଗ୍ରାମରେ ଚଢାଉ କରି ସହଯୋଗୀ ଅଭିଯୁକ୍ତ ମଙ୍ଗରାଜ ପଲେଇ ଙ୍କୁ ଗିରଫ କରିଥିଲା ବେଳେ ମୁଖ୍ୟ ଅଭିଯୁକ୍ତ ପପୁ ପଲେଇକୁ ଗିରଫ କରିବା ପାଇଁ ଚଢାଉ ଜୋରଦାର କରିଛି । ଏହି ଘଟଣା ପରେ ତରଣା ଗ୍ରାମରେ ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ସହ ଶାନ୍ତି ବଜାୟ ରଖିବା ପାଇଁ ଗୋପ ପୋଲିସ ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏ ସଂପର୍କରେ ଗୋପ ଥାନାଧିକାରୀ ପ୍ରଶାନ୍ତ ପଢିଆରୀଙ୍କୁ ପଚାରିବାରେ ସେ କୁହନ୍ତି ଜମିବାଡ଼ି ବିବାଦ ଯୋଗୁଁ ତରଣା ଗ୍ରାମରେ ଶୁକ୍ରବାର ରାତିରେ ସୃଷ୍ଟି ହୋଇଥିବା ସିରିଜ ବୋମା ମାଡ ଘଟଣା ଜଣେ ଗିରଫ ହୋଇଥିବା ବେଳେ ଏହି ଘଟଣା ରେ ସାମିଲ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ପଢିଆରୀ ମତବ୍ୟକ୍ତ କରିଛନ୍ତି। ବୋମାମାଡ ହୋଇଥିବା ତରଣା ଗ୍ରାମରେ ପୁରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ବିଭିନ୍ନ ଦିଗରୁ ଘଟଣାର ଛାନଭିନ କରିବା ସହ ଭିଡିଓ ଗ୍ରାଫି ମାଧ୍ୟମରେ ପ୍ରାମାଣିକ ତଥ୍ୟ ସଂଗ୍ରହ କରୁଥିବା ଗୋପ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଆମ ହସ୍ତତନ୍ତ ସ୍ୱଦେଶୀ, ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ: ମନ୍ତ୍ରୀ

ଭୁବନେଶ୍ୱର, (ହି.ସ): ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡ଼ିଆଠାରେ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି । ଏହି ମେଳାକୁ ଆନୁଷ୍ଠାନିକ ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉଦ୍‌ଘାଟନ କରି କହିଛନ୍ତି, "ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ନିଦର୍ଶନ । ଏହା ସ୍ୱଦେଶୀ, ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ । ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ।" ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ନିଜ ପ୍ରତିକ୍ରିୟାରେ କହିଛନ୍ତି, "ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ମଂଚ । ଉତ୍କୃଷ୍ଟ ବୟନ କଳାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ପ୍ରଦର୍ଶନୀ ମାଧ୍ୟମରେ ବିପଣନ ସହ ଯୁବପିଢିଙ୍କୁ ଆକୃଷ୍ଟ କରିବା ଭଳି ନୂଆ ଡିଜାଇନ୍ ଓ ଡିଜିଟାଲ୍ ମାର୍କେଟିଂକୁ ମଧ୍ୟ ଆମେ ଉତ୍ସାହିତ କରୁଛୁ ।"

ଏହି ମେଳା ୨୨ ଫେବୃଆରୀ ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରତ୍ୟେକ ଦିନ ଦିବା ୧୧ ଘଟିକାରୁ ୯.୩୦ ମିନିଟ୍ ମଧ୍ୟରେ ଲୋକମାନେ ବିଶେଷ ରିହାତି ଦରରେ ମନପସନ୍ଦର ହାତତିଆରି ବସ୍ତ୍ର କିଣିପାରିବେ । ଚଳିତଥର ମୋଟ୍ ୮୦ ଟି ଷ୍ଟଲ୍ ଖୋଲାଯାଇଛି । ବୁଣାକାରଙ୍କ ହିତକୁ ପ୍ରାଥମିକତା ଦେବାକୁ ଯାଇ ପ୍ରଥମଥର ପାଇଁ ସମସ୍ତ ଷ୍ଟଲ୍ ବିନା ମୂଲ୍ୟରେ ବଂଟନ କରାଯାଇଛି । ଓଡ଼ିଶାର ୫୦ଟି ପ୍ରାଥମିକ ବୁଣାକାର ସମବାୟ ସମିତି, ଗୋପାଳପୁର ଟାଟା ଅନ୍ତରନ ସମେତ ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ରେଶମ ଓଡ଼ିଶା ଏଥିରେ ଅଂଶଗ୍ରହଣ କରୁଛନ୍ତି । ଏହା ବ୍ୟତୀତ ରାଜ୍ୟ ବାହାରୁ ୨୦ ଜଣ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି । ଉତରପ୍ରଦେଶ, ଜମ୍ମୁ-କାଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ହରିୟାଣା, ତାମିଲନାଡୁ, ତେଲେଙ୍ଗାନା, ଦିଲ୍ଲୀ, ବିହାର, ଉତ୍ତରାଖଣ୍ଡ, ପଞ୍ଜାବ, ଗୁଜରାଟର ବୁଣାକାର ଏଥିରେ ଅଂଶଗ୍ରହଣ କରିଛନ୍ତି । ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିମ୍ ପାଭିଲିୟନ, ଯାହା ଧଉଳି ଶାନ୍ତିସ୍ତୁପ ଥିମ୍ ଉପରେ ନିର୍ମାଣ କରାଯାଇଛି ।

ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଅଂଚଳର ଲୋକାଦୃତ ବୟନବସ୍ତ୍ର ଯଥା: ସମ୍ବଲପୁରୀ ଇକ୍କତ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, କୋଟପାଡ୍ ଆଦି ଉପଲବ୍ଧ ହେବ । ଏହି ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଜାମ୍ମୁ କାଶ୍ମୀରର ପଶ୍ମିନା-ସାଲ୍, ତାମିଲନାଡୁର କାଞ୍ଜିବରମ୍ ପାଟଶାଢ଼ୀ, ଦିଲ୍ଲୀ, ହରିୟାନାର ଫର୍ନିସିଙ୍ଗବସ୍ତ୍ର, କର୍ଣ୍ଣାଟକର ସିଲ୍କ ଶାଢ଼ୀ ଆଦି ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ । ଚଳିତବର୍ଷ ୧୦ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ବିଭାଗ ପକ୍ଷରୁ ଆଶା ରହିଛି । ଉଦଘାଟନୀ ସଂଧ୍ୟାରେ ବୟନିକାର ପରିଚାଳନା ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।


ଓଡ଼ିଶା ଶାସନ

# ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ

୩୦ ଜାନୁଆରୀ - ୧୩ ଫେବୃଆରୀ ୨୦୨୬

'ଭେଦଭାବ ସମାପ୍ତ କରି ସମ୍ମାନର ସହ ବଞ୍ଚିବା'

- ଏହି ଅଭିଯାନରେ ଆଶା ଓ ସ୍ୱାସ୍ଥ୍ୟକର୍ମୀ ନିଜ ନିଜ ଅଞ୍ଚଳରେ କୁଷ୍ଠରୋଗ ବିଷୟରେ ସଚେତନ କରିବେ
- ବଧିରା/ତମ୍ବାଳିଆ ଛଉ, ତେଲିଆ/ ଚିକ୍କଣ/ପାଉଁସିଆ ଚର୍ମ, ହାତ/ ପାଦ ବଧିରା କିମ୍ବା ଦୁର୍ବଳ ହେବା, ମୁହଁ ଏବଂ କାନରେ ଗୁଳି ବାହାରିବା ଆଦି କୁଷ୍ଠର ଲକ୍ଷଣ ହୋଇପାରେ
- କୁଷ୍ଠରୋଗର ଚିହ୍ନଟ, ଚିକିତ୍ସା ଏବଂ ପୁନଃକ୍ଷମ ଅସ୍ତ୍ରୋପଚାର ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ
- ପୁନଃକ୍ଷମ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କୁ ସରକାରଙ୍କ ତରଫରୁ **୧୨,୦୦୦** ଟଙ୍କା ପାରିଶ୍ରମିକ ଭରଣା ତଥା ଗସ୍ତ ଖର୍ଚ୍ଚ ବାବଦକୁ **୧,୫୦୦**ଟଙ୍କା ଦିଆଯାଉଛି

## କୁଷ୍ଠ ରୋଗର ଲକ୍ଷଣ



ଇଷତ୍ ସଫା / ତମ୍ବାଳିଆ ବଧିରା ଛଉ



କାନରେ ଗୁଳି ଗୁଳି ବାହାରିବା



ହାତ / ପାଦ ବଧିରା ଲାଗିବା/ଦୁର୍ବଳ ଲାଗିବା



ଆଙ୍ଗୁଳି ବଙ୍କା ହେବା କିମ୍ବା ଝୁଲି ପଡିବା



ପାଦରେ ବଧିରା ଘା' ହେବା



ଆଖି ପତା ବନ୍ଦ ନହେବା



ମୁହଁର ଚମ ତେଲିଆ/ ମୋଟା ଦେଖାଯିବା

କୁଷ୍ଠରୋଗର ଲକ୍ଷଣ ଥିଲେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାନ୍ତୁ।

OIPR-10001/19/2526

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/


cmyk cmyk cmyk

# ‘ଭାରତୀୟ ମୂଲ୍ୟବୋଧ ଓ ନୀତି’ ସମ୍ପର୍କିତ ଆଲୋଚନା

ଜୟପୁର : ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ଓ ଭାରତୀୟ ଦାର୍ଶନିକ ଗବେଷଣା ପରିଷଦ (ଆଇସିପିଆର)ର ମିଳିତ ଆନୁକୂଲ୍ୟରେ "ଭାରତୀୟ ମୂଲ୍ୟବୋଧ ଓ ନୀତି" ବିଷୟରେ ଆଠଦିନିଆ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ (ଏଫ୍‌ଡିପି) ସିଉଓ ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସିୟୁଓର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଆଧୁନିକ ଉଚ୍ଚଶିକ୍ଷାରେ ମୂଲ୍ୟାଧାରିତ ଶିକ୍ଷାର ଗୁରୁତ୍ୱ ଉଲ୍ଲେଖ କରି ଅଂଶଗ୍ରହଣକାରୀମାନଙ୍କୁ କାର୍ଯ୍ୟକ୍ରମର ବିଭିନ୍ନ ବିଷୟବସ୍ତୁ ସହ ସକ୍ରିୟ ଭାବେ ଜଡିତ ହେବାକୁ ଆହ୍ୱାନ କରିଥିଲେ । ଉଦ୍‌ଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରି ସେ ନୂତନ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)–୨୦୨୦ ସହ ସମନ୍ୱୟ ରଖି ଶିକ୍ଷାଦାନ ପ୍ରକ୍ରିୟାରେ ଭାରତୀୟ ମୂଲ୍ୟବୋଧକୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । "ଶିକ୍ଷକମାନେ ପାଠ୍ୟକ୍ରମ ମାଧ୍ୟମରେ ସଚେତନ ଭାବେ ଭାରତୀୟ ମୂଲ୍ୟବୋଧ ଓ ନୀତିଗତ ଜ୍ଞାନ ପ୍ରସାର କରିବା ଆବଶ୍ୟକ, ଯାହାଦ୍ୱାରା ଚିରନ୍ତନ ଭାରତୀୟ ଜ୍ଞାନ ପରମ୍ପରା ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଂଚିପାରିବ," ବୋଲି ସେ କହିଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଆଇସିପିଆର ସଚିବ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସଚ୍ଚିଦାନନ୍ଦ ମିଶ୍ର ଯୋଗଦେଇ କର୍ମଶାଳାର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ, "ଦେଶର ବିକାଶ ମୂଲ୍ୟାୟନ ପାଇଁ ଯେଉଁ ସୂଚକ ମାନଦଣ୍ଡ ଗ୍ରହଣ କରାଯାଉଛି, ସେଗୁଡିକ ଆମ ନିଜସ୍ୱ ଭାରତୀୟ ମୂଲ୍ୟବୋଧ ଓ ଦାର୍ଶନିକ ପରମ୍ପରାରେ ଆଧାରିତ ହେବା ଆବଶ୍ୟକ; କେବଳ ଅନ୍ୟ ଦେଶରୁ ଧାର ନିଆଯିବା ଉଚିତ୍ ନୁହେଁ।" ମହାତ୍ମା ଗାନ୍ଧୀ ଆନ୍ତର୍ଜାତିକ ହିନ୍ଦୀ ବିଶ୍ୱବିଦ୍ୟାଳୟ, ୱାର୍ଧାର ପୂର୍ବତନ କୁଳପତି ପ୍ରଫେସର ରଜନୀଶ ଶୁକ୍ଳା ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହି ନୀତି ଓ ମୂଲ୍ୟାଧାରିତ ଶିକ୍ଷା ସମ୍ପର୍କରେ ତାଙ୍କ ଅନୁଭବ ବର୍ଣ୍ଣନା କରିଥିଲେ । ଏହା ପୂର୍ବରୁ ଶିକ୍ଷା ବିଭାଗର ପ୍ରଫେସର ଭରତ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ଏଫ୍‌ଡିପିର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ସିୟୁଓର କୁଳସଚିବ (ଭାରପ୍ରାପ୍ତ) ଡା. ରାକେଶ କୁମାର ଲେଙ୍କା, ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ଜନସମ୍ପର୍କ ଅଧିକାରୀ ଡା. ଫଗୁନାଥ ଭୋଇ, ବିଭିନ୍ନ ବିଭାଗର ମୁଖ୍ୟ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସହ–ସମନ୍ୱୟକ ଡା. ଅନୁପମ ଦକୁଆ ସୂଚନା ଦେଇ କହିଥିଲେ ଯେ, ଏହି ଏଫ୍ ?ଡିପିରେ ମୋଟ୍ ୨୬ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଛନ୍ତି । କାର୍ଯ୍ୟକ୍ରମ ୧୧ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ ଏବଂ ୧୧ ଫେବୃଆରୀରେ ସମାପନୀ ସଭା ସହ ଉଦଯାପନ ହେବ ।

# ବୋଡ଼େନ୍ ବ୍ଲକ୍‌ରେ ସମ୍ପୂର୍ଣ୍ଣତା ଅଭିଯାନର ଶୁଭାରମ୍ଭ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକରେ ନୀତି ଆୟୋଗଙ୍କ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ' ସମ୍ପୂର୍ଣ୍ଣତା ଅଭିଯାନ ୨.୦ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ପଂଚାୟତ ସମିତି ବୋଡ଼େନ ଦ୍ୱାରା ବୋଡ଼େନ ବ୍ଲକର ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣାଙ୍କ ଅଧ୍ୟକ୍ଷତା ଓ ତତ୍ତ୍ୱାବଧାନରେ ଉଦ୍ଘାଟନୀ ସଭା ଆୟୋଜିତ ହୋଇଥିଲା । ସଭାରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲା ପରିଷଦ ସଭାପତି ଡଲି ମାଝୀ, ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୁଏ ଏବଂ ପଂଚାୟତ ସମିତି ଉପାଧ୍ୟକ୍ଷା ସଙ୍ଗୀତା ମାଝୀ ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରେଶ୍ୱର ମେହେର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ସଞ୍ଜୀବ ନାଏକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅର୍ଚ୍ଚନା ରାଉତ, ଗୋଷ୍ଠୀ କୃଷି ଅଧିକାରୀ ଦୁଃଖୀରାମ ଟୁଡୁ ଏବଂ ଗୋଷ୍ଠୀ ପ୍ରାଣୀସମ୍ପଦ ଅଧିକାରୀ ସୁସ୍ମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ସଭାର ପ୍ରାରମ୍ଭରେ ଆକାଂକ୍ଷୀ ବ୍ଲକ ସହଯୋଗୀ ରାକେଶ କୁମାର ଷଡଙ୍ଗୀ 'ସମ୍ପୂର୍ଣ୍ଣତା ଅଭିଯାନ ୨.୦'ର ଉଦ୍ଦେଶ୍ୟ ଓ କାର୍ଯ୍ୟପରିଧି ସମ୍ପର୍କରେ ଆଲୋକପାତ କରିଥିଲେ । ବିଡିଓ ଶ୍ରୀ ରଣା ତାଙ୍କର ପ୍ରାରମ୍ଭିକ ଭାଷଣରେ ବ୍ଲକକୁ ନିର୍ଦ୍ଦିଷ୍ଟ ୬ଟି ସୂଚକାଙ୍କ ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଜଣାଇଥିଲେ । ଏହି ଅଭିଯାନ ଶିଶୁ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମାଧ୍ୟମରେ ୨୮ ଜାନୁଆରୀ ୨୦୨୬ ରୁ ୧୪ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ମୁଖ୍ୟ ଓ ସମ୍ମାନୀତ ଅତିଥିମାନେ ସମସ୍ତ ବିଭାଗ, ଜନପ୍ରତିନିଧି ଓ ସାଧାରଣ ଜନତାଙ୍କ ସମନ୍ୱୟ ଓ ସହଭାଗିତାରେ ବୋଡ଼େନ ବ୍ଲକର ଦ୍ରୁତ ବିକାଶ ସହ ସର୍ବାଙ୍ଗୀନ ଉନ୍ନତି ସୁନିଶ୍ଚିତ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ସମସ୍ତେ ଏକତ୍ରିତ ହୋଇ ସୁସ୍ଥ ଓ ସମୃଦ୍ଧ ବ୍ଲକ ଗଢ଼ିବା ପାଇଁ ଶପଥ ପାଠ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶନୀ ଷ୍ଟଲ୍ ଖୋଲାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ସରପଂଚ, ସମିତି ସଭ୍ୟ, ପଂଚାୟତ ନିର୍ବାହୀ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଛାତ୍ରଛାତ୍ରୀ, ଚାଷୀ, ସାଧାରଣ ଜନତା, ସମସ୍ତ ବିଭାଗୀୟ ତୃଣମୂଳ ସ୍ତର କର୍ମଚାରୀ ଓ ପିରାମଲ ଫାଉଣ୍ଡେସନର କର୍ମଚାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଆକାଂକ୍ଷୀ ବ୍ଲକ ଫେଲୋ ରାକେଶ କୁମାର ଷଡଙ୍ଗୀ ପରିଚାଳନା କରିଥିବାବେଳେ ସିଆରସିସି ଉମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକଙ୍କ ଦେବଗଡ଼ ଗସ୍ତ





## ବିଭିନ୍ନ ଯୋଜନାର କଲେ ସମୀକ୍ଷା

ଦେବଗଡ଼(ପିପିଏସ୍) : ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗର ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଦେବଗଡ଼ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିବା ସହ ପ୍ରକଳ୍ପ ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ । ଉକ୍ତ ବୈଠକରେ ଦେବଗଡ଼ ଜିଲ୍ଲାର ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଦେବଗଡ .ଦେବାଶିଷ ଚନ୍ଦ୍ର ଜଗଦେବ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ସମୀକ୍ଷା ବୈଠକରେ ନିର୍ଦ୍ଦେଶକ କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ସଫଳଭାବେ ସମାପ୍ତ କରିବା ଓ ସାଧାରଣ ଲୋକଙ୍କୁ ଲାଭ ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରେ ନିର୍ଦ୍ଦେଶକ ବିଭାଗୀୟ ଅଧିକାରୀମାନଙ୍କ ସହ ତିଲେଇବଣି ବ୍ଲକର ଦୁଧିଆନାଳୀ ପଞ୍ଚାୟତରେ ଚାଲୁଥିବା ମନରେଗା ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହାସହ ବାରକୋଟ ବ୍ଲକର ବସାଲଇ ଗ୍ରାମ ପଞ୍ଚାୟତର ଛୁରିଆବାହାଲ ମାଇକ୍ରୋ ୱାଟରସେଡ୍ ପିଏମକେଏସୱାଇ ଡବ୍ଲୁଡିସି ୨.୦ ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକୁ ନିରୀକ୍ଷଣ କରିଥିଲେ । ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ବାସିନ୍ଦା ପ୍ରତାପ ରୁଦ୍ର ସାମଲ ୬ ଏକର ଜମିରେ କାଜୁ, ତରଭୁଜ ଏବଂ ବିଭିନ୍ନ ପନିପରିବା ଚାଷ କରି ଲାଭବାନ ହୋଇଛନ୍ତି । ରିଆମାଳ ବ୍ଲକର ଖୁଲେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସିଆରିମାଳିଆ ଗ୍ରାମରେ ଚାଲୁଥିବା ଜରଡଇଜଡ଼ ପ୍ରକଳ୍ପ ସାଇଟ ପରିଦର୍ଶନ କରିକାର୍ଯ୍ୟର ଗୁଣମାନ ଓ ଅଗ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ । ନିର୍ଦ୍ଦେଶକ ଗ୍ରାମାଞ୍ଚଳରେ ନିର୍ମିତ ଆଡିବନ୍ଧ, କ୍ଷେତ ପୋଖରୀ, ମାଟି ବନ୍ଧ ଓ ଜଳ ସଂରକ୍ଷଣ ଗଠନଗୁଡ଼ିକୁ ନିରୀକ୍ଷଣ କରି କୃଷକମାନଙ୍କ ସହ ଆଲୋଚନା କରିଥିଲେ । ଜଳ ସଂରକ୍ଷଣ ମାଧ୍ୟମରେ କୃଷି ଉତ୍ପାଦନ ବୃଦ୍ଧି ଓ ଭୂତଳ ଜଳସ୍ତର ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେଇଥିଲେ ।

## କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ ସମ୍ବନ୍ଧରେ ଆଇନ ସଚେତନତା

ନୂଆପଡ଼ା : ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲା ପରିଷଦର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସର ସ୍ଥିତ ସଦଭାବନା ସଭାଗୃହରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କ୍ଷମାନିଧି ବାଗ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ପରିଚାଳକା ପ୍ରିୟଦର୍ଶିନୀ ଯୋଶୀ, ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ପ୍ରକାଶ ସେନାପତି, ଅଧିକର ମିତ୍ରଗଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କର ଯୌନ ଉତ୍ପୀଡ଼ନ ଏବଂ ଏହାର ପ୍ରତିରୋଧ, ପ୍ରତିକାର ଓ ନିବାରଣ ଆଇନ ୨୦୧୩, ମହିଳା ମାନଙ୍କ ଆଇନଗତ ଅଧିକାର ବିଷୟରେ ଆଲୋକପାତ କରିଥିଲେ ଏବଂ ସମସ୍ତ ସରକାରୀ ତଥା ବେସରକାରୀ ସଂସ୍ଥାରେ ଏହି ଆଇନର କଡ଼ାକଡ଼ି ପାଳନ ପାଇଁ ଆହ୍ୱାନ କରିବା ସହ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଦ୍ୱାରା ଅସହାୟ ମାନଙ୍କ ପାଇଁ କରାଯାଉଥିବା କାର୍ଯ୍ୟକଳାପ ଓ ମାଗଣା ଆଇନ ସେବା ତଥା ରାଷ୍ଟ୍ର ନିର୍ମାଣରେ ମହିଳାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ ।

## ରାଜ୍ୟ କୁସ୍ତି : ସମ୍ବଲପୁରକୁ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ

ସମ୍ବଲପୁର: ସ୍ଥାନୀୟ ସାଓଲିନ କୁଂଫୁ ଉଷୁ ଆସୋସିଏସନ ଦ୍ୱାରା ପରିଚାଳିତ କୁସ୍ତି ସଂଘର ଛାତ୍ରଛାତ୍ରୀମାନେ ରାଜ୍ୟ କୁସ୍ତି ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଛନ୍ତି । ଏଥିରେ ବୈଷ୍ଣବୀ ପଟ୍ଟନାୟକ, ଗୁନମିତ କୌର, ପ୍ରିତି ମିର୍ଧା ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ଜାତୀୟ କୁସ୍ତି ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ । ଜାଫ୍ରିନ ଚୌଧୁରୀ ଏବଂ ଅବିନାଶ କୁମ୍ଭାର ରୋପ୍ୟ ପଦକ ହାସଲ କରି ସମ୍ବଲପୁର ସମ୍ମାନ ଅକ୍ଷୁର୍ଣ୍ଣ ରଖିଛନ୍ତି । ଓଡ଼ିଶା କୁସ୍ତି ଦଳର ରାଜ୍ୟ ସମ୍ପାଦକ କିଶୋର ବେହେରା ସମ୍ବଲପୁର କୁସ୍ତି ଖେଳାଳିଙ୍କୁ ଭୁୟଶି ପ୍ରଶଂସା କରିଥିଲେ ଆଉ ଭବିଷ୍ୟତ ରେ ପଦକ ଜିତିବା ପାଇଂ ପ୍ରେରଣା ଯୋଗାଇଥିଲେ । ଆସୋସିଏସନର ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ଏହି କୁସ୍ତି ପ୍ରତିଯୋଗିତା କଟକ ଠାରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା । ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର, ଡିଙ୍ଗର ମେହେର ଓ ସ୍ୱାଗତ ଘଡେଇ ପ୍ରମୁଖ ଦଳ କୁ ସୁଦୃଢ କରିବା ପଛରେ ଉଦ୍ୟମ କରିଥିଲେ । ଏହି କୃତିତ୍ୱ ପାଇଁ କୁସ୍ତି ସଂଘ ର ସଦସ୍ୟ, ଖେଳ ପ୍ରେମି ଓ ଶୁଭେଚ୍ଛୁବୃନ୍ଦ କୃତି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଅବସରକାଳୀନ ସମ୍ବର୍ଦ୍ଧନା

ଜୟପୁର: ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସରକାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ରମେଶ ଚନ୍ଦ୍ର ପାଲାକା ଦିର୍ଘ ଦିନ ଧରି ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟକରି ତା ୩୧.୧୨.୨୦୨୫ ରିଖ ଦିନ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ତାଙ୍କୁ ଆଜି ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳିନ ସମ୍ବର୍ଧନା ଦିଆଯାଇଥିଲା । ଉକ୍ତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାଜେନ୍ଦ୍ର ନାରାୟଣ ପାଢି ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର, ପଦ୍ମେଶ୍ୱର ବିଷୋୟୀ ବିଭାଗୀୟ ଅଧିକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ବୋରିଗୁମ୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଶଶୀଭୂଷଣ ଦାଶ୍ ବରିଷ୍ଠ ସହାୟକ । ଉକ୍ତ ସଭାରେ ସଭାପତିତ୍ୱ କରିଥିଲେକ୍ଷ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ମହେଶ୍ୱର ମିଶ୍ର, ଜଗଦୀଶ ମିଶ୍ର, ପ୍ରଦୀପ ମିଶ୍ର, ପୁରନ୍ଦର ନାୟକ, ତ୍ରିନାଥ ପାଣିଗ୍ରାହୀ ଜୟପୁର ର ସମସ୍ତ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଓ ସଂଯୋଜିକା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କେ ଗୋପାଳ, ସୋମନାଥ ଗାଦବା, ପୂର୍ବତନ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୋପିନାଥ ମାହାନ୍ତି, କୃଷ୍ଣଚନ୍ଦ୍ର ନନ୍ଦ, ଏମ୍ ମୁରଲି, କନିଷ୍ଠ ସହାୟକ ରଜନି କାନ୍ତ ଘଡ଼େଇଙ୍କ ସମେତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପାଲାକାଙ୍କୁ ଉପଢୌକନ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବୃଦ୍ଧ ଦମ୍ପତିଙ୍କୁ ମିଳୁନି ଭତ୍ତା

ମୁଖୀଗୁଡା : ବୟସର ଅପରାହ୍ନରେ ମଧ ଭତ୍ତା ମିଳିନାହିଁ । ତଥାପି ବୃଦ୍ଧା ଆଶା ରଖୁଛନ୍ତି ଭତ୍ତା ନିଶ୍ଚୟ ମିଳିବ । କଳାହାଣ୍ଡି ଜିଲ୍ଲା ଜୟପାଟଣା ବଡବନ୍ଧ ହୁଡାରେ ଥିବା ଆଶ୍ରୟସ୍ଥଳରେ ଜରିପାଳ ବାନ୍ଧି ସ୍ୱାମୀ-ସ୍ତ୍ରୀ ରହି ଆସୁଛନ୍ତି । ପରିଚୟ ପଚାରିବାରୁ । ସେମାନେ ଗୌରୀ ସେଠି( ୮୧ )ଏବଂ ତାଙ୍କ ସ୍ତ୍ରୀ କନେକ ସେଠି(୮୧) ଜୟପାଟଣା ବ୍ଲକ ଅନ୍ତର୍ଗତ ଭୁର୍ସିଗୁଡା ଗ୍ରାମରେ ରହି ଲୁଗା ସଫା କରି କଷ୍ଟେ ମଷ୍ଟେ ଚଳି ଆସୁଥିଲେ । ସେଠାରେ ତାଙ୍କୁ ନା ସରକାରଙ୍କ ତରଫରୁ ନା ଘରଡିହ ମିଳିଲା ନା ଘର । ବୟସ ଅଧିକ ହେବାରୁ କନେକ ଭଲଭାବରେ ଆଉ ଚାଲି ବୁଲି ପାରୁ ନାହାନ୍ତି । ସେମାନେ ନିଜ ଝିଅ ଘରେ ଆଶ୍ରୟ ନେବାକୁ ଜୟପାଟଣାକୁ ଆସିଲେ । ହେଲେ ଝିଅଘରେ ସେମାନଙ୍କ ପାଇଁ ରହିବାକୁ ଜାଗା ନଥିବାରୁ ଆଶ୍ରୟସ୍ଥଳରେ ରହୁଛନ୍ତି । ଗୌରୀଙ୍କୁ ଭତ୍ତା ମିଳୁଛି । ଚାଉଳ କାର୍ଡ ଅଛି ହେଲେ କନେକଙ୍କୁ ଏପର୍ଯ୍ୟନ୍ତ ଭତ୍ତା ମିଳି ନାହିଁ । ଗୌରୀ ଓ କନେକଙ୍କୁ ଭତ୍ତା ବ୍ୟବସ୍ଥା କରିଦେବା ପାଇଁ ଜୟପାଟଣା ବିଡ଼ିଓଙ୍କ ନିକଟକୁ ଯାଇଥିଲେ । ବିଡ଼ିଓ ତାଙ୍କୁ ଆଧାର କାର୍ଡ ଏବଂ ଭୋଟର ପରିଚୟ ପତ୍ର ଆଣିବା ପାଇଁ କହିଥିଲେ । ହେଲେ କନେକଙ୍କ ଆଧାର ଏବଂ ଭୋଟର ପରିଚୟ ପତ୍ର ଘରେ ନିଆଁ ଲାଗି ଯାଇଥିବା ସମୟରେ ପୋଡି ଯାଇଥିଲା । ହେଲେ ଭୋଟର ପରିଚୟପତ୍ର ଏବଂ ଆଧାର କାର୍ଡ ପାଇଁ କନେକ ଭତ୍ତା ପାଇବାରୁ ବଂଚିତ ହୋଇଛନ୍ତି । ଯଦି ଆଧାର କାର୍ଡ ଏବଂ ଭୋଟର ପରିଚୟ ନଥିଲେ ମୁଁ ଭତ୍ତା ପାଇବା ଯୋଗ୍ୟ ନୁହେଁ କି ବୋଲି କନେକ ପ୍ରଶ୍ନ କରିଛନ୍ତି । ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# କବରାପାଲି ହାଇସ୍କୁଲରେ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ କବରାପାଲିସ୍ଥିତ ବୀର ସୁରେନ୍ଦ୍ର ସାଏ ସରକାରୀ ହାଇସ୍କୁଲରେ ଶୁକ୍ରବାର ସାପ କାମୁଡା ଏବଂ ବଜ୍ରପାତ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରାଙ୍କ ଅଧ୍ୟକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରଶମନ ବିଭାଗ ଦ୍ୱାରା ଆୟୋଜିତ ଏହି ସଚେତନତା ଶିବିରରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗର ଗୀତାଞ୍ଜଳୀ ସା ଏବଂ ରେଡକ୍ରସର କ୍ଷେତ୍ର ସଂଯୋଜିକା ପ୍ରମିଳା ବେହେରା ଛାତ୍ରୀଛାତ୍ର ମାନଙ୍କୁ ସାପ କାମୁଡା ଏବଂ ବଜ୍ରପାତ ସମୟରେ କି ପ୍ରକାରର ପ୍ରତିକାର ଏବଂ ସଚେତନତା ଅବଲମ୍ବନ କରାଯିବ ଓ ଜରୁରୀ କାଳୀନ ପରିସ୍ଥିତିରେ କ'ଣ କରିବ ସେ ସମ୍ପର୍କରେ ସଚେତନ କରାଯାଇଥିଲା । ଏହି ସଚେତନତା ଶିବରରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ୨୫ ଜଣ ଅଭିଭାବକ ମଧ୍ୟ ସାମିଲ ହୋଇଥିଲେ ।

# ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

## ଅଭିଯୁକ୍ତ ଯୁବକ ଗିରଫ

ଜୟପୁର : କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ମହିଳାଥାନା ପୁଲିସ ପକ୍ଷରୁ ଜଣେ ବିଧବା ମହିଳାଙ୍କୁ ବିବାହ ପ୍ରତିଶୃତି ଦେଇ ଦୁଷ୍କର୍ମ କରିବା ପରେ ପ୍ରତାରଣା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ଭୂପତି ସାହିର ସଲମନ ଖାନ (୨୭)। ପୁଲିସ ସୂଚନା ଅନୁଯାୟୀ, ଜୟପୁର ସହରର ଜଣେ ବିଧବା ମହିଳାଙ୍କ ଗତ ୨୦୧୯ ତାରିଖରେ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ଦୁଇଟି ଛୁଆକୁ ନେଇ ରହୁଥିଲେ । ଏହିପରି ବିଭିନ୍ନ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସହିତ ବଜାରରେ ବିକ୍ରି କରି ଜୀବିକା ନିର୍ବାହ କରୁଥିଲେ । ଏହିପରି କିଛି ଦିନ ପରେ ଅଭିଯୁକ୍ତ ଯୁବକ ସଲମନଙ୍କ ସହିତ ତାଙ୍କର ବ୍ୟବସାୟକୁ ନେଇ ସମ୍ପର୍କ ହୋଇଥିଲା । ସେହିପରି ଅଭିଯୁକ୍ତ ସଲମନ ତାଙ୍କୁ ମିଳିତ ଭାବେ ବ୍ୟବସାୟ କରିବାକୁ ପ୍ରସ୍ତାବ ଦେଇଥିଲେ । ଏହିପରି ଉଭୟ ମିଳିତ ଭାବେ ବ୍ୟବସାୟ କରୁଥିଲେ ଏବଂ ଉଭୟଙ୍କ ମିଳାମିଶାରୁ ପ୍ରେମ ସମ୍ପର୍କ ଗଠିଉଠିଥିଲା । ଏହିପରି ଅଭିଯୁକ୍ତ ଯୁବକ ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲା , କିନ୍ତୁ ମହିଳା ବିଧବା ଏବଂ ଦୁଇଟି ସନ୍ତାନ ରହିଥିବା ଯୋଗୁଁ ବିବାହ କରିବାକୁ ମହିଳା ମନା କରିଦେଥିଲେ । କିନ୍ତୁ କିଛି ଦିନପରେ ଅଭିଯୁକ୍ତ ତାଙ୍କୁ ବାରମ୍ବାର ଚାପ କରିବା ପରେ ବିଧବା ମହିଳା ବିବାହ କରିବାକୁ ରାଜି ହୋଇଥିଲେ । ଏହିପରି ଉଭୟ ଏକାଠି ରହୁଥିଲେ ଏବଂ ଗତ ୨ ବର୍ଷ ଉଭୟ ଗୋଟିଏ ଗୃହରେ ରହୁଥିବା ବେଳେ ଅଭିଯୁକ୍ତ ବିବାହ କରିବା ପ୍ରତିଶୃତି ଦେଇ ବିଧବା ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ କରୁଥିଲା । କିନ୍ତୁ ଗତ ୩ ମାସ ପୂର୍ବରୁ ଅଭିଯୁକ୍ତ ଯୁବକ ତାଙ୍କ ବାପାଘରକୁ ଯାଇ ଆଉ ଫେରିନଥିଲେ ଏବଂ ବିବାହ କରିବାକୁ ମହିଳା କହିବାରୁ ଅଭିଯୁକ୍ତ ମନା କରିଦେଇଥିଲେ । ଏଥିନେଇ ବିଧବା ମହିଳା ନିରାଶ ହୋଇ ଶେଷରେ ମହିଳା ଥାନାର ଦ୍ୱାରସ୍ତ ହୋଇଥିଲେ । ଏଥିନେଇ ମହିଳା ଥାନାରେ ଏକ ମାମଲା (୧୪/୨୬) ଗତ ୧୬ ତାରିଖରେ ରୁଜୁ କରାଯାଇଥିଲା । ମାମଲାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଥିବା ନେଇ ଥାନା ଅଧିକାରୀ ଆଶ୍ରିତା ଖାଲକୋ ପ୍ରକାଶ କରିଛନ୍ତି ।

# ଖଡ଼ିଆଳ ମହୋତ୍ସବ ଉଦ୍‌ଯାପନୀ ପ୍ରସ୍ତୁତି ବୈଠକ

ନୂଆପଡ଼ା: ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ସାଂସ୍କୃତିକ ପର୍ବ ଭାବେ ପରିଚିତ ଖଡିଆଳ ମହୋତ୍ସବ–୨୦୨୬ ଉଦ୍‌ଯାପନୀ ଉତ୍ସବକୁ ସୁଚାରୁ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ୍ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଖରିଆର ଏନଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଅତିରିକ୍ତ ଏସପି ରଞ୍ଜିତ ନାୟକଙ୍କ ସହ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଆୟୋଜିତ ହେଉଥିବା ଖଡିଆଳ ମହୋତ୍ସବର ସୁଚାରୁ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା ଓ ବିଭିନ୍ନ ବିଭାଗ ମଧ୍ୟରେ ଆବଶ୍ୟକୀୟ ସମନ୍ୱୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଶେଷ କରି ୮ ତାରିଖରେ ହେବାକୁଥିବା ଷ୍ଟାର୍ ନାଇଟ ରେ ବିଖ୍ୟାତ କଣ୍ଠ ଶିଳ୍ପୀ ପଦ୍ମଶ୍ରୀ କୈଳାସ ଖେର୍ ଙ୍କ କାର୍ଯ୍ୟକ୍ରମ ପରିଚାଳନା ଓ ଭିଡ ନିୟନ୍ତ୍ରଣ ଉପରେ ବିଶେଷ ଭାବରେ ଚର୍ଚ୍ଚା ହୋଇଥିଲା କ୍ଷ ଜିଲ୍ଲାପାଳ ଶ୍ରୀ ଦାଶ କହିଲେ ଯେ, ମହୋତ୍ସବ ମୁଖ୍ୟ ସମାରୋହରେ ଭିଡ କମାଇବା ପାଇଁ ଅଧିକ ସଂଖ୍ୟାରେ ବଡ଼ ବଡ଼ ଏଲ ଇ ଡି ସ୍କ୍ରିନ୍ ରେ ଶୋ ବିଭିନ୍ନ ଜାଗାରେ ପ୍ରଦର୍ଶିତ ହେବ । ଏହାସହିତ ଯାତାୟାତ ବ୍ୟବସ୍ଥା, ଆପାତକାଳୀନ ସେବା, ଅଗ୍ନିନିର୍ବାପନ ବ୍ୟବସ୍ଥା ଓ ସାମଗ୍ରିକ ନିରାପତା ନିମନ୍ତେ ପୂର୍ବ ପ୍ରସ୍ତୁତି ନେବାକୁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ଏହି ସମୟରେ ଏକକ ବ୍ୟବହାର ପ୍ଲାଷ୍ଟିକର ବ୍ୟବହାରକୁ ସଂପୂର୍ଣ୍ଣରୂପେ ନିଷେଧ କରିବା ସହ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ଉତ୍ସବ ସମୟରେ ସମଗ୍ର ସହର ସ୍ୱଚ୍ଛ ରହିବା ସହିତ ଆଲୋକ ରେ ସଜ୍ଜିତ ହେବ କ୍ଷ ଆରକ୍ଷୀ ଅଧିକ୍ଷକ କହିଲେ ଯେ ଜନ ସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ କ୍ଷ ଏହା ସହିତ ଗାଡି ପାର୍କିଂ, ଅଗ୍ନି ନିରାପତା, ଭିଡ ନିୟନ୍ତ୍ରଣ ସବୁ ବ୍ୟବସ୍ଥିତ ଭାବରେ ହେବ । ବୈଠକରେ ଡିଏସପି ରମାକାନ୍ତ ଜେନା, ଖଡିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡ଼ବା, ଇଓ ଏନ୍ ଏ ସି ସ୍ୱାଧୀନ କୁମାର ମହାରଣା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସହିତ ସମସ୍ତ ପୋଲିସ୍ ଅଧିକାରୀ ଓ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ କ୍ଷ ସମସ୍ତ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ରଖି ଖଡିଆଳ ମହୋତ୍ସବକୁ ସୁରକ୍ଷିତ, ସୁଚାରୁ ଓ ସଫଳ ଭାବେ ଆୟୋଜନ କରିବାକୁ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

# ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର,(ହି.ସ.) - କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜନାର୍ଦ୍ଦନପୁରର ବାର୍ଷିକ ଉତ୍ସବ ୨୦୨୫ -୨୬ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଗୋପୀନାଥ ରାମ ଯୋଗଦେଇ ବିଦ୍ୟାର୍ଥୀ ମାନଙ୍କୁ ପ୍ରେରଣାଦାୟୀ ଅଭିଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ଭାବେ ରାଇସୁଆଁ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ନିର୍ମଳଚନ୍ଦ୍ର ସାହୁ ଯୋଗଦେଇ ଅଭିଭାଷଣ ମାଧ୍ୟମରେ କହିଥିଲେ ନିଜକୁ ସଠିକ ଭାବେ ଉପଯୋଗ କରିପାରିଲେ ସଫଳତା ସୁନିଶ୍ଚିତ । ସେହିପରି ସମ୍ମାନିତ ଅତିଥିଭାବେ ଶତ୍ରୁଘନ ମହାରଣା, ପଂଚସଖା ଶିକ୍ଷସେତୁ ର ସଭାପତି ଧିରେନ କୁମାର ପାତ୍ର, ସି.ଆର.ସି.ସି ବସନ୍ତ କୁମାର ପରିଡା, ଏସ. ଏମ. ସି ଅଧ୍ୟକ୍ଷ ସନ୍ତୋଷ କୁମାର ପାତ୍ର ପ୍ରମୁଖ ମଂଚାସିନ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣାଦାୟୀ ଅଭିଭାଷଣ ରଖିଥିଲେ । ଉତ୍ସବ ପ୍ରାରମ୍ଭରେ ଅତିଥି ମାନେ ମହାପ୍ରଭୁ ଜଗନ୍ନାଥ ଏବଂ କେନ୍ଦୁଝର ର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବିଦ୍ୟାଳୟର ଉତରୋତର ଉନତି କାମନା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମନ୍ଦାକିନୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଦମ୍ବରୁଧର ମହାନ୍ତ ମଂଚ ପରିଚାଳନା କରିଥିଲେ । ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟ ର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଶିକ୍ଷକ ବିଜୟ କୁମାର ପାଣିଗ୍ରାହୀ, ରଞ୍ଜନ କୁମାର ନାୟକ, ସୁବାସ ପାତ୍ର ରଞ୍ଜନ କୁମାର ପତି, ଶିକ୍ଷୟିତ୍ରୀ କୁମୁଦିନୀ ମହାପାତ୍ର, ସୁଚରିତା ରାଉତ, ରନ୍ମଞ୍ଜରୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ ସହଯୋଗ କରିଥିଲେ ।

# ସିଟି ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ଜୈବ ଗୁଡ଼ କାରଖାନା ପରିଦର୍ଶନ

ଜୟପୁର: ଜୟପୁର ସିଟି ହାଇସ୍କୁଲର ଛାତ୍ରଛାତ୍ରୀମାନେ ଶିକ୍ଷାମୂଳକ ଅନୁଭବ ଭ୍ରମଣର ଅଂଶ ଭାବେ ଭାଲୁଗୁଡ଼ାର ଏକ ଜୈବ ଗୁଡ଼ ତିଆରି କାରଖାନା ଓ ଫ୍ଲାଇଆସ୍ ଇଟା କାରଖାନା ପରିଦର୍ଶନ କରିଥିଲେ । ଏହି ଭ୍ରମଣ ମାଧ୍ୟମରେ ଛାତ୍ରଛାତ୍ରୀମାନେ ପାରମ୍ପରିକ ଓ ପରିବେଶବନ୍ଧବ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ପ୍ରାୟୋଗିକ ଜ୍ଞାନ ଅର୍ଜନ କରିଥିଲେ । କାରଖାନାର ମାଲିକ କୃଷ୍ଣଚନ୍ଦ୍ର ଦାଶ ନିଜେ ଛାତ୍ରଛାତ୍ରୀମାନଙ୍କୁ ଗୁଡ଼ ତିଆରି ପ୍ରକ୍ରିୟା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ । ଆଖୁର ରସରୁ ଆରମ୍ଭ କରି ଫୁଟାଇବା ଓ ଗୁଡ଼ ଆକାର ଦେବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା ସେମାନେ ଦେଖିଥିଲେ । ଛାତ୍ରଛାତ୍ରୀମାନେ ନାଇଜର, ସନଫ୍ଲାୱର ଓ ସୋରିଷ ଶସ୍ୟରୁ କାଠିଆ 'କାଚି ଘାନି' ପ୍ରଣାଳୀରେ ତେଲ ତିଆରି ହେଉଥିବା ପ୍ରକ୍ରିୟା ମଧ୍ୟ ଅବଲୋକନ କରିଥିଲେ । ପରେ ପରେ ପାଉଁଶ ଇଟା ପ୍ରସ୍ତୁତି ପ୍ରଣାଳୀ ମଧ୍ୟ ଦେଖିଥିଲେ । ଏହି କାର୍ଯ୍ୟକ୍ରମଟି ଇକୋ କ୍ଲବ ଶିକ୍ଷକ ପ୍ରତାପ କୁମାର ପଟ୍ଟନାୟକଙ୍କ ଉଦ୍ୟମରେ ଆୟୋଜିତ ହୋଇଥିଲା । ଭ୍ରମଣ ସମୟରେ ବିଦ୍ୟାଳୟର କେ. ପଦ୍ମା ଓ ସୁସ୍ମିତା ପାତ୍ର ଛାତ୍ରଛାତ୍ରୀ ମାନଙ୍କ ସହିତ ଥିଲେ । ଏହି ଶିକ୍ଷାମୂଳକ ଭ୍ରମଣ ଛାତ୍ରଛାତ୍ରୀମାନଙ୍କୁ ସସ୍ଥାୟୀ ଓ ରସାୟନମୁକ୍ତ ଉତ୍ପାଦନ ପ୍ରଣାଳୀ ବିଷୟରେ ଗଭୀର ଅବଗତି ଦେଇଥିଲା ।

# ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରସ୍ତୁତିର ସମୀକ୍ଷା




ରାୟଗଡ଼ା(ପିପିଏସ୍) : ଜିଲ୍ଲା ନିର୍ବାଚନ ଉପ ବିଭାଗ ତରଫରୁ ରାୟଗଡା ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ ସ୍ଥାନୀୟ ରାୟଗଡ଼ା ବ୍ଲକ ସଦଭାବନା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଆଇଏଏସ୍ ଯୋଗଦେଇ ଜିଲ୍ଲାରେ ଏହାର ପ୍ରଗତି ବିଷୟରେ ତିନୋଟି ନିର୍ବାଚନ ମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ବିଡିଓ, ପୌରାଞ୍ଚଳ ଓ ଏନଏସିର ନିର୍ବାହୀ ଅଧିକାରୀ ଏବଂ କମ୍ କାର୍ଯ୍ୟ ସମ୍ପାଦନ କରିଥିବା ୧୦୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହ ସଂଯୋଗୀକରଣର ସ୍ଥିତି ବିଷୟରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ତଥା ବିଷମକଟକ ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀ ନବିନଚନ୍ଦ୍ର ନାଏକ, ରାୟଗଡ଼ ଉପଜିଲ୍ଲାପାଳ ରମେଶ କୁମାର ଜେନା, ଡ଼େପୁଟି କଲେକ୍ଟର ମାନୁଏଲା ପ୍ରିୟଦର୍ଶିନୀ ଓ ବିଚିତ୍ରା ସେଠୀ ମଞ୍ଚାସୀନ ଥିଲେ । ସମୀକ୍ଷାରେ ଭୋଟର ସଂଯୋଗୀକରଣ, ଅନୟଲାଇନ ଫର୍ମଗୁଡିକର ଅନୁମୋଦନ, ଭୋଟର ତାଲିକାରେ ଆଂଶିକ କିମ୍ବା ଅଦୃଶ୍ୟ ଫଟୋ, ତଥ୍ୟ ଓ ଗୃହ ସଂଖ୍ୟା ସଂଶୋଧନ, ବୁକ୍ ଏ କଲ୍‌ର ସମୟସୀମା ମଧ୍ୟରେ ଉପସ୍ଥାନ ଆଦି ବିଷୟ ସ୍ଥାନିତ ହୋଇଥିଲା । ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଆଗାମୀ ଦିନରେ ପ୍ରାରମ୍ଭ ହେବାକୁ ଥିବା ବେଳେ ପ୍ରତି ଜିଲ୍ଲାରେ ଏହାର ପ୍ରସ୍ତୁତି କାର୍ଯ୍ୟ ଜୋରଦାରରେ ଚାଲିଛି । ବୁଥ ସ୍ତରୀୟ ଅଧିକାରୀ ବୃନ୍ଦ ୨୦୦୨ ଭୋଟର ତାଲିକାରେ ଥିବା ଭୋଟରଙ୍କ ନାମକୁ ୨୦୨୫ ମସିହାର ଭୋଟର ତାଲିକା ର ନାମ ସହ ସଂଯୋଗ କରୁଛନ୍ତି । ଗୁଣପୁର ନିର୍ବାଚନ ମଣ୍ଡଳୀ ରେ ଶତକଡା ସତୁରି , ବିଷମକଟକ ନିର୍ବାଚନମଣ୍ଡଳୀ ରେ ବାସ୍ତରୀ ଓ ରାୟଗଡ଼ ନିର୍ବାଚନ ମଣ୍ଡଳୀରେ ୭୬ ଭାଗ ଭୋଟରଙ୍କ ବର୍ତ୍ତମାନ ସୁଦ୍ଧା ସଂଯୋଗୀକରଣ ଫଳରେ ଜିଲ୍ଲାର ମୋଟ ସାତ ଲକ୍ଷ ବାଇସି ହଜାର ନଅ ଶହ ଛାୟାଅଶୀ ଜଣ ଭୋଟରଙ୍କ ମଧ୍ୟରୁ ପାଞ୍ଚ ଲକ୍ଷ ଦୁଇ ହଜାର ଦୁଇଶହ ଅଣାଅଶୀ ଜଣ ସଂଯୋଗୀକୃତ ହୋଇଛନ୍ତି । ଯାହାକି ପ୍ରାୟ ସତୁରି ଶତକଡା ଅଟେ । ଭୋଟର ଓ ତାଙ୍କ ପିତା, ମାତାଙ୍କ ତଥ୍ୟ ସଂଗ୍ରହ କରିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଶତ ପ୍ରତିଶତ ସଂଯୋଗୀକରଣ ହାସଲ କରିବା ନିମନ୍ତେ ବୁଥ ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାସହ ତ୍ରୁଟିଶୂନ୍ୟ ସୁସ୍ଥ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଆବଶ୍ୟକ ସହଯୋଗ କରିବା ପାଇଁ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଭୋଟରଙ୍କୁ ଅନୁରୋଧ କରିଛନ୍ତି ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁନ୍ତି, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେଉଁ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୦୮।୦୨।୨୦୨୬ ■ ରବିବାର

# ବିରୋଧ ପାଇଁ ବିରୋଧ

ଯାହା ଆଶଙ୍କା ଥିଲା, ତାହା ହିଁ ହେଲା । ଆମେରିକା ସହିତ ହେବାକୁ ଥିବା ବାଣିଜ୍ୟ ବୁଝାମଣା କଂଗ୍ରେସ ହଜମ କରିପାରୁ ନାହିଁ । ଆମେରିକା ରାଷ୍ଟ୍ରପତି ଯେମିତି ଭାରତୀୟ ବସ୍ତୁ ଉପରେ ଟାରିଫ ୫୦ ପ୍ରତିଶତରୁ ହ୍ରାସ କରି ୧୮ ପ୍ରତିଶତ କରିଦେବାର ଘୋଷଣା କଲେ, ତାହା ଶୁଣିବା ମାତ୍ରେ କଂଗ୍ରେସ ପକ୍ଷରୁ ଆପତ୍ତି କରାଯିବା ଆରମ୍ଭ ହୋଇଗଲା । ଅବଶ୍ୟ ବାଣିଜ୍ୟ ବୁଝାମଣା ନେଇ ଟ୍ରମ୍ପଙ୍କ ପୋଷ୍ଟକୁ ନେଇ କେତେ ପ୍ରଶ୍ନ ଉଠୁଛି, କିନ୍ତୁ ସେ ପ୍ରଶ୍ନର ଉତ୍ତର ନ ମାଗି କଂଗ୍ରେସ ନେତାମାନେ କିପରି କହୁଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ବାଧ୍ୟବାଧକତାରେ ଏ ବୁଝାମଣା କରିଛନ୍ତି ? ରାହୁଲ ଗାନ୍ଧୀ ତ ଏକଥା କହିବାକୁ ସଂକୋଚ କରିନାହାନ୍ତି ଯେ ପ୍ରଧାନମନ୍ତ୍ରୀ କୃଷକଙ୍କର ପରିଶ୍ରମକୁ ବିକ୍ରି କରିଦେଇଛନ୍ତି । ଏହି ବୁଝାମଣାକୁ ନେଇ ହୋଇଥିବା ସହମତି ଉପରେ କଂଗ୍ରେସ ଆପତ୍ତି କରିବାର ଏତେ ଶୀଘ୍ରତା ଥିଲା ଯେ ସେମାନେ ଏକଥା ପ୍ରତି ଆଦୌ ଧ୍ୟାନ ଦେଇ ନାହାନ୍ତି ଯେ ଆମେରିକା ରାଷ୍ଟ୍ରପତିଙ୍କ ପୋଷ୍ଟ୍ ଉପରେ ଭାରତର ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟ କ'ଣ କହୁଛି ଓ ନା ସେମାନେ ବାଣିଜ୍ୟମନ୍ତ୍ରୀଙ୍କ ଉତ୍ତରକୁ ପ୍ରତୀକ୍ଷା କରିବା ଆବଶ୍ୟକ ମଣିଲେ । ବରଂ ବାଣିଜ୍ୟମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି ଯେ ବାଣିଜ୍ୟ ବୁଝାମଣାରେ କୃଷି ଓ ଡେରୀ କ୍ଷେତ୍ରରେ ଭାରତର ହିତର ସୁରକ୍ଷା କରାଯିବ ଓ ଆମେରିକୀୟ ବାଣିଜ୍ୟ ପ୍ରତିନିଧି ମଧ୍ୟ ଏହାକୁ ପୁଷ୍ଟି କରିଛନ୍ତି ।

ଏହା ପରେ କଂଗ୍ରେସ ପକ୍ଷରୁ ଆଉ କିଛି କହିବାର ନଥିଲା, ତଥାପି ସେମାନେ କହିବା ଆରମ୍ଭ କରିଦେଲେ ଯେ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ସଂସଦରେ ତଥ୍ୟ ପ୍ରକାଶ କରାଗଲା ନାହିଁ କାହିଁକି ? ଅବଶ୍ୟ, ବାଣିଜ୍ୟ ମନ୍ତ୍ରୀ ସେ ସବୁ ପରିସ୍ଥିତି ସଂକ୍ରାନ୍ତରେ ଉଲ୍ଲେଖ କଲେ, ଯାହା ଯୋଗୁଁ ସଂସଦରେ ଚାହିଁଲେ ମଧ୍ୟ ବୟାନ ଦେଇପାରି ନଥିଲେ, କିନ୍ତୁ କଂଗ୍ରେସ ସେ କଥାରେ ସନ୍ତୁଷ୍ଟ ହେଲା ନାହିଁ । ଆମେରିକା ସହ ହେବାକୁ ଯାଉଥିବା ବାଣିଜ୍ୟ ବୁଝାମଣା ସଂକ୍ରାନ୍ତରେ କଂଗ୍ରେସ ପକ୍ଷରୁ ପ୍ରଶ୍ନ ଉଠାଯିବା ଏଯାଏ ଥମି ନାହିଁ । ତାହା ଦେଖାଦେଖି ଅନ୍ୟ ବିପକ୍ଷ ଦଳମାନଙ୍କ ପକ୍ଷରୁ ମଧ୍ୟ ସେପରି କରାଯାଉଛି । ସାଧାରଣ ବିଚାରବୁଦ୍ଧି ଥିବା ବ୍ୟକ୍ତି ଜାଣେ ଯେ କୌଣସି ବି ବୁଝାମଣା କି ସହମତି ଉପରେ ପ୍ରଶ୍ନ ଉଠାଇବା ପୂର୍ବରୁ ତାହାର ବିବରଣୀ ପ୍ରକାଶ ପାଇବା ଯାଏ ପ୍ରତୀକ୍ଷା କରାଯିବା ଦରକାର, କିନ୍ତୁ ଆଜିର ଭାରତୀୟ ରାଜନୀତିରେ ଏତିକି ବୁଝିପାରୁଥିବା ବ୍ୟକ୍ତିମାନଙ୍କର ଅଭାବ ପରିଲକ୍ଷିତ ହେଲାଣି । ସେ ସ୍ଥାନରେ ବିରୋଧ ପାଇଁ ବିରୋଧ କରିବା ପ୍ରକ୍ରିୟା ବୃଦ୍ଧି ପାଇବାରେ ଲାଗିଛି । ଏମିତି ବି ପ୍ରତ୍ୟେକ ଦଳ ବିପକ୍ଷରେ ଥିବା ବେଳେ ଏପ୍ରକାର ଆଚରଣ ପ୍ରଦର୍ଶନ କରି ଆସୁଛନ୍ତି । କିନ୍ତୁ କଂଗ୍ରେସ ସମ୍ଭବତଃ ଏ କ୍ଷେତ୍ରରେ ଅଧିକ ପାରଦର୍ଶିତା ହାସଲ କରି ନିଜର ବିଚାରଶୂନ୍ୟତାକୁ ପ୍ରଦର୍ଶନ କରିବାକୁ ଆଦୌ କୁଣ୍ଠିତ ହେଉନାହିଁ ।

ଏହି କାରଣରୁ କଂଗ୍ରେସର ସମାଲୋଚନା-ନିନ୍ଦା ଚର୍ଚ୍ଚିତ ହେଉଛି କିନ୍ତୁ ତାହାର କୌଣସି ପ୍ରଭାବ ପଡୁନାହିଁ କି କୌଣସି ସାର୍ଥକ ବିତର୍କକୁ ଜନ୍ମ ଦେଉନାହିଁ । ଏହି ହେଉଛି ପ୍ରମୁଖ କାରଣ ଯେଉଁଥିପାଇଁ ଶାସନପକ୍ଷକୁ ନିଜର ଆଚରଣ ଓ ଉଚ୍ଚାରଣ ଉପରେ ବିଚାର କରିବା ଲାଗି ବିରୋଧୀପକ୍ଷ ବାଧ୍ୟ କରିପାରୁ ନାହିଁ । ବିଡ଼ମ୍ବନାର ବିଷୟ ହେଉଛି ନିର୍ବାଚନ ପରେ ନିର୍ବାଚନରେ ପରାଜିତ ହୋଇ ଚାଲିଥିବା ସତ୍ତ୍ୱେ କଂଗ୍ରେସ ବୁଝିବାକୁ ପ୍ରସ୍ତୁତ ନୁହେଁ ଯେ ବିପକ୍ଷର କାମ କେବଳ କପୋଳକଳ୍ପିତ ସମାଲୋଚନା କରିବା କି ଚାଞ୍ଚଲ୍ୟକର ଆରୋପ ଲଗାଇବା ନୁହେଁ, ଗଠନମୂଳକ ସମାଲୋଚନାକୁ ନେଇ ବିତର୍କ କରିବା ଲାଗି ପରିବେଶ ସୃଷ୍ଟିର ଆବଶ୍ୟକତା ଅଛି । ସରକାରଙ୍କ ପ୍ରତ୍ୟେକ ନିଷ୍ପତ୍ତିକୁ ଯେକୌଣସି ପ୍ରକାରେ ବିରୋଧ କରିବା କଂଗ୍ରେସର ଅଭ୍ୟାସ ଏତେ ଅଧିକ ବଢ଼ିଯାଇଛି ଯେ ତାହା ତର୍କ ଓ ତଥ୍ୟସଂଗତ ହୋଇ ଆଉ ରହୁନାହିଁ । ❑❑

# କୃଷ୍ଣସ୍ତୁ ଭଗବାନ ସ୍ୱୟଂ

ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ। ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି -ଏକ ଜ୍ୟୋତ୍ସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ। ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ। ଏହି ନୃତ୍ୟ ଚିରନ୍ତନ। ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ। ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ। ରାସଲୀଳା ହେଉଛି ଏହାର ଇଙ୍ଗିତ। ଜୀବକୁଳ ଯଦି ଏହି ଭାବରେ କୁଳମାଳିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ। ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏକ ଏଟମ୍ ଭିତରେ ମଧ୍ୟ ନିହିତ ଅଛି। ସେଠାରେ ମଧ୍ୟ ଏକ ପ୍ରୋଟନ୍‌କୁ କେନ୍ଦ୍ର କରି ଚାଲିଛି ଇଲେକ୍‌ଟ୍ରନର ଆବର୍ତ୍ତନ। ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ ଦିନେ କହିଲେ - ଭଗବାନ ଶ୍ରୀକୃଷ୍ଣଙ୍କର ରାସଲୀଳା ଏହି ଏଟମ୍ ଭିତରେ ନିତ୍ୟ ଗତିଶୀଳତାର ଅଭିବ୍ୟକ୍ତି। ଏକ ଏଟମ୍‌ର କେନ୍ଦ୍ରାୟିତ ଆବର୍ତ୍ତନ ଯେଉଁଳି ସେହି ଏଟମ୍‌କୁ ଧରି ରଖିବାରେ ସାହାଯ୍ୟ କରେ, ଭାଙ୍ଗିଯିବାକୁ ଦିଏ ନାହିଁ, ସେହିପରି ଜୀବନକୁ ସୁସଂସ୍ଥ ଓ ସୁସଂବଦ୍ଧ କରି ରଖିବାକୁ ହେଲେ ଆବଶ୍ୟକ ଜୀବନର କୁଳମାଳିକ ବା ଇଷ୍ଟଗୁରୁଙ୍କ ପ୍ରତି ଅଚ୍ୟୁତ ନିଷ୍ଠାନନ୍ଦିତ ସୁକେନ୍ଦ୍ରିକ ଅନୁଚଳନ। ଏହି ଚଳନରେ ହିଁ ଜାଗି ଉଠେ ବ୍ୟକ୍ତିତ୍ୱ, ଜୀବନ ହୁଏ ଆନନ୍ଦମୟ ଓ ସେହି ଦିବ୍ୟ ଚଳନର ଦ୍ୟୋତକ ହିଁ ରାସଲୀଳା। ଶ୍ରୀକୃଷ୍ଣଙ୍କର ଲୀଳାକାଳରେ ଏକ ବିଶେଷ ଅଂଶ ଘଟେ ବୃନ୍ଦାବନରେ। ସେଠାରେ ସେ ବହୁ ଅସୁର ମାନଙ୍କର ନିଧନ କରି ବହୁ ଶରଣାଗତଙ୍କୁ ରକ୍ଷା କରିଛନ୍ତି। ଏହି ବୃନ୍ଦାବନ ହେଉଛି ଏକ ସ୍ଥାନର ନାମ। ଶ୍ରୀକୃଷ୍ଣ ବୃନ୍ଦାବନକୁ ଏତେ ଭଲପାନ୍ତି ଯେ ସେ ବୃନ୍ଦାବନ ପରିତ୍ୟାଗ କରି ଅନ୍ୟତ୍ର ଯିବାକୁ ଚାହାଁନ୍ତି ନାହିଁ – ବୃନ୍ଦାବନଂ ପରିତ୍ୟାଜ୍ୟ ପାଦମେକଂ ନ ଗଚ୍ଛାମି। କିନ୍ତୁ ବୃନ୍ଦାବନ ବାଲ୍ୟଲୀଳା ପରେ ମଧ୍ୟ ଶ୍ରୀକୃଷ୍ଣ ଲୀଳା କରିଛନ୍ତି ମଥୁରା, ହସ୍ତିନାପୁର ଓ ଦ୍ୱାରକାରେ। ଏହି ପ୍ରସଙ୍ଗରେ ଦୟାଲ ଶ୍ରୀ ଶ୍ରୀ ଠାକୁର କହିଛନ୍ତି – ବୃନ୍ଦାବନ ଶବ୍ଦ ଭିତରେ ଅଛି ବୃନ୍ଦ ଓ ଅବନ। ବୃନ୍ଦ ମାନେ ସମୂହ – ବିଶ୍ୱଜଗତର ସବୁକିଛି। ଅବନ ଆସିଛି ଅବ୍ ଧାତୁ ଠାରୁ ମାନେ ରକ୍ଷା କରିବା। ତେଣୁ ବୃନ୍ଦାବନ ଶବ୍ଦର ଅର୍ଥ ହେଉଛି ବିଶ୍ୱ ଦୁନିଆର ପ୍ରତିଟି ବସ୍ତୁ ଯେଉଁଠାରେ ସୁରକ୍ଷିତ ରହିଛନ୍ତି। ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ନୀତିବିଧି ହେଲା ଜୀବନପାଳନୀ। ଏହି ଗୁଡ଼ିକ ଯେଉଁମାନେ ପାଳନ କରି ଚାଲନ୍ତି ସେମାନେ ମୃତ୍ୟୁ ଓ ସହସ୍ର ସହସ୍ର ଆପଦ ବିପଦ ମଧ୍ୟରୁ ରକ୍ଷା ପାଆନ୍ତି। ତେଣୁ ଶ୍ରୀକୃଷ୍ଣଙ୍କର ଅନୁଶାସନ ହେଲା ବୃନ୍ଦାବନ।

ଡା. ଉମେଶ ଚନ୍ଦ୍ର ପାତ୍ର, କଟକ

# ସାର୍ଥକ ବିତର୍କ ଦ୍ୱାରା ସଂସଦୀୟ ମର୍ଯ୍ୟାଦା ରକ୍ଷା

ଧ୍ୱନିପ୍ରତିଧ୍ୱନି

ଭର୍ତ୍ତୃହରି ମହତାବ



**ବ**ଜେଟ ଅଧିବେଶନର ସପ୍ତମ ଦିନ ଯେପ୍ରକାର ସ୍ଥିତି ସବୁ ସୃଷ୍ଟି ହେଲା, ତାହା ନିଶ୍ଚିତ ଭାବେ ଗଣତାନ୍ତ୍ରିକ ପରମ୍ପରାରେ ମତଭେଦକୁ ଅତ୍ୟନ୍ତ ନିମ୍ନସ୍ତରକୁ ତ ନେଇଗଲା, ତା'ସହିତ ସଂସଦରେ ଏକ କଳାଦାଗ ମଧ୍ୟ ରଖିଦେଇଯାଇଛି । ଏ ଅଧିବେଶନରେ ଗତ କିଛିଦିନ ହେଲା ଲଗାତାର ଭାବେ ହଟ୍ଟଗୋଳ, ହଙ୍ଗାମା ହେଉଥିବା କାରଣରୁ ଗୃହ କାର୍ଯ୍ୟ ବାରମ୍ବାର ମୁଲତବୀ ହୋଇଆସୁଛି । ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ବୁଧବାର ଦିନ ସନ୍ଧ୍ୟା ୫ଟାରେ ପ୍ରଧାନମନ୍ତ୍ରୀ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେବାର ଥିଲା, କିନ୍ତୁ ସେ ଲୋକସଭା ଗୃହକୁ ଆସିବା ପୂର୍ବରୁ ତାଙ୍କ ଆସନ ପାଖରେ ଯେପରି କଂଗ୍ରେସ ଦଳର ମହିଳା ସାଂସଦ ୮ ଜଣ ଆବୋରି ଠିଆ ହୋଇ ବ୍ୟାନର, ପ୍ଲାକାର୍ଡ ଧରି ସ୍ଲୋଗାନ ଦେଲେ, ତାହା ଯେ ଅତ୍ୟନ୍ତ ଅସ୍ୱାଭାବିକ ଥିଲା ଏଥିରେ ସନ୍ଦେହ ନାହିଁ । ଏପ୍ରକାର ଅବସ୍ଥାରେ ଗୃହକାର୍ଯ୍ୟକୁ ତା'ପରଦିନ ଗୁରୁବାରକୁ ମୁଲତବୀ କରିଦିଆଯାଇଥିଲା । ଗୁରୁବାର ଦିନ ଲୋକସଭା ବାଚସ୍ପତି ଓମ୍ ବିରଳା ଯେଉଁ ସୂଚନା ଗୃହକୁ ଦେଲେ ତାହା ଶୁଣି ଦେଶ ସ୍ତବ୍ଧ ହୋଇଗଲା । ସେ କହିଲେ ପ୍ରଧାନମନ୍ତ୍ରୀ ଯଦି ଲୋକସଭାକୁ ଆସିଥାଆନ୍ତେ, ତେବେ ତାଙ୍କ ପ୍ରତି କୌଣସି 'ଅପ୍ରିୟ' ଘଟଣା ହେବାର ସୂଚନା ତାଙ୍କୁ ମିଳିବାରୁ ସେ ତାଙ୍କୁ ନ ଆସିବାକୁ କହିଲେ । ଏ ଆରୋପ ସାମାନ୍ୟ କଥା ନୁହେଁ । ପ୍ରଧାନମନ୍ତ୍ରୀ ହେଉଛନ୍ତି ଲୋକସଭା ଗୃହର ନେତା ଓ ସେଠାରେ ସେ ନିଜ ବକ୍ତବ୍ୟ ଦେଇ ନ ପାରିବା ଓ ତାହା ପୁଣି ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ, ଏପରି କେବେ ପୂର୍ବରୁ ଘଟିନଥିଲା । ଏକ ପରମ୍ପରା ରହିଆସିଛି ଯେ ଧନ୍ୟବାଦ ପ୍ରସ୍ତାବ ଉପରେ ଚର୍ଚ୍ଚାର ଉତ୍ତର ଶେଷରେ ପ୍ରଧାନମନ୍ତ୍ରୀ ହିଁ ଦେଇଥାଆନ୍ତି । ଏ ପରମ୍ପରା ଭଙ୍ଗ ହୋଇଛି । କଂଗ୍ରେସ ସଦସ୍ୟଙ୍କ ଅପ୍ରତ୍ୟାଶିତ ଆଚରଣର ଆଶଙ୍କାରୁ ଏ ପରମ୍ପରା ଭଙ୍ଗ ହୋଇଛି । ଯେବେ ବି ସଂସଦର ସ୍ଥାପିତ ପରମ୍ପରା ଭଙ୍ଗ ହୁଏ, ତେବେ ସଂସଦର ଗାରିମା ନିମ୍ନଗାମୀ ହେବା ସହ ରାଜନୈତିକ ବିଦ୍ୱେଷ ତ ବଢ଼େ, ଗଣତନ୍ତ୍ର ପ୍ରତି ଲୋକଙ୍କ ଆସ୍ଥା ମଧ୍ୟ ଦୋହଲିଯାଏ ।

ଅବଶ୍ୟ ଗୁରୁବାର ଦିନ ରାଜ୍ୟସଭାରେ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିଛନ୍ତି । ଲୋକସଭାର ବିରୋଧୀଦଳ ନେତାଙ୍କୁ କହିବାକୁ ସୁଯୋଗ ଦିଆନଯିବା ପ୍ରସଙ୍ଗ ଉଠାଇ ବିରୋଧୀ ଦଳର ସଦସ୍ୟମାନେ ତା' ପୂର୍ବରୁ କକ୍ଷତ୍ୟାଗ କରି ଚାଲିଯାଇଥିଲେ । ଶାସକ ପକ୍ଷ କହିଛି ବିରୋଧୀ ପକ୍ଷ ଗୃହ କାର୍ଯ୍ୟ ଚଳାଇବାକୁ ଚାହୁଁ ନାହାନ୍ତି । ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ସମଗ୍ର ଚର୍ଚ୍ଚା ହେବା ଆବଶ୍ୟକ ଥିଲା, କିନ୍ତୁ ପ୍ରତ୍ୟେକ ଦିନ ହଙ୍ଗାମା ହେଉଥିବାରୁ କୌଣସି ଚର୍ଚ୍ଚା ଲୋକସଭାରେ ହେଲା ନାହିଁ । ଅବଶ୍ୟ ରାଜ୍ୟସଭା ଗୃହକାର୍ଯ୍ୟ ବାଧିତ ହୋଇ ନାହିଁ । ପ୍ରଧାନମନ୍ତ୍ରୀ ସେଠାରେ ତାଙ୍କର ବକ୍ତବ୍ୟ ରଖିପାରିଛନ୍ତି । କିନ୍ତୁ ଲୋକସଭାରେ ନୁହେଁ । ବିରୋଧୀ କଂଗ୍ରେସ ତଥା ତୃଣମୂଳ କଂଗ୍ରେସ ସଦସ୍ୟଙ୍କ ଆକ୍ରମଣାତ୍ମକ ଆଚରଣ କାରଣରୁ ପ୍ରଧାନମନ୍ତ୍ରୀ ଲୋକସଭାରେ କହି ନପାରିବା ଘଟଣାଠାରୁ ଆଉ ବଡ଼ ବିଡ଼ମ୍ବନା ଭାରତର ଗଣତାନ୍ତ୍ରିକ ଇତିହାସରେ ଆଉ କ'ଣ ହୋଇପାରେ ?

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ହେବା ଦିନଠାରୁ ସଂସଦର ଉଭୟ ଗୃହ ତଥା ପରିସରରେ ଯେପ୍ରକାର ଦୃଶ୍ୟସବୁ ଦେଖିବାକୁ ମିଳୁଛି, ତାହା ସଂସଦୀୟ ମର୍ଯ୍ୟାଦାର ଉପହାସ ବ୍ୟତୀତ ଅନ୍ୟ କିଛି ନୁହେଁ । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ଅପ୍ରକାଶିତ ପୁସ୍ତକର କିଛି ଅଂଶକୁ ଉଦ୍ଧାର କରି ୨୦୨୦ରେ ଚୀନ ଅତିକ୍ରମଣ ମାମଲା ନେଇ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆରୋପ ଲଗାଇବା ଓ ତାଙ୍କୁ ଦୁର୍ବଳ ଶାସକ ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଜଣାନାହିଁ ସେ କିପରି ଭୁଲିଗଲେ ଯେ ତାହାର ଜବାବ ତାଙ୍କୁ ସେ ଘଟଣା ସଂକ୍ରାନ୍ତରେ ପ୍ରକାଶିତ ଅନ୍ୟ ପୁସ୍ତକଗୁଡ଼ିକ ମାଧ୍ୟମରେ ଅପ୍ରିୟ କଥା ଶୁଣିବାକୁ ମିଳିଥାଆନ୍ତା ଓ ତା' ସହ ତାଙ୍କ ଦଳ ମଧ୍ୟ ଅପ୍ରସ୍ତୁତ ସ୍ଥିତିରେ ପଡ଼ିଥାଆନ୍ତା ।

ସଂସଦ ପରିସରରେ ଏପରି କିଛି ଘଟଣା ବି ଘଟିଛି ଯାହା ହେବାର ନଥିଲା । କେନ୍ଦ୍ରମନ୍ତ୍ରୀ ରଭନୀତସିଂହ ବିଟ୍ଟୁଙ୍କୁ ସାମନାରେ ଦେଖି ରାହୁଲ ଗାନ୍ଧୀ ତାଙ୍କୁ କେବଳ ଗଦ୍ଦାର କହିଲେ ନାହିଁ, କଟାକ୍ଷ କରି କହିଲେ ତାଙ୍କୁ କଂଗ୍ରେସ ଶରଣକୁ ଆସିବାକୁ ପଡ଼ିବ । କ'ଣ ରାହୁଲ କଂଗ୍ରେସରୁ ଅନ୍ୟ ଦଳକୁ ଯାଇଥିବା ସବୁନେତାଙ୍କୁ ମଧ୍ୟ ଏ ନଜରରେ ଦେଖନ୍ତି ? ଯେଉଁ ନେତାମାନେ ଅନ୍ୟ ଦଳରୁ କଂଗ୍ରେସକୁ ଯାଇଛନ୍ତି, ସେମାନଙ୍କ ପ୍ରତି ତାଙ୍କର ଧାରଣା କ'ଣ ? ସଂସଦ ହଟ୍ଟଗୋଳ, ହଙ୍ଗାମା ପାଇଁ ନୁହେଁ, ଏହା କଂଗ୍ରେସ ବୁଝିବା ଦରକାର ।❑❑

# ସଂସ୍କୃତ ଟୋଲ ଓ ଓଡ଼ିଆ ଭାଷାଶିକ୍ଷା ବିପଦରେ

ପଣ୍ଡିତ:ଡ: ପ୍ରବୋଧ କୁମାର ମିଶ୍ର

ଟୋଲ ଅର୍ଥାତ୍ ସଂସ୍କୃତ ପାଠଶାଳାର ଅବସ୍ଥା ଓ ସଂସ୍କୃତ ଶିକ୍ଷାର ବିକାଶ ଓ ଏହି ପାଠ୍ୟକ୍ରମକୁ ଏବଂ ସଂସ୍କୃତ ଶିକ୍ଷାଧାରାକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ଏକ ଉଚ୍ଚ କ୍ଷମତାସଂପନ୍ନ କମିଟି ଗଠନ କରିଥିବା ଆନନ୍ଦର କଥା । ଜଣେ ଅଭିଜ୍ଞ ଆଇ.ଏ.ଏସ୍. ଅଫିସର ଅଶୋକ କୁମାର ତ୍ରିପାଠୀଙ୍କୁ ଅଧ୍ୟକ୍ଷ କରାଯାଇଛି । ସରକାରଙ୍କର ମନୋଭାବ ପ୍ରଶଂସନୀୟ । ଓଡ଼ିଶାରେ ଜଣେ କେନ୍ଦ୍ରମନ୍ତ୍ରୀ ସଂସ୍କୃତ ସଂପର୍କରେ ଏଥିପ୍ରତି ଭୁଲ୍‌ରେ ଉଦ୍ୟମ କରୁନଥିବା ଦେଖାଯାଏ । ଯାହା ହେଉ ଜଣେ କମିଶନର ଏ ଦିଗରେ ଛିନଭିନ ଆଲୋଚନା କରୁଥିବା ବେଳେ, କିଛି ଲାଭ ହେବ ବୋଲି ଆଶା କରାଯାଏ । ଲକ୍ଷଣୀୟ ଯେ ସଂସ୍କୃତ ଶିକ୍ଷାର ପାଠଶାଳା (ଟୋଲ)ର ସୁରକ୍ଷା, ଶିକ୍ଷକ ନିଯୁକ୍ତି ସହିତ ଭଙ୍ଗାଘର ଉଦ୍ଧାର ନ୍ୟାୟୋଚିତ ଶିକ୍ଷକ ନିଯୁକ୍ତି ନ ହେଲେ ସଂସ୍କୃତ ଶିକ୍ଷା ଧ୍ୱଂସ ପାଇବ । ସାଧାରଣତଃ ଓଡ଼ିଆ ଭାଷା ସହିତ ସଂସ୍କୃତର ପ୍ରାଣଗତ ସଂପର୍କ ନ ରହିଲେ ଶିକ୍ଷା ବ୍ୟବସ୍ଥା ଧ୍ୱଂସ ପାଇବ । ସାଧାରଣତଃ ଓଡ଼ିଆ ଭାଷା ପାଇଁ ସଂସ୍କୃତ ଭାଷା ଏକାନ୍ତ ଅନିବାର୍ଯ୍ୟ । ତୁଚ୍ଛାକୁ ଭାଷା ବିକାଶ କହି ଚାଲିଲେ, ଓଡ଼ିଆ ଭାଷା ଦୁର୍ବଳ ହେବ ଓ ସଂସ୍କୃତ ଭାଷା ଲୋପ ପାଇବ । ବିଭିନ୍ନ ସାନ୍ତାଳୀ ସହିତ କେତେକ ଆରଣ୍ୟକ ଭାଷାର ବିକାଶ ବହୁଦୂରରେ ଓ ଏହା ସମୟାତୀତ ହୋଇପାରେ । ବସ୍ତୁତଃ ରାଜ୍ୟ ସରକାର ସଂସ୍କୃତର ବିଶେଷ ଭାବରେ ଟୋଲ ଗୁଡ଼ିକର ମୂଳଦ୍ୱା ଦୃଢ଼ କଲେ ଓଡ଼ିଆ ଭାଷାର ବିକାଶ ସହିତ ସଂସ୍କୃତର ମୂଲ୍ୟବୋଧ ରକ୍ଷା କରାଯାଇ ପାରିବ ।

ଏ ଦିଗରେ ସରକାର ଭାଷାର ମୌଳିକତା ରକ୍ଷା ପାଇଁ ଯଥାର୍ଥ ପଦକ୍ଷେପ ନିଅନ୍ତୁ । ସଂସ୍କୃତ ଟୋଲ ଶିକ୍ଷକମାନଙ୍କର ଆବଶ୍ୟକତା ପଦୋନ୍ନତି, ଅଣଦେଖା ହେଉଥିବା ଟୋଲଗୁଡ଼ିକୁ ସଜାଡ଼ିବା ପ୍ରାଥମିକ ଦାୟିତ୍ୱ । ଘର ଭାଙ୍ଗି ଯାଇଥିବା ଟୋଲରେ ଭାଷା ବଞ୍ଚେ ନାହିଁ । ଏବେ ସାରା ବିଶ୍ୱରେ ଜର୍ମାନ,ଫ୍ରାନ୍ସ ଏପରିକି ପାକିସ୍ତାନରେ ସଂସ୍କୃତ ପାଠ୍ୟକ୍ରମ ହେଉଥିବା ବେଳେ ଅନ୍ୟାନ୍ୟ ରାଜ୍ୟ ଯଥା- କେରଳ, ତାମିଲନାଡୁ, ଉତ୍ତରାଖଣ୍ଡ ପ୍ରଭୃତିରେ ସଂସ୍କୃତ ବିକାଶ ପାଇଁ ଗୁରୁତ୍ୱ ଦିଆଯାଉଛି । ସଂସ୍କୃତ, ସଂସ୍କୃତି, ଓଡ଼ିଆ ଭାଷା, ଅସ୍ମିତାର ସୁରକ୍ଷା ପାଇଁ ସରକାର ଅଗ୍ରାଧିକାର ଦେବା ବଦଳରେ ଶିଥିଳ ପାଦ ପକାଉଥିବା ଲକ୍ଷ୍ୟ କରାଯାଉଛି । ଭାଷାର ବିକାଶ ନ ହେଲେ କମିଶନ ବସାଇ ଏ ସବୁ କାର୍ଯ୍ୟକାରି କରିବା ଦିଗରେ ପଦକ୍ଷେପ ନେବା ଆବଶ୍ୟକତା ରହିଛି ।

ଆମ୍ଭ ମତରେ ସରକାର ତୀକ୍ଷ୍ଣ ଦୃଷ୍ଟିରେ ସଂସ୍କୃତ ଭାଷା ଓ ଶିକ୍ଷାକୁ ଆଗକୁ ନ ନେଲେ ଓଡ଼ିଶାର ପିଲାମାନେ ସେମାନଙ୍କର ଭାଷାଜ୍ଞାନ, ଶିଷ୍ଟାଚାର ଜ୍ଞାନ ଲାଭ କରୁଥିବା ଟୋଲ ଗୁଡ଼ିକ ଭାଙ୍ଗିଯିବ ଓ ପିଲାମାନଙ୍କର ଭାଷାଜ୍ଞାନ ରହିବ ନାହିଁ । ଏହାକୁ ସରକାର ତୀକ୍ଷ୍ଣ ଦୃଷ୍ଟିରେ ଅନୁଧ୍ୟାନ କରିବା ଆବଶ୍ୟକ । ବର୍ତ୍ତମାନ ସ୍ଥାପିତ କମିଶନର ଜଣେ ବିଜ୍ଞ ପ୍ରଶାସକ ହୋଇଥିବାରୁ ଏ କଥାଟି ରୋକ୍‌ଠୋକ୍ ସରକାରଙ୍କୁ ଜଣାଇବେ ବୋଲି ଆଶା କରୁଛି । ପରମ୍ପରାଗତ ସଂସ୍କୃତ ଶିକ୍ଷା ବିପଦରେ ପଡ଼ିଲେ ପିଲାମାନଙ୍କର ଭାଷାଜ୍ଞାନ ବିପତ୍ତିରେ ପଡ଼ିଲେ ଓଡ଼ିଆ ଭାଷା ବିକଳାଙ୍ଗ ହେବ । ମୋହନ ସରକାର ସବୁ ଦିଗରୁ ବିକାଶର କଥା କହୁଥିବା ବେଳେ ସଂସ୍କୃତ ଶିକ୍ଷାର ଉନ୍ନତି ନ ହେଲେ ପିଲାଙ୍କ ଭାଷାଜ୍ଞାନ ନଷ୍ଟ ହେବ କାରଣ ସଂସ୍କୃତ ବିନା ବ୍ୟବହାରରେ ଓଡ଼ିଆ ଭାଷା ତିଷ୍ଠି ରହିପାରିବ ନାହିଁ । ଏହା ନିରାଟ ସତ୍ୟ । ଭାଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ଆଜି କାମ ଦେଉଛି । କୃତ୍ରିମ ବୁଦ୍ଧିମତ୍ତାକୁ ଅପାଶାଇ ପାରିଲେ ଏ କ୍ଷେତ୍ରରେ ଭାଷାର ଦୁର୍ବଳତା ଦେଖାଦେଲେ ବାସ୍ତବତାକୁ ବଞ୍ଚାଇ ରଖିବାକୁ ହେବ ।

ସଭାପତି, ନି.ଉ.ସଂସ୍କୃତ
ମହାମଣ୍ଡଳ, ଭୁବନେଶ୍ୱର

## ସଂପାଦକଙ୍କୁ ପତ୍ର

# ତେଲଟାଙ୍କି ତନଖି ପାଇଁ ପଦକ୍ଷେପ ନିଆଯାଉ

ମହାଶୟ,

କଟକ-ଭୁବନେଶ୍ୱର ପରି ଦ୍ୱୈତନଗରୀ ଓ ରାଜ୍ୟର ବଡ଼ ବଡ଼ ସହର ମାନଙ୍କରେ ସହରରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକ ପେଟ୍ରୋଲ ଓ ଡିଜେଲ ପକାଉଥିବା ଗାଡ଼ିକୁ ସଠିକ ପରିମାଣରେ ତେଲ ଦେଉଛି କି ନାହିଁ, ଗ୍ରାହକଙ୍କ ପାଇଁ ମୌଳିକ ସୁବିଧା ଉପଲବ୍ଧ କରାଇଛି କି ନାହିଁ ଏବଂ ତେଲର ମାନ ଯାଞ୍ଚ କରିବା ନିମନ୍ତେ ଆବଶ୍ୟକ ସୁବିଧା ଅଛି କି ନାହିଁ ଆଦି ଘଟଣାକୁ ନୀରିକ୍ଷଣ ନିମନ୍ତେ ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ଟିମ କିପରି କାମ କରୁଛି, ତାହା ସହରବାସୀ ବିଶେଷ କରି ତଲେ ପକାଇବାକୁ ପେଟ୍ରୋଲ ପମ୍ପ ଆସୁଥିବା ଲୋକେ ଜାଣିପାରୁ ନାହାନ୍ତି। କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପେଟ୍ରୋଲ ପମ୍ପ ବିରୋଧରେ ଗ୍ରାହକମାନେ ଅନେକ ସମୟରେ ବିଭିନ୍ନ ଅଭିଯୋଗ କରିଥାନ୍ତି କେହି ଅପମିଶ୍ରିତ ତେଲ ବିକ୍ରି କରୁଥିବା ତ' ପୁଣି କିଏ ମୌଳିକ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯାଉ ନାହିଁ ବୋଲି ଅଭିଯୋଗ କରିଥାନ୍ତି। ଏସବୁ ଅଭିଯୋଗ ମିଳିବାପରେ ଯୋଗାଣ ବିଭାଗ ଉକ୍ତ ପେଟ୍ରୋଲ ପମ୍ପ ଗୁଡ଼ିକ ଉପରେ ଚଢ଼ଉ କରିଥାଏ। ତେବେ ଚଢ଼ାଉ ପରେ କୌଣସି କାର୍ଯ୍ୟାନୁଷ୍ଠାନ ହୁଏ କି ନାହିଁ ତାହା ଜାଣି ହୋଇନଥାଏ।

ସରକାରୀ ହିସାବ ଅନୁସାରେ କଟକ ଜିଲ୍ଲାରେ ମୋଟ ୧୫୧ଟି ପେଟ୍ରୋଲ ପମ୍ପ ରହିଛି। ସେଥି ମଧ୍ୟରେ କଟକ ମହାନଗର ନିଗମ ଅଞ୍ଚଳରେ ୨୧ଟି ପମ୍ପ ରହିଛି। ଏହି ପେଟ୍ରୋଲ ପମ୍ପ ଗୁଡ଼ିକ ଉପରେ ଅଭିଯୋଗ ଆସିଲେ ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ୟୁନିଟ ଚଢ଼ାଉ କରିଥାଏ। ହେଲେ ଚଢ଼ାଉ ପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଆଯାଇଥିବା ନେଇ କିଛି ତଥ୍ୟ ନାହିଁ। ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯିବା ସମୟରେ ପେଟ୍ରୋଲ ପମ୍ପ ଗୁଡ଼ିକ ମାନଦଣ୍ଡ ପାଳନ କରୁନଥିବା ନଜରକୁ ଆସିଥାଏ। ତେଲର ଡେନସିଟି ପରୀକ୍ଷା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏହା ଅଧିକାଂଶ ପେଟ୍ରୋଲ ପମପରେ ଅଚଳ ହୋଇଯାଇଛି। ସେହିଭଳି ପେଟ୍ରୋଲ ପମ୍ପରେ କେତେ ପରିମାଣରେ ତେଲ ଗଚ୍ଛିତ ରହିଛି, ତାହାର ରେକର୍ଡ଼ ମଧ୍ୟ ନଥାଏ। ଆଉ କେତେକେ ପେଟ୍ରୋଲ ପମ୍ପରେ କ୍ୟାସ ମେମୋ ଠିକ ଭାବେ ପରିଚାଳନା କରାଯାଇନଥାଏ। ଅନେକ ସ୍ଥାନରେ ତେଲ ମାପକୁ ନେଇ ଅଭିଯୋଗ ଆସିଲେ, ଆଭିଯୋଗକାରୀକୁ କାଚ ପାତ୍ରରେ ମାପ ପଳାରେ ତେଲ ଦେଖାଇବା ପାଇଁ ବ୍ୟବସ୍ଥା ରହିଛି। ଗ୍ରାହକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ସହ ଶୌଚାଳୟ ବାଧ୍ୟତାମୂଳକ ରହିଛି, କିନ୍ତୁ ବିଭିନ୍ନ ପେଟ୍ରୋଲ ପମ୍ପରେ ତାହା ଉପଲବ୍ଧ ନାହିଁ। ଏଥିସହ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକରେ ଗାଡ଼ି ଚାଳକଙ୍କ ପାଇଁ ମଧ୍ୟ ସୁବିଧା ଉପଲବ୍ଧ ରହିବା କଥା, ତାହା ମଧ୍ୟ ଅନେକ ସ୍ଥାନରେ ଦେଖିବାକୁ ମିଳୁନାହିଁ। ଏ ସବୁ ଯୋଗାଣ ବିଭାଗର ଏନଫୋସର୍ମେଣ୍ଟ ଟିମ ଜାଣୁଛି; କିନ୍ତୁ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଯୋଗାଣ ବିଭାଗ ଏନଫୋର୍ସମେଣ୍ଟ ଦଳରେ ଜଣେ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସହ ସହକାରୀ ଯୋଗାଣ ଅଧିକାରୀ ସପ୍ଲାଏ ଇନ୍ସପେକ୍ଟର, ଓଜନ ଓ ମାପ ବିଭାଗର ଇନ୍ସପେକ୍ଟର ପ୍ରମୁଖ ରହିଛନ୍ତି। ଏହି ଦଳ ଜିଲ୍ଲାରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକ ଉପରେ ଅଭିଯୋଗ ଆସିଲେ ଚଢ଼ଉ କରିଥାନ୍ତି। ଏହାପରେ ଅବ୍ୟବସ୍ଥା ଗୁଡ଼ିକୁ ଦେଖିବା ପଯେ ଯୋଗାଣ ବିଭାଗ ଏନଫୋର୍ସମେଣ୍ଟ ଦଳ ପ୍ରଥମେ ଯୋଗାଣ ଅଧିକାରୀଙ୍କୁ ଅବଗତ କରିଥାନ୍ତି। ପରେ ଯୋଗାଣ ବିଭାଗ ଅଧିକାରୀ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ଜିଲ୍ଲାପାଳଙ୍କ କୋର୍ଟରେ ମାମଲା ରୁଜୁ କରିଥାନ୍ତି। ତେବେ ଏହି ମାମଲା ଜିଲ୍ଲାର ନୈରାଶ୍ୟ ଜନକ ବୋଲି ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ଚଢ଼ଉ ହେଉଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ପେଟ୍ରୋଲ ପମ୍ପ ନିୟମ କଡ଼ାକଡ଼ି ଭାବେ ପାଳନ ହେଉନଥିବା ସାଧାରଣରେ ଅଭିଯୋଗ ହେଉଛି।

ଚଳିତ ବର୍ଷ କଟକ ସହର ଉପକଣ୍ଠରେ ଥିବା ଦୁଇଟି ପେଟ୍ରୋଲ ପମ୍ପରେ ଚଢ଼ଉ ହୋଇଥିଲା। ତେବେ ଚଢ଼ାଉ ପରେ ଏନଫୋର୍ସମେଣ୍ଟ ଟିମ କି ରିପୋର୍ଟ ଦେଇଥିଲା ଏବଂ ଜିଲ୍ଲାପାଳଙ୍କ କୋର୍ଟରେ କେସ ହେଲା କି ନାହିଁ, ସେ ସମ୍ପର୍କରେ କିଛି ଜାଣି ହେଲାନାହିଁ। ପ୍ରଶାସନ ଏହି ଘଟଣାକୁ ହାଲକା ଭାବେ ନ ନେଇ ତୁରନ୍ତ ଦୃଷ୍ଟି ଦିଅନ୍ତୁ।

ଶ୍ୟାମ ସୁନ୍ଦର ସାମଲ
ବିଡ଼ାନାସୀ , କଟକ

# ପୁଅ ଜନମ ଶାଶୂଘରକୁ

ଡଃ ସମୀର କୁମାର ନନ୍ଦ

କଥାରେ ଅଛି 'ଝିଅ ଜନମ ପର ଘରକୁ', ଏହା ସତକଥା କିନ୍ତୁ ଆଜିକାଲି ଏହା ହେଉନାହିଁ କାରଣ ଆଜିକାଲି ଅଧିକାଂଶ ପୁଅ ବିବାହ ପରେ ନିଜ ଘରକୁ ପରିତ୍ୟାଗ କରି ଚାଲିଯାଉଛନ୍ତି । ନିକଟରେ ଗୋଟିଏ ହୃଦୟ ବିଦାରକ ଘଟଣା ଖବର କାଗଜ ରେ ପଢିବା ପରେ ସମାଜରେ କେମିତି ମାତା ପିତା ପୁଅ ପାଇଁ ଅଲୋଡ଼ା ହୋଇଯାନ୍ତି ସେକଥା ହୃଦୟଙ୍ଗମ କରି ହେବ । ତିନୋଟି ପୁତ୍ରର ଜନ୍ମ ଦାତା ମାତାପିତା ପୁଅମାନଙ୍କ ଘରୁ ତଡା ଖାଇଲା ପରେ ଜରାଶ୍ରମରେ ଜୀବନଯାପନ କରୁଥିଲେ । ଜରାଶ୍ରମରେ ମାତାଙ୍କର ମୃତ୍ୟୁ ସମୟରେ ବଡ଼ପୁଅର ପୁଅ ବାହାଘର ଥିବାରୁ ଘର ଅପବିତ୍ର ହୋଇ ଯିବ ବୋଲି ବଡ଼ପୁଅ ଜରାଶ୍ରମ ରୁ ମାତାଙ୍କର ମୃତ ଶରୀରକୁ ନ ଆଣି ଫ୍ରିଜରେ ରଖିବା ବ୍ୟବସ୍ଥା କରିଦେଲା ଓ ପୁଅ ବାହାଘର ମଉଜରେ ମାତିଲା । ପରେ ଜରାଶ୍ରମ କର୍ତ୍ତୃପକ୍ଷ ମାତାଙ୍କର ଶବ ସଂସ୍କାର ଆଦି କଲେ । ଏହା ହେଉଛି କଳିଯୁଗର ପ୍ରକୃତ ରହସ୍ୟ । ଜୀବନ ଏକ କ୍ଷେତ ଭଳିଆ ଯେଉଁଠି ମଣିଷ ପାପ ଓ ପୁଣ୍ୟର ବିହନ ବୁଣି ଥାଏ ଆଉ ସେହି ବିହନ ଫଳ ରୂପରେ ସନ୍ତାନ ଓ ନାତି ଭାବରେ ମିଳିଥାଏ । ଘରେ ବୃଦ୍ଧ ପିତା ମାତା ଥାଉ ଥାଉ କିଛି ଶ୍ୱଶୁରଙ୍କ ସର୍ତ୍ତ ରୁହେ ଯେ ବିଭା ପରେ ଜ୍ୱାଇଁ ଶ୍ୱଶୁର ଘରେ ରହିବ ଫଳରେ, ଯେଉଁ ପୁଅ ପାଇଁ ମାତା ପିତା ସବୁକିଛି ଦାନ କରିଦେଲେ ,ପେଟ ରୁ କାଟି ପାଠ ପଢ଼ାଇଲେ ସେହି ପୁଅ ଆଜି ସ୍ତ୍ରୀ ଓ ଶ୍ୱଶୁର କଥାରେ ପଡି ପିତା ମାତାଙ୍କୁ ଛାଡି ଶ୍ୱଶୁର ଘରେ ରହିବାକୁ ଚାଲିଗଲା । ଆଜିକାଲି ସମାଜ ସ୍ତ୍ରୀ ଓ ଶ୍ୱଶୁର କୈନ୍ଦ୍ରିକ ହେବାରେ ଲାଗିଛି । ସ୍ତ୍ରୀ କୁ ସମ୍ମାନ କରିବା ,ଶାଶୁ ଶଶୁରଙ୍କୁ ମା ବାପା ପରି ଦେଖିବା ଉଚିତ, କିନ୍ତୁ ସେମାନଙ୍କ ପାଇଁ ନିଜ ଜନ୍ମଦାତା ପିତା ମାତାଙ୍କୁ ପାଦରେ ଆଡେଇ ଦେବା ବିଲକୁଲ ଗ୍ରହଣୀୟ ନୁହେଁ । ସେହିପରି ଶାଶୁ ଶଶୁର ମଧ୍ୟ ନିଜ ଝିଅ ଜ୍ୱାଇଁଙ୍କ ଘରେ ଅଯଥା ହସ୍ତକ୍ଷେପ କରିବା ବଦଳରେ ଝିଅ ଜ୍ୱାଇଁଙ୍କୁ ସଠିକ ରାସ୍ତା ଦେଖାଇବା ହିଁ ଧର୍ମ ଅଟେ ।

ପୁଅ ବାହାଘର ଆଗରୁ ମା ବାପାର ଅତି ନିକଟତର ଥାଏ । କିନ୍ତୁ ବାହାଘର ପରେ ସେହି ମା ବାପା ତାକୁ ବୋଝ ପରି ଲାଗନ୍ତି । ଏମିତି କାହିଁକି ହୁଏ ? ଚାଣକ୍ୟଙ୍କ ମତରେ ଯେତେବେଳେ ମଣିଷର ଜୀବନରେ କୌଣସି ନୂଆ ସମ୍ପର୍କ ଆସିଥାଏ ତାର ଅସଲ ପ୍ରକୃତି ପ୍ରକାଶ ପାଇଥାଏ । କିଛି ଲୋକ ଭିତରୁ ଅତ୍ୟନ୍ତ କମଜୋର ଥାଆନ୍ତି ଏବଂ ଅନ୍ୟର କଥାରେ ଶୀଘ୍ର ଆସିଯାଆନ୍ତି ଓ ନିଜ ମା ବାପାଙ୍କ ଠାରୁ ଦୁରେଇ ଯାଆନ୍ତି । ଯେଉଁଠି ସ୍ୱାର୍ଥ ବଢିଥାଏ ସେଇଠି ସଂସ୍କାର ପଛେଇ ଯାଏ । ତେଣୁ ଯେଉଁ ପୁଅ ବାହାଘର ପରେ ମା ବାପାଙ୍କୁ ଭୁଲି ଯାଏ ସେ ଅସଲରେ ନିଜ ସଂସ୍କାର ପରୀକ୍ଷାରେ ହାରିଯାଏ । ଆଉ ସତ୍ୟ ଏହା ଯେ ମା ବାପା ବଦଳନ୍ତି ନାହିଁ କେବଳ ପୁଅ ମାନଙ୍କର ଭାବନା ଓ ମାନସିକତା ବଦଳିଯାଏ । ଯିଏ ଏହି କଥା ବୁଝି ପାରେ ସେ କେବେହେଲେ ମାତା ପିତାଙ୍କଠାରୁ ଦୁରେଇ ଯାଏ ନାହିଁ । କିନ୍ତୁ ଅବଶୋଷ, ବହୁତ ପୁଅଙ୍କୁ ଏକଥା ବୁଝାପଡ଼େ ଯେତେବେଳେ ନିଜର ସନ୍ତାନ ତାଙ୍କ ସହିତ ସେପରି ବ୍ୟବହାର କରେ ।

ଶାସ୍ତ୍ର ଅନୁସାରେ ପୁତ୍ର ଚାରି ପ୍ରକାରର ପ୍ରାପ୍ତି ହୋଇ ଥାଏ । ପ୍ରଥମ ହେଲା ଶତ୍ରୁ ପୁତ୍ର-ଅର୍ଥାତ ପୂର୍ବ ଜନ୍ମରେ ଆପଣଙ୍କର ଶତ୍ରୁତା ଥିବା କୌଣସି ବ୍ୟକ୍ତି ଏଜନ୍ମରେ ଶତ୍ରୁତା କରିବା ପାଇଁ ପୁତ୍ର ରୂପରେ ପ୍ରାପ୍ତି ହୋଇଥାଏ ଯିଏକି ପିତା ମାତାଙ୍କୁ ଅତ୍ୟାଚର କରେ ,ନିର୍ଯ୍ୟାତନା ଦିଏ ଏପରିକି ଆବଶ୍ୟକ ପଡିଲେ ହତ୍ୟା କରିବାକୁ ମଧ୍ୟ ପଛାଏ ନାହିଁ । ଦ୍ୱିତୀୟ ରେ ଋଣାନୁବନ୍ଧ ପୁତ୍ର - ଅର୍ଥାତ ପୂର୍ବ ଜନ୍ମରେ ଆପଣ କାହାଠାରୁ କିଛି ଋଣ ନେଇଥିଲେ ଆଉ ପରିଶୋଧ କରି ନାହାନ୍ତି ତେବେ ସେହି ବ୍ୟକ୍ତି ଆପଣଙ୍କ ଘରେ ପୁତ୍ର ରୂପରେ ଜନ୍ମ ହେବ ଯିଏକି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କେବଳ ଖର୍ଚ୍ଚାନ୍ତ କରାଇବ , ରୋଗ ବୈରାଗ ହେଉ ,ନିଶାପାଣି ହେଉ କିମ୍ବା ଅନ୍ୟ କୌଣସି ଉପାୟରେ ଆପଣଙ୍କର ଧନକୁ ପାଣି ଭଳିଆ ଉଡ଼ାଇବ । ତୃତୀୟ ରେ ଉଦାସୀନ ପୁତ୍ର- ଏଭଳି ପୁତ୍ର ପିତା ମାତାଙ୍କର କିଛି କଥା ନବୁଝି ଉଦାସୀନ ଭାବରେ ଏକାନ୍ତରେ ରହିବାକୁ ପସନ୍ଦ କରନ୍ତି । ଚତୁର୍ଥରେ ସେବକ ପୁତ୍ର-ଆପଣ ପୂର୍ବ ଜନ୍ମରେ ଯଦି କାହାର ସେବା ନିଃସ୍ୱାର୍ଥପର ଭାବରେ ଆନ୍ତରିକତାର ସହିତ କରିଥିବେ ,ସେ ମଣିଷ ହେଉ କି ପଶୁ ପକ୍ଷୀ ହେଉ ଏ ଜନ୍ମରେ ଆପଣଙ୍କର ସେବକ ପୁତ୍ର ଭାବରେ ଜନ୍ମ ହେବ ଓ ଆପଣଙ୍କର ସବୁ ସେବା ସେ କରିବ ।

ମା ବାପା ବୟସରେ ବୁଢା ହୁଅନ୍ତି ନାହିଁ ବରଂ ଚିନ୍ତାରେ ବୁଢା ହୋଇଯାନ୍ତି । ଯେତେବେଳେ ଗୋଟିଏ ସନ୍ତାନ କାନ୍ଦେ ସେତେବେଳେ ପୁରା ମହଲା ଜାଣିପାରେ କିନ୍ତୁ ଯେତେବେଳେ ବାପା ମା କାନ୍ଦନ୍ତି ସେତେବେଳେ ପାଖ ଲୋକ ମଧ୍ୟ ଜାଣି ପାରେ ନାହିଁ । ମା ବାପାକୁ ବାର୍ଦ୍ଧକ୍ୟ ଯେତିକି ଦୁର୍ବଳ କରେନାହିଁ ଯେତିକି ନିଜ ସନ୍ତାନର ଖରାପ ବ୍ୟବହାର କରିଥାଏ । ଝିଅ ପରଘରକୁ ଯାଇ ମଧ୍ୟ ମା ବାପାର ଖବର ନେଇଥାଏ କିନ୍ତୁ ପୁଅ ଘରେ ଥାଇ ମଧ୍ୟ ମା ବାପାଙ୍କୁ ପଚାରେ ନାହିଁ । ବାପା ମାଆଙ୍କ ପାଇଁ ଅନ୍ୟ ମାନଙ୍କୁ ଛାଡ଼ିଦେଇ ପାରିବ କିନ୍ତୁ ଅନ୍ୟ ମାନଙ୍କ ପାଇଁ ବାପା ମାଆଙ୍କୁ କଦାପି ପରିତ୍ୟାଗ କରିବା କଥା ନୁହେଁ କାରଣ ସେମାନେ ଯେତେବେଳେ କାନ୍ଦନ୍ତି ସେତେବେଳେ ମଣିଷର ଭାଗ୍ୟ ମଧ୍ୟ କାନ୍ଦିବାରେ ଲାଗିଯାଏ । ଦୁନିଆରେ ବିନା ଲୁହରେ ବିନା ଶବ୍ଦ ରେ ଯଦି କେହି କାନ୍ଦି ଥାଏ ତେବେ ସେ ହିଁ ଆମର ବାପା । ଖରାପ ସମୟରେ ଲଢ଼ିବା,ନିଜର ସବୁ ଇଚ୍ଛା କୁ ଜଳାଞ୍ଜଳି ଦେଇ ଆମର ସମସ୍ତ ଇଚ୍ଛାକୁ ପୂରଣ କରିବା ଓ ନିଜେ ଅତ୍ୟନ୍ତ ଅସ୍ୱାଧାନ ହୋଇ ଆମକୁ ସୁରକ୍ଷା ଦେବା କାର୍ଯ୍ୟ କେବଳ ବାପଟିଏ ହିଁ ସର୍ବଦା କରିଥାଏ ।

ସନ୍ତାନ ସମ୍ପର୍କରେ ମା ଠାରୁ ଅଧିକ କେହି ଜାଣି ପାରିବେ ନାହିଁ କାରଣ ମାଆ ର ସନ୍ତାନ ପ୍ରତି ଭଲ ପାଇବା ଅନ୍ୟ ସମସ୍ତଙ୍କ ଠାରୁ ନଅ ମାସ ଅଧିକ ହୋଇଥାଏ । ପୁଅ ନିଜର ସ୍ୱାର୍ଥ ଓ ସେବା ପାଇଁ ଜୀବନସାରା ମା ବାପାଙ୍କ ଜୀବନକୁ ଜଳାଇ ଥାଏ ,କିନ୍ତୁ ଯେତେବେଳେ ସେମାନଙ୍କ କଥା ବୁଝିବାକୁ ପଡେ ସେତେବେଳେ ତା ପାଖରେ ସମୟ ନଥାଏ । ପିଲାଦିନେ ଯେଉଁ ହାତ ସମ୍ଭାଳି ଥାଏ ଏବେ ସେମାନଙ୍କ ସେହି ଥରଥର ହାତକୁ ଧରି ରଖିବା ଆମର ଦାୟିତ୍ୱ କାରଣ ଏବେ କ୍ଲାନ୍ତ ହେବା ସେମାନଙ୍କ ଅଧିକାର ଆଉ ସେମାନଙ୍କୁ ସମ୍ଭାଳିବା ଆମର କର୍ତ୍ତବ୍ୟ ଅଟେ । ଯେଉଁ ପିତା ମାତା ସାରା ଜୀବନ ଆମକୁ ଲାଳନ ପାଳନ କରି ମଣିଷ କରନ୍ତି ସେମାନଙ୍କ ଋଣ ପରିଶୋଧ କରିବା ଆମ ପକ୍ଷରେ ସମ୍ଭବ ନୁହେଁ କିନ୍ତୁ, ସେମାନଙ୍କୁ ହତାଦର ନକରି ସେବା କରିବା ଆମର କର୍ତ୍ତବ୍ୟ ଅଟେ ଯଦ୍ଦ୍ୱାରା ଆମେ ପୁଣ୍ୟ ଅର୍ଜନ କରିପାରିବା । କିନ୍ତୁ, ଆମେ ସେମିତି ନକରି ସ୍ତ୍ରୀ ଓ ଶାଶୁ ଶଶୁରଙ୍କ ମୋହରେ ପଡି ପିତାମାତାଙ୍କୁ ପରିଣତ ବୟସରେ ବିତାଡିତ କରୁଛେ ଯାହାର ଫାଇଦା ଜରାଶ୍ରମ ଖୋଲି ବସିଥିବା ବ୍ୟକ୍ତି ମାନେ ଉଠାଉଛନ୍ତି ଓ ଆମର ପିତା ମାତାଙ୍କୁ ସେମାନେ ସେବା କରି ପୁଣ୍ୟ ଅର୍ଜନ କରି ଚାଲିଛନ୍ତି ଆଉ ଆମେ ପାପ ଅର୍ଜନ କରୁଛେ ଓ ନର୍କଗାମୀ ହେବାପାଇଁ ବ୍ୟବସ୍ଥା କରି ଚାଲିଛେ । ତେଣୁ ଆମେ ଯଦି ସଚେତନ ହେବା ତେବେ ଦୁନିଆର ସବୁ ପିତାମାତା ଖୁସିରେ ରହିବେ ଏବଂ ଜରାଶ୍ରମର ଆଉ ଆବଶ୍ୟକତା ରହିବ ନାହିଁ ତଥା ସଂସାର ସ୍ୱର୍ଗରେ ପରିଣତ ହୋଇଯିବ ଏଥିରେ ସନ୍ଦେହ ନାହିଁ , ନଚେତ ଦିନ ଆସିବ ଝିଅ ଜନମ ପର ଘରକୁ ଉକ୍ତି ବଦଳି ଯାଇ ପୁଅ ଜନମ ପର ଘରକୁ ଉକ୍ତିରେ ଦୁନିଆ ଚାଲିବ ।

ମୋ:୯୪୩୭୨୧୮୯୧୭





# ଖୁମାଣି ବର୍ଷା

## ଡ. ଶୁଭେନ୍ଦୁ କୁମାର ମହାପାତ୍ର



ସେଦିନ ସନ୍ଧ୍ୟାଟା ସ୍ୱତନ୍ତ୍ର ଥିଲା
ପାର୍କଯିବା ବାହାନାରେ ମତେ ସାଥୀକଲ
ଆକାଶ ଓ ମାଟିର ମଝାମଝିରେ
ଖଣ୍ଡ ଖଣ୍ଡ ବାଦଲଙ୍କ ଶୋଭାଯାତ୍ରା
ନୀଡ଼ ଫେରନ୍ତା ପକ୍ଷୀଙ୍କର କୂଜନ
ପାଦପଙ୍କର ରୁଣୁଝୁଣୁ ଶବ୍ଦ
ମଧୁମାଳତୀର ବିମୁଗ୍ଧ ମହକ
ଶୃଙ୍ଗାରରେ ରୋମାଞ୍ଚିତ କଦମ୍ବ
ରହି ରହି ପବନର ବିବଶ ବଂଶୀସ୍ୱନ
ସର୍ବତ୍ର ବତୁରା ମାଟିର ବାସ୍ନା
ଓଦା ଓଦା ଥିଲା ତମାମ ଦିନଟା।

ବର୍ଷାଭିଜା ସଂଧ୍ୟାରେ କୋହଲା ପବନ
ରୋମାଞ୍ଚିତ କରୁଥିଲା ଦେହ ଓ ମନକୁ
ବତିଖୁଣ୍ଟର ନିଅନ ଆଲୁଅରେ
ଚିପୁଡ଼ି ହେଉଥିଲା ନିଶ୍ୱାସଟା ମୋର
ଅନ୍ତର୍ମନରେ ଅହେତୁକ ଆଶଙ୍କା
ଏମିତି ତ ଖୁମାଣି ବର୍ଷାକୁ ମୋର ଡର
ଆମର ବି ସ୍ୱୀକୃତିସନନ୍ଦ ନଥିଲା
ତୁମ ଅମାନିଆଁ ମନକୁ ଲଗାମଦେବା
ମୋ ପୁରୁଷାର୍ଥ ବାହାରେ ଥିଲା
ମୁଁ ଯେତେ ଆକଟ କଲେ ବି
ତୁମେ ସେତେସେତେ ଭିଜୁଥିଲ
ଉଡ଼ିବୁଲୁଥିଲ ସାରା ପାର୍କଟା
ଗୋଟେ ଜିଦିଆ ଛିଟ ପ୍ରଜାପତି ଭଳି
କହିଥିଲ ତୁମକୁ କୁଆଡ଼େ
ଭିଜିବାକୁ ଖୁବ୍ ଭଲ ଲାଗେ
ତୁମ ପାଖରେ ମୁଁ ଥରେ ନୁହେଁ
ବାରମ୍ବାର ହାରିଯାଏ
ଆଉ ସେ ହାରିବାରେ ବି
ଗୋଟେ ନିଆରା ଆନନ୍ଦ ଥାଏ।

ମୁଁ କିନ୍ତୁ ଭିଜିପାରୁନଥିଲି ସଖୀ
ତୁମ ଭଳି ବେଖିଆଲ ଢଙ୍ଗରେ
ଆମର ସିନା ଦେହ ଭିନ୍ନ
ମନ ତ ଏକ ଆତ୍ମା ତ ଏକ
ତୁମେ କ'ଣ ମୋ ପାଇଁ
ସାଜିପାରନ୍ତନି ଅଳକାନନ୍ଦା
ତୁମର ସେ ସାନ୍ନିଧ ରୂପି ସ୍ରୋତରେ
ଧୋଇଦିଅନ୍ତନି ମୋର ସର୍ବାଙ୍ଗ।

ତୁମେ କ'ଣ ମାପି ପାରନାହିଁ
ମୋ ଓଦା ଦେହର ଉଷ୍ମତା
ତୁମକୁ କ'ଣ ବ୍ୟଥିତ କରେନାହିଁ
ମୋ ଅନ୍ତରଙ୍ଗ କଥାଗୁଡ଼ାକ
ନା ଜାଣି ନଜାଣିବାର ଅଭିନୟ କର।
ଆସ ସଖୀ ମହୋଦଧିର ଭାବନେଇ
ଉଭୟ ଉଭୟଙ୍କୁ ଅଙ୍ଗୀକାର
କରିନେବା
ବର୍ଷଣମୁଖର ଏ ସନ୍ଧିକ୍ଷଣରେ
ହାତେ ଛନ୍ଦି ହାତ ଆଗକୁ ବଢ଼ିବା
ପ୍ରେମର ପାର୍ବଣକୁ ସଂଖୁଳିବା
ଆକାଶ ଛାତିରୁ ଅମୃତ ନିଗାଡ଼ି
ଏକାତ୍ମଭାବର ବନ୍ଧନୀରେ
ଆଜିର ଏହି ଏକାନ୍ତ ନିଶାର୍ଦ୍ଧକୁ
ଗୋଟେ ଚେରାପୁଞ୍ଜିର ରୂପଦେବା
ଜଣେ ଆରେକକୁ ଆବିଷ୍କାର କରିବା।

ସତ୍ୟବିହାର, ପଳାଶୁଣି
ଭୁବନେଶ୍ୱର
ମୋ-୯୪୩୮୦୬୪୯୦୮

# ଚଉମୁଦ

## ଗଜାନନ ମିଶ୍ର



ଗତି, ଗତିରେ
ସୂର୍ଯ୍ୟ ଚନ୍ଦ୍ର
ତାରା ଗ୍ରହ ନକ୍ଷତ୍ର।
ସଂଜ୍ଞା ବ୍ୟାଖ୍ୟାରେ
ନାଇଁ ଲାଭ।
ପାଣି ରକ୍ତ
ପ୍ରଭେଦ ବହୁତ।
ନାଇଁ ଦୁଃଖସୁଖ
କାରଣ ନାଇଁ
ରହିବ ବିମୁଖ।
ଶବ୍ଦ ସ୍ପର୍ଶ ଆମୋଦ
ପଛକୁ ପଛ ଦୃଶ୍ୟ
ଆଉ ଅଦୃଶ୍ୟ।
ଆଲୁଅ ଆଲୁଅ
ଅନ୍ଧାର ଅନ୍ଧାର।
ଅନେକ ଅନେକ ସମୟ
ଅନେକ ଅନେକ ଥର
ଅନେକ ଅନେକ ଦୂର
ଅନେକ ଅନେକ ଗତିପଥ
ଆଉ ଆଉ ଯାତ୍ରାଲୋକ।
ବନ୍ଦ ଖୋଲା କବାଟ
ପବନ ଆକାଶ
ସୁନ୍ଦର ସ୍ୱଷ୍ଟ
ସମ୍ଭାବନା ନାଇଁ
ପଡ଼ିବ ଚଉମୁଦ।

ତପୋବନ, ଟିଟିଲାଗଡ଼, ବଲାଙ୍ଗିର

**କ୍ଷୁଦ୍ର ଗଳ୍ପ**

# ଅବ୍ୟକ୍ତ ଯନ୍ତ୍ରଣା

## ଡକ୍ଟର ମନୋରଞ୍ଜନ ବିଷୋୟୀ

ଶରତର ସୁନିର୍ମଳ ଶାନ୍ତ କାନ୍ତ ଜୋଛନା ରାତିରେ, ରାହୁଲ ଆଖିରେ ନିଦନାହିଁ। ସେ ତା'ର ହଜିଲା ଦିନର ସ୍ମୃତିକୁ ରୋମନ୍ଥନ କରି; ମନର ଖାତାରେ ହିସାବ ନିକାଶ କରି ବସେ। ତା'ର ମନେପଡ଼େ ମିଲିର ସେହି କଥାକୁହା ଆଖିର ଆବେଗଭରା ଚାହାଣୀ। ସେ ଚାହାଣୀରେ ଥିଲା ପ୍ରଣୟର ସଂଗୀତ ଓ ଗୀତ ଗାଇବାର ଆଦିତାଳ। ରାହୁଲର ଆଜି ଗୋଟି ଗୋଟି କରି ସବୁ ମନେ ପଡ଼ିଯାଉଛି; ସହପାଠିନୀ ମିଲିର କଥା। ମଧୂପ ଯେପରି ଭୁଲିପାରୁନି କୁସୁମର ପ୍ରୀତି; ସେହିଭଳି ରାହୁଲ ବି ଭୁଲିପାରିନି ମିଲିର ପ୍ରୀତି।

ରାହୁଲ ତା' ଅତୀତକୁ ରୋମନ୍ଥନ କରିବାକୁ ଲାଗିଲା –

ତା' ଜୀବନର ଧୂସରତାମୟ ଗୋଡ଼ିମାଟି ଭରା ଚଲାପଥରେ; ଚାଲିଚାଲି ଥକି ଯିବାବେଳେ, ମିଲି ହିଁ କହୁଥିଲା– ଆସ ହାତଧରି ନେଇଯିବି ତୁମକୁ; କିନ୍ତୁ ଆଜି ସବୁ ଫାଙ୍କା। ରାହୁଲର ଜୀବନ ଆଜି ଶୂନ୍ୟ। ତା' ମନରୂପକ ପକ୍ଷୀଟାହେଁ ଖାଲି ଉଡ଼ିଯିବାକୁ ମିଲି ସହ; କଳା-ଧଳା ମେଘକୁ ଭେଦକରି, ଆରପାରିକି ଚାଖିବାପାଇଁ ଅମୃତ ରୂପି ସ୍ୱାଦ ବା ସୁଖକୁ। କିନ୍ତୁ ଆଜି ରାହୁଲର ଜୀବନ ଦୁଃଖ ଓ ଯନ୍ତ୍ରଣାମୟ ହୋଇ ଉଠିଛି। ସତେ ଯେପରି ତା'ର ବଞ୍ଚିବା କେବଳ ବାହାନା ହୋଇ ରହିଯାଇଛି।

ରାହୁଲର ମନେପଡ଼େ! ଆଖିରେ ଆଖିଏ ସ୍ୱପ୍ନ ନେଇ ଯେତେବେଳେ ସେ ବିଶ୍ୱବିଦ୍ୟାଳୟର ପାଠପଢ଼ାରେ ମଗ୍ନଥାଏ, ସେତେବେଳେ ଦେଖାହୁଏ ମିଲି ସହ। ମିଲିକୁ ଦେଖିବା ପରେ ରାହୁଲର ଜୀବନ ପ୍ରେମର ପୟରେ ଉଚ୍ଛୁଳି ଉଠିଛି। ସେ ଦିନଠୁ ରାହୁଲ ଏକ ଭିନ୍ନ ଭାବନାରେ ନିଜକୁ ହଜାଇ, ଅସ୍ଥିର ପ୍ରଜାପତି ଭଳି ଖୋଜି ବୁଲିଛି ମିଲିକୁ। ସାଗର ବୁକେ, ଉର୍ମି ଉଠିଲା ଭଳି, ରାହୁଲର ମିଲିକୁ ପାଇବାର ଆଶା ଲମ୍ବିଲମ୍ବି ଯାଇଛି। ସେ ଆଶାର ଭାଷାନାହିଁ। କାରଣ ରାହୁଲ ପାଖରେ ତା' ମନ କଥା ମିଲିକୁ ଜଣାଇବାର ସାହସ ନାହିଁ। ସେ କେବଳ ପ୍ରତୀକ୍ଷାରେ ଥିଲା। ତା'ର ଆଶା କେବେ ପୂରିବ ବା ସେ ନିରାଶ ହେବ। ଏ ଭିତରେ ଅନେକ ରାତି ପରେ ଦିନଦିନ ବିତିଯାଇଛି; କିନ୍ତୁ ରାହୁଲ ମନରେ ଥିବା ଆଶାରୂପକ ଦୀପାଳି ଲିଭିନାହିଁ।

ଏ କ'ଣ? ପ୍ରେମର ପ୍ରଥମ ଶିହରଣ ଓ ସ୍ୱପ୍ନର ପ୍ରଥମ ଆରୋହଣ ପାଲଟି ଯାଇଥିବା ମିଲିର ସନ୍ଧାନୀ ଚକ୍ଷୁରେ ରାହୁଲ ତା' ଆଡ଼କୁ ଟାଣି ହୋଇ ଯାଉଛି? ଏହାରି ଭିତରେ ରାହୁଲ; ମିଲିର ସୁକୋମଳ, ନିଷ୍କପଟ, ଛନ୍ଦହୀନ ହୃଦୟ ସାଗରକୁ ମନ୍ଥନ କରି ଅମୃତର ସନ୍ଧାନ ପାଇପାରିଛି ଏବଂ ରାହୁଲ ପାଇଁ ମିଲି ପାଲଟି ଯାଇଛି– ଦିନର ପ୍ରଥମ ଆବାହନୀ ଓ ରାତିର ପ୍ରଥମ ଆଲିଙ୍ଗନ।

ଏ ଭିତରେ ରାହୁଲ ଜାଣିପାରିଛି; ମିଲିର ଏଠାକୁ ଆସି ପାଠପଢ଼ିବା ଏକ ଯୋଗାଯୋଗ ମାତ୍ର। ଏହି ଯନ୍ତ୍ରଣାରୂପି ମରୁଭୂମିରେ ପାଦ ଦେଇ ମିଲି କିନ୍ତୁ ପାଇଛି ରାହୁଲ ରୂପୀ ଜଳର ସନ୍ଧାନ। ଏଭଳି ଅନେକ ଭାବନା ଭିତରେ ରାହୁଲ; ମିଲିକୁ ନେଇ ତା'ର ଭବିଷ୍ୟତ ରୁଟିନ୍ ତିଆରି କରିବାକୁ ଲାଗିଲା।

ରାହୁଲ ଆଖିରେ ନିଦନାହିଁ। ସେ ଭାବନା ରାଜ୍ୟରୁ ଫେରି, ବିଛଣାରୁ ଉଠିଆସି ଆରାମ୍ ଚେୟାରରେ ବସି ଚାହିଁଲା ଶୂନ୍ୟ ଆକାଶକୁ।

ଏ କ'ଣ? ଶରତର ସୁନିର୍ମଳ ଶାନ୍ତ କାନ୍ତ ଜୋଛନା ରାତିରେ; କାହୁଁ ଏକ କଳାହାଣ୍ଡିଆ ମେଘ ଆସି ଆକାଶକୁ ଢାଙ୍କି ରଖିଛି। ତାରା ଗୋଟିଏ ହେଲେ ନାହିଁ; ସବୁ ଲୁଚି ଗଲେଣି। ଖାଲି ଯାହା ଜହ୍ନଟା ବାଦଲକୁ ଧରା ନଦେଇ ତା' ସଙ୍ଗେ ଲୁଚକାଳି ଖେଳିଚାଲିଛି। ଯେପରିକି ମିଲିର ମନ ସେ ପର୍ଯ୍ୟନ୍ତ ଧରା ଦେଇନି ରାହୁଲ ହାତରେ।

ଏଭଳି ପରିସ୍ଥିତି ଓ ପରିବେଶରେ ରାହୁଲ ନିଜକୁ ଚଳେଇ ପାରୁନି। ତା'ର ଦେହ ଓ ମନରେ ଅସହ୍ୟ ଯନ୍ତ୍ରଣା। ମିଲିକୁ ନିଜ ମନ କଥା ନ କହିପାରିବାର ଯନ୍ତ୍ରଣା ଏବଂ ମିଲି ପାଖରୁ ଭଲ ପାଉଥିବା କଥା ଶୁଣିବାର ପ୍ରତୀକ୍ଷାରୂପୀ ଯନ୍ତ୍ରଣା ଏସବୁ ରାହୁଲକୁ ଦାରୁଣ ଆଘାତ ପ୍ରଦାନ କରୁଥିଲା। କାରଣ ତା'ର କାରୁଣ୍ୟ ମନର ଭାଷା ବୁଝିବାକୁ ପାଖରେ ମିଲି ନାହିଁ। ମିଲି ରହେ ହଷ୍ଟେଲରେ।

ଏ ଭିତରେ ରାହୁଲ ଭଲକରି ଜାଣିପାରିଥିଲା ଯେ ମିଲି ମଧ୍ୟ ରାହୁଲକୁ ନେଇ ତା'ର ଗଢ଼ି ସାରିଥିଲା ସ୍ୱପ୍ନର ମହଲ। କିନ୍ତୁ ମିଲି ବି ମୁହଁ ଖୋଲି କହିପାରି ନଥିଲା ତା' ମନର କଥା। ରାହୁଲ ବୁଝି ସାରିଥିଲା –ମିଲି ତା' ଜୀବନ ପରିଧିକୁ ଆସି, ତୋଳି ସାରିଥିଲା ବେସୁରା ଜୀବନରେ ସୂରର ମଧୁର ଝଙ୍କାର। ଏହି ଦେଖା ସାକ୍ଷାତ, କ୍ଲାସ୍‌କୁ ଯିବା ଆସିବା ଭିତରେ ଦୁହେଁ ଦୁହିଁଙ୍କ



ଅକୁହା ମନର ଭାଷାକୁ ପଢ଼ି ସାରିଥିଲେ। ରାହୁଲ ଅନେକ ଆଶା ଏବଂ ଅନେକ କଳ୍ପନା କରି ତା' ମନରୂପୀ ବେଳାଭୂମିରେ ଗଢ଼ି ଚାଲିଥିଲା କଳ୍ପନାର କୋଣାର୍କ, ସ୍ୱପ୍ନର ନୀଡ଼ ଏବଂ ପ୍ରେମର ସ୍ମୃତି ସ୍ୱରୂପ ତାଜମହଲ। ଦୁହେଁ ଦୁହିଁଙ୍କୁ ପାଇ, ଭୁଲି ଯାଇଥିଲେ ଜୀବନର ସମସ୍ତ ଦୁଃଖକୁ। ସେତେବେଳେ ନା ଥିଲା ଅତୀତ ଆଉ ଭବିଷ୍ୟତ ଚିନ୍ତା, ଥିଲା କେବଳ ବର୍ତ୍ତମାନର। ବର୍ତ୍ତମାନକୁ ନେଇ ହଜି ଯାଇଥିଲେ ରାହୁଲ ଓ ମିଲି।

ଇତି ମଧ୍ୟରେ ଦୁହିଁଙ୍କ ପାଠପଢ଼ା ସରିଯାଇଛି। ମିଲି ଘରକୁ ଯିବାକୁ ବାହାରିଛି। ଯିବା ପୂର୍ବରୁ ଯେତେବେଳେ ମିଲି; ରାହୁଲକୁ ଦେଖା କରିବାକୁ ଯାଇଛି, ସେତେବେଳେ କେହି କିଛି କହିପାରି ନାହାନ୍ତି। କିଛି ସମୟର ନୀରବତା ପରେ ଦୁହେଁ ଅନେକ ଯନ୍ତ୍ରଣା ନେଇ ନିଜ ନିଜ ଘରକୁ ଫେରିଛନ୍ତି। ସେଦିନ ରାହୁଲ ବୁଝିପାରିଥିଲା– ପ୍ରକାଶ ହେବାକୁ ଚାହୁଁଥିବା ଆବେଗର ତଣ୍ଟି ଚିପି ଧରିଲେ, ନିଜ ତଣ୍ଟି ଚିପି ହୋଇଗଲା ପରି କଷ୍ଟହୁଏ। ଘରକୁ ଫେରିଲା ପରଠୁ ରାହୁଲକୁ କିଛି ଭଲ ଲାଗୁ ନଥାଏ ମିଲି ବିନା। ମିଲିର ବି ସେହି ଅବସ୍ଥା। ରାହୁଲକୁ ତା'ମନ କଥା ନ କହି ପାରିବାର ଯନ୍ତ୍ରଣା। କିନ୍ତୁ ଏ କ'ଣ? ଏହି ବିଚ୍ଛେଦ ହିଁ ଦୁହେଁ,ଦୁହିଁଙ୍କୁ ପାଇବାର ବ୍ୟାକୁଳତାକୁ ବଢ଼ାଇଦେଇଛି।

ରାହୁଲ ମନରେ ବିରାଟ ଶୂନ୍ୟତା। ଶୂନ୍ୟତା କଥା ଭାବିଲା ବେଳକୁ ରାହୁଲ ଚମକି ଉଠିଛି। ଘଣ୍ଟା ଦେଖିଲା ବେଳକୁ ରାତି ଗୋଟାଏ। କିନ୍ତୁ ଆଖିରେ ନିଦ ନାହିଁ। ପୁଣି ଥରେ ରାହୁଲ ଭାବି ବସିଛି। ସେହି ଅତୀତର ସ୍ମୃତି।

ଏ କ'ଣ ? ଅତୀତକୁ କେହି କେବେ କ'ଣ ଖୋଜେ? ଅତୀତ କ'ଣ କେବେ ଫେରେ? କିନ୍ତୁ ଅତୀତର ସେହି ପାହାଡ଼ ଉପରେ ଠିଆ ହୋଇ ରାହୁଲ ଭୋଗିଛି ଅବ୍ୟକ୍ତ ଯନ୍ତ୍ରଣା। ପୁଣି ଥରେ ରାହୁଲ ଅତୀତର ପୃଷ୍ଠାକୁ ଲେଉଟାଇ ଚାଲିଲା। ସେ ଭାବି ବସିଛି କିଭଳି ମିଲି ଗଲାପରଠୁ ତା' ମନରୂପି ଆକାଶରେ ଆଉ ପୂର୍ଣ୍ଣମୀର ଚାନ୍ଦ ନାହିଁ, ସାରା ମନ ଆକାଶ ଆଜି ଅନ୍ଧକାରମୟ। ତା'ର ମନ ବନରେ ଆଉ କୋକିଳର କୁହୁକୁହୁ ଶୁଣାଯାଉନି। ରାହୁଲର ମନେ ପଡ଼ିଯାଉଛି, ମିଲିର ଉଜ୍ଜ୍ୱଳ ମୁଖମଣ୍ଡଳ, ଚଳଚଞ୍ଚଳ ନୟନ, ଯାହାକୁ ରାହୁଲ ଅନେକ ଦିନ ହେଲା ନୀରବରେ ଭଲ ପାଇ ଆସୁଥିଲା। ସେହି ମିଲି ଗଲାଦିନଠୁ ରାହୁଲ ମନରେ ସୃଷ୍ଟିହୋଇଛି ବେଦନା ରୂପକ ଝଡ଼। ଦେହ ଖରାପକୁ ସିନା ଔଷଧ ଅଛି କିନ୍ତୁ ମନ ଦରଦକୁ ମଲମ ନଥିଲା ଭଳି। ରାହୁଲ ସାଥୀହରା ହୋଇ ମିଲିକୁ ଖୋଜିଛି।

କିନ୍ତୁ ଏ କ'ଣ? ଦିନେ ସାର୍ଟିଫିକେଟ୍ ଉଠାଇବା ବାହାନାରେ ମିଲି ଆସି ପହଞ୍ଚିଛି ବିଶ୍ୱବିଦ୍ୟାଳୟରେ। ରାହୁଲର ମିଲି ସହ ସାକ୍ଷାତ ପରେ, ମନେ ହୋଇଛି ସତେ ଯେପରି ରାହୁଲର ମନ, ଉଚ୍ଛୁଳା ନଈର ରୂପ ନେଇଛି। କୌଣସି ବାଧା ମାନିବାକୁ ସେ ନାରାଜ। କେବଳ ଉଚ୍ଛ୍ୱସିତ ବେଦନାରୁ କିଛିଟା ଉଛୁଳିଗଲେ ମନ ତା'ର ଶାନ୍ତ ପାଇବ। କାରଣ ସେ ଶୁଣିଥିଲା, ଦୁଃଖ ଅନ୍ୟ ଆଗରେ ପ୍ରକାଶ କଲେ କିଛିଟା ଉପଶମ ହୁଏ। ତାହା ଆଜି ଅନୁଭବ କରିପାରିଛି ରାହୁଲ। ଅନେକ ସମୟ ଗପିବା ଭିତରେ ବି ରାହୁଲ ତା' ମନ କଥା ମିଲିକୁ କହିପାରି ନାହିଁ। ମିଲି ବି ଯାହା କହିବାକୁ ଚାହୁଁଥିଲା ତାହା ତା' ଓଠରୁ ଫେରି ଯାଉଥିଲା। କିନ୍ତୁ ଆଖି ତା'ର ଅନେକ କଥା କହିସାରିଥିଲା। ଭିନ୍ନ ଏଭ ଭାଷାର କଥା। ଯାହା ରାହୁଲ ପାଇଁ ଅବୁଝା ନଥିଲା। ତା'ପରେ ମିଲି ନିଜ ଗାଁକୁ ଫେରିଯାଇଛି।

ଅତୀତର ଏକଥା ଭାବିଲା ବେଳକୁ ରାହୁଲର ଆଖି ଜକେଇ ଆସୁଥାଏ। ରାତି ପାହିବାକୁ ଅନେକ ସମୟ ବାକି ଅଛି। ତଥାପି ରାହୁଲ ଆଖିରେ ନିଦ ନାହିଁ। ସେ ପୁଣି ଥରେ ଭାବି ବସିଛି ଅତୀତର ସେହି ଅଭୁଲା ସ୍ମୃତିକୁ।

ରାହୁଲ ମନରେ ଅନେକ ପ୍ରଶ୍ନବାଚୀ– ସେ ଯାହା କରୁଛି, କ'ଣ ଠିକ୍ କରୁଛି। କାରଣ ରାହୁଲ ଓ ମିଲି ଉଭୟଙ୍କ ଦେହ ଓ ମନ ଖୁବ୍ କଣ୍ଟା। ବେଳେବେଳେ ଟାଣ ପବନର ଛାପ ବି ଦେହ ଓ ମନରେ କିଛିଟା ପାଦଚିହ୍ନ ଛାଡ଼ି ଯାଉଥିଲା। ଦୁହେଁ କଣ୍ଟା ମନ ଦୁଇଟିକୁ ନେଇ ପରସ୍ପରର ଖୁବ୍ ନିକଟସ୍ଥ ହୋଇଛନ୍ତି କିନ୍ତୁ ମନ ଦୁଇଟି ଟଳମଳ ହୋଇଛି। ପଡ଼ିଯିବା ଆଗରୁ ଗୋଟିଏ ମନ, ଅନ୍ୟଟି ଉପରେ ଆଉଜି ପଡ଼ିଛି। ଏ ଟଳମଳ ଭରା ପାଦ ଓ ମନରେ, ରାହୁଲ ଯେତେବେଳେ ବାପା, ମାଆ ଓ ଘର କଥା ଭାବି ବସେ, ସେ ଭାବନାର ଅତଳ ଗଣ୍ଡକୁ ଚାଲିଯାଏ। ସେ ଦେଖେ– ବାପା, ମାଆଙ୍କ ଅପମାନ ବୋଧଭରା ଚାହାଣି, ଏବଂ ନିଜ ବେରୋଜଗାର ପଣିଆ। କ'ଣ କରିବ ନ କରିବ ଏ ଭାବନାରେ ଅନେକ ଦିନ ବିତିଗଲା।

ରାହୁଲ କେବଳ ଅନିଶ୍ଚିତ ବର୍ତ୍ତମାନ ଓ ଅନ୍ଧାରି ଭବିଷ୍ୟତକୁ ନେଇ ବାଟ ଚାଲିଛି। ଏ ଭିତରେ ମିଲି ଘରକୁ ଅନେକ ବିବାହ ପ୍ରସ୍ତାବ ନେଇ ଆସିଛନ୍ତି। କିନ୍ତୁ ସବୁ ପ୍ରସ୍ତାବକୁ ମିଲି ଏଡ଼ାଇ ଚାଲିଛି। ରାହୁଲର ବି ସମଦଶା, କିନ୍ତୁ କେତେ ଦିନ? କେଉଁ ଆଶା ବା ସମ୍ଭାବନା ନେଇ ଦୁହେଁ ଏଡ଼ାଇ ଚାଲିଥିବେ ଦୁହିଁଙ୍କ ବାହାଘର କଥା। କିନ୍ତୁ କରିବେ ବା କ'ଣ? ଦୁହେଁ ଦୁହିଁଙ୍କୁ ଜୀବନ ଭାବେ ଧରି ନେଇଛନ୍ତି। ଏ ଭିତରେ ପାଞ୍ଚବର୍ଷ ବିତିଗଲାଣି। ରାହୁଲ ସୀମାହୀନ ଭାବନା ଭିତରେ ଏମିତି ଅନେକ ଅବାନ୍ତର ପ୍ରଶ୍ନ ମୁଣ୍ଡ ଟେକିଛି। ଏସବୁ ଭାବି ଭାବି ରାହୁଲ ଆଖିରେ ଲୁହ ଜକେଇ ଆସିଛି। ପୁଣି ସେ ରହି ରହି ଭାବି ବସିଲା ବେଳକୁ ଆକାଶ ଫର୍ଚ୍ଚା ହୋଇ ଆସୁଥାଏ। ପୁଣି ଥରେ ରାହୁଲ ଭାବି ବସିଛି– ସତରେ କ'ଣ ପ୍ରେମ କରିବାଟା ଏକ ବିରାଟ ଭୁଲ? ମନକୁ ଖଡ଼ି ଧରି ବୁଝାଇଛି। ସଫଳତା ଲାଭ କରିବାକୁ ହେଲେ, ବିଫଳତାର ତୀବ୍ର ଯନ୍ତ୍ରଣା ଭିତରେ କ୍ଷତାକ୍ତ ହେବାକୁ ପଡ଼ିଥାଏ। ରାହୁଲ ତା'ର ହଜିଲା ଦିନର ଅଭୁଲା ଅତୀତକୁ ସାଇତିବା ନିମନ୍ତେ ପ୍ରୟାସ ଜାରି ରଖିବା ସହ ମିଲିକୁ ନେଇ ସଂସାର କରିବାର ସ୍ୱପ୍ନକୁ ସତ କରିବାକୁ ମନସ୍ଥ କଲାବେଳକୁ ତା' ଭାବନାରେ ହଠାତ୍ ବାଧା ଦେଇଥିଲା ବୋଉଙ୍କ ଆଠଟା ବାଜିଲାଣି ଡାକ। ସେ ଚମକି ଚାହିଁଲା ବେଳକୁ ସାମ୍ନାରେ ବୋଉର କ୍ରୋଧଭରା ଚାହାଣି। ପ୍ରେମଶକ୍ତିର ବିଜୟ ପରେ ହିଁ କ୍ରୋଧଶକ୍ତିର ଅବକ୍ଷୟ– ଏକଥା ଭାବି ରାହୁଲ ବିଛଣା ଛାଡ଼ିଛି।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ଖଲ୍ଲିକୋଟ୍ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମ
ମୋ: ୮୮୯୫୧୪୧୭୨୭

# ମନଆଇନାରେ ସ୍ମୃତିର ବିଭବ

## ପ୍ରଶାନ୍ତ କୁମାର ଦାଶ



ଭବରଙ୍ଗ ପଥେ ଗଢ଼ିହୁଏ କେତେ
ମିଛି ମିଛି ବାଲିଘର
କାଳେ ଭାଙ୍ଗିଦେବ ସେ ଘରକୁ ବର୍ଷା
ଲାଗେ ମନେ ମନେ ଡର।
ମନଆଇନାରେ ସେ ସ୍ମୃତି ବିଭବ
ସଜଳ ସର୍ବଦା ଦିଶେ
ଭାଙ୍ଗିଗଲେ ସେଇ ସ୍ୱପ୍ନ ବାଲିଘର
ଟୋପା ଟୋପା ଲୁହ ଖସେ।
ପୀରତିରେ ଗଢ଼ା ବାଲିଘର ଦିଏ
ଜୀବନକୁ ମିଠା ସ୍ୱାଦ
ଦୁଃଖ ଢେଉ ତାକୁ ଭାଙ୍ଗିଦେଲେ ପାଏ
ଜୀବନଟି ଅବସାଦ।
ହଜିଯାଏ କେଉଁ ଅଜଣା ରାଇଜେ
ବୟସ ମିଳେନା ଆଉ
ସହିବାକୁ ହୁଏ ଜୀବନ ଯାତନା
ବିଚ୍ଛେଦ ବିରହ ଦାଉ।

ଗଢ଼ିଥିଲୁ ଆମେ ସାଗର ବେଳାରେ
ସ୍ୱପ୍ନ ବାଲିଘର ଏକ
ସାଗରର ଢେଉ ଦେଲା ଆସି ଲୁହ
ଅସହଣୀ କୋହ ଦୁଃଖ।
ମନେଥିଲା ଆମ ସେନେହ ଶରଧା
ପାଇଥିଲୁ ଦୁହେଁ ଭଲ
ସେ ତ ଚାଲିଗଲା କରି ସାତପର
ମଉଳିଲା ପ୍ରେମଫୁଲ।
ବରଷା ଆସୁକି ବୈଶାଖ ବି ଆସୁ
ମଥାପାତି ଯିବି ସହି
ପୁଣ୍ୟ ପାରାବାରେ ବାଲିଘର ଗଢ଼ି
ପ୍ରତୀକ୍ଷାରେ ଥିବି ରହି।
ବିଶ୍ୱାସରେ ଗଢ଼ା ବାଲିଘର କେବେ
ଭାଙ୍ଗିଯିବନାହିଁ ଜମା
ଖୋଜୁଥିବି ପ୍ରିୟା ତୁମକୁ ବିଜନେ
ନମାନି ରାତିର ଅମା।

କୁଞ୍ଜର -ସଙ୍ଗଳାଇ, ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

# ତୁମରି ପାଇଁ

## ନିରଞ୍ଜନ ପତି

ତୁମ ସହ ଦେଖା ହୋଇ ପାରେ ନାହିଁ
ତେଣୁ ତୁମ ଫଟୋ ଦେଖେ,
ତୁମ ସହ ପ୍ରୀତି ଭାବି ସବୁ ସ୍ମୃତି
କେତେ ଗପ, ଗୀତ ଲେଖେ।
ତୁମ ପରି କେହି ପାଉନାହିଁ ସହି
ତୁମେ ମୋ ମାଣିକ,ମୋତି,
ତୁମେ ମୋ ମନର ତୁମେ ମୋ ପ୍ରାଣର
ତୁମ ବିନା ନାହିଁ ଗତି।
ତୁମରି ଆବେଗ ତୁମ ଅନୁରାଗ
ହୃଦୟେ ସଉଧ ଗଢ଼େ,
ତୁମ କଥା ଭାବି ଆଙ୍କେ ପ୍ରତିଛବି
ପକ୍ଷୀରାଜ ଘୋଡ଼ା ଚଢ଼େ।
ଯେତେ ଦିନ ଯାଏ ପ୍ରାଣଥିବ ହାଏ
ତୁମ ସହ ଥିବ ସ୍ନେହ,
ଆର ଜନମରେ ପୁଣି ଦେଖାହେବ
ଛାଡ଼ି ଚାଲିଗଲେ ଦେହ।

ଗାନ୍ଧୀମାର୍ଗ, ଅନୁଗୋଳ
ମୋ -୯୯୩୮୧୩୩୫୫୯

# ମୁଁ ସେବକ ତୁମେ ଦେବୀ

## ନିରଞ୍ଜନ ସାହୁ



ତୁମେ କହୁଅଛ ତୁମରି ଲେଖାର
ମତାମତ ମୁହିଁ ଦେବି
ମୁଁ କହୁଛି ମୁହିଁ ତୁମ
ନିକଟରୁ
ଲେଖା କଳା ଶିଖିନେବି।

କେଉଁପରି ତୁମେ
ଭାବନାରେ ହଜି
କଲମ ଚଳାଅ ନିତି
ମୋତେ ଯଦି ଟିକେ ଶିଖାଇ ଦିଅନ୍ତ
ଜାଣନ୍ତି ଲେଖିବା ରୀତି
ସାହିତ୍ୟ କ୍ଷେତ୍ରରେ ଆଗକୁ ଯାଆନ୍ତି
ତୁମରି ଶ୍ରୀପଦ ସେବି।

ପାଠକୀୟ ଦୃଷ୍ଟିକୋଣ ମୁଁ ଜାଣିନି
ମତାମତ ଦୂର କଥା
କେମିତି ତ ଏତେ ଲେଖୁଛ ଭାବିଲେ
ଘୂରିଯାଏ ମୋର ମଥା
ମୋତେ ଯଦି ତୁମ କୃପା ମିଳିଯିବ
ଲେଖକଟିଏ ମୁଁ ହେବି।

ଭାବୁଛି ଏଣିକି ଆଣିବି ଏଥର
କାଗଜ କଲମ କିଣି
ତୁମରି ପାଖରୁ ଲେଖା ମୁଁ ଶିଖିକି
ତୁମକୁ ପାରିବି ଜିଣି
ଏହି ସାରସ୍ୱତ ସାଧନା କ୍ଷେତ୍ରରେ
ମୁଁ ସେବକ ତୁମେ ଦେବୀ।

ନିହଲପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ: ୯୯୩୮୭୪୧୫୮୩

# ନିଃସର୍ତ୍ତ ବନ୍ଧନ

## ଅନସୂୟା ପଣ୍ଡା

ଅମାବାସ୍ୟାକୁ ଆଲୋକିତ
କରିପାରିଲେ କାମ ସରିଲା
ଅନ୍ଧାରର ଆଉ କ'ଣ ଜୁ ଅଛି
ଡରେଇ ପାରିବ ଅଧାଯାତ୍ରାରେ
ଆଲୋକିତ ପଥଟିଏ ଲମ୍ବିଯିବ
ଗଗନରୁ ଅବନୀ ଯାଏ।
ସହସ୍ର ଦୁଃଖରେ ଭାରାକ୍ରାନ୍ତ
ମଣିଷମାନଙ୍କ ଗହଳରେ
ମୁହଁମାନଙ୍କୁ ନ ଖୋଜିଲେ
ଆତ୍ମାମାନଙ୍କୁ ଦେଖିଲେ
ଭୁଲିଯିବା ଶତ୍ରୁଙ୍କୁ ଅନାୟାସରେ।
ତା'ପରେ ତିଆରିବା
ଆତ୍ମିକ ପଣର ଦୁନିଆ
ଅହଂକାରର 'ମୁଁ' ତାରକୁ ଛିନ୍ନକଲେ
ସ୍ୱରଟିଏ ମଧୁର ଝଙ୍କାରର ପୂରି ଉଠିବ
ସନ୍ତୋଷର ପଥ ଧାରେ।
ଦେବା ନେବା ଭିତରେ ଛନ୍ଦି ନହେଲେ
ଆମ ଭିତରେ ଖେଳିବ ପ୍ରୀତିର କୁସୁମ
ଆଲୋକିତ ବିଶ୍ୱାସର ଘନତା ସ୍ନିଗ୍ଧପଣ
ପରିହାର କଲେ ସ୍ୱାର୍ଥ-ତର୍କ-ଆକ୍ରୋଶ
କଅଁଳିଉଠିବ ଆବେଦିତ ନିଃସର୍ତ୍ତ ବନ୍ଧନ।

ବୁର୍ଲା, ସମ୍ବଲପୁର
ମୋ -୮୩୨୮୯୪୫୮୮୫



# ରାତି ସାରା ବର୍ଷା

## ଅବନୀ କୁମାର ରାଉତ



ଶ୍ରାବଣର ରାତି ସାରା ପ୍ରୀତିର କଦମ୍ବ ଫୁଟେ
ଆକାଶରୁ ଝରେ ଟୋପା ଟୋପା ବର୍ଷା..
ପବନର ଗତି କାହିଁ ଧୀରେ ଧୀରେ ବହେ. !

ଧୁଆଁଳିଆ ଆକାଶ ପ୍ରେମ ବାୟାଣୀ ଜହ୍ନରାତି
ସତେ ଦେଉଛି ଝାଉଁବଣେ ଚୁମ୍ବନ..
ବର୍ଷା ମିଠା ମିଠା କାନ୍ତିରେ ହସେ
ସବୁଠି ଓଦା ଓଦା କରେ କେଉଁ ରାଇଜରୁ ଯେ
ଆସିଗଲୁ !

ତମେ ଥଲ ମୁଁ ଥିବି ଅଗଣାର
ମହକି ଉଠୁଥିଲା ଗଭାର ମଲ୍ଲୀ ଫୁଲ ଗଜରା
ପ୍ରୀତିର ଉଷ୍ମତା ଜୁଆର ଖେଳି ଯାଏ.. !

ଏହିତ ସମ୍ପର୍କ ବର୍ଷା ଆଉ ମାଟିର ସମ୍ପର୍କ
ଐକ୍ୟ କେନ୍ଦ୍ରିକ ହୁଏ
ଅଭିମାନ ଭାଙ୍ଗିନୀ ଝରୁଛି ଶ୍ରାବଣର ଧାରା
ତୁମ କାନ ଫୁଲ ତାରକଷି ଝୁମୁକା
ବିଜୁଳିରେ ଆଲୋକରେ ଝଲସି ଉଠୁଛି ଆଉ
କିଛି.. !
ଦେହ ମଗ୍ନ ଋତୁର ସାମଞ୍ଜୀ ଲାଜ ଲାଜ ମୁହଁରେ
ତୁମ ନୟନ ଯୋଡ଼ି ରକ୍ତ ପଳାଶ ଫୁଲ
କି ସୁନ୍ଦର ମାଧୁର୍ଯ୍ୟ ଭରା ଓଷ୍ଠ ହସ ହସ ଲାଗେ
ସମୟଟା ମନ କିଣି ନିଏ .. !

ତୁମ ନିରୀହ ପଣକୁ ଦେଖି ଝଲମଲ ହୋଇ
ବର୍ଷାରେ ଜହ୍ନକୁ ଦେଖେନା ନିରେଖୀ
ଏକ ନିଭୃତ କୋଣରେ ମୁଠାଏ ହସ ହସ
ମୁହଁରେ ଦେଖିବାକୁ ଭଲ ଲାଗେ.. !
ଚଲା ମେଘ ପରି ଭାସି ଯାଉଥିଲା ତୁମ ମନ
ଉଡୁ ଥିଲା କୁଆଡ଼େ ଦେହ ମନ ରଜନୀ ଗନ୍ଧାର
ଭୂରୁ ଭୂରୁ ବାସ୍ନା ଥିଲା.. !

ପବନ ବେଗ ସମୟରେ ଭିଡୁଥିଲା କାହିଁ
ମେଘ ତ ମାଡ଼ି ଆସେ ବିନା କାରଣରେ ଭିଜେଇ
ଦିଏ କାହିଁକି ସେ ନିଜର ଦୁଃଖ ଦିଏ .. !

ମା' ବିରଜା କ୍ଷେତ୍ର
ମୋ- ୯୪୩୯୬୨୨୬୨୩

# ଦେବଗଡ଼ରେ ସୂକ୍ଷ୍ମ ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଶାସନ ସଚିବ

ଦେବଗଡ଼(ପିପିଏସ୍) : ଦେବଗଡ଼ ଜିଲ୍ଲାକୁ ଡି ପ୍ରଶାନ୍ତ କୁମାର ରେଡି (ଆଇଏଏସ) ଶାସନ ସଚିବ ଓ ଜିଲ୍ଲା ନୋଡାଲ ଅଧିକାରୀ ଶୁକ୍ରବାର ଗସ୍ତରେ ଆସିଥିଲେ । ତେବେ ଏହ ଗସ୍ତ ସମୟରେ ସରକାରଙ୍କ ପକ୍ଷରୁ ତିଲେଇବଣି ଓ ରିଆମାଳ ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ । ଜିଲ୍ଲାର ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆମ ଅଙ୍ଗନୱାଡ଼ି କେନ୍ଦ୍ର ସୁଗୁଡ଼ା, ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଧୁବଲିପଥର ଓ ବଡଛାପଲ ର ଆଦିବାସୀ ଲୋକଙ୍କ ତରଭୁଜ ଚାଷ, ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ଛେଳି ପାଳନ ,ପଳସମା ପଞ୍ଚାୟତରେ ଲୋକମାନଙ୍କର ବିଭିନ୍ନ ସମସ୍ୟା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବିଭାଗ ପକ୍ଷରୁ ଖ୍ଲେଇ ଗ୍ରାମରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଜଳ ବିଭାଜିକା ପକ୍ଷରୁ ପଳସମା ମେଗା ପାନୀୟଜଳ ,ପଳସମା ପଞ୍ଚାୟତ, ପ୍ରାଥମିକ କୃଷି ସମବାୟ ସମିତି ବୁଢାପାଲ୍ ,ଆଞ୍ଚଳିକ କମଳା ରସ ପ୍ରକ୍ରିୟା ବୁଢାପାଲ୍ , ତିଲେଇବଣି ବ୍ଲକ୍ର ଚଟିବର୍ ଘାଟ ପିଏମ୍ଇଜିପି ଯୋଜନା ଓ ଶ୍ରୀହରି ଗୋଖାଦ୍ୟ ଉତ୍ପାଦନ ଉଦ୍ୟୋଗ ,ବଡ଼ ବାଲିପଶି ଠାରେ ଉଜ ବ୍ରିକ୍ସ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ । ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପିଏମ୍ଶ୍ରୀ ସୁଗୁଡା ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ । ପରେ ଅପରାହ୍ନରେ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ନୋଡାଲ ଅଧିକାରୀ ଶ୍ରୀ ରେଡି ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିବା ସହ ପ୍ରକଳ୍ପ ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକରେ ବ୍ୟୟ ବନ୍ଦନା କାର୍ଡ ,ମଧୁବାବୁ ପେନ୍ସନ୍, ସୁଭଦ୍ରା ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ମେଗା ପାନୀୟଜଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସେତୁ ବନ୍ଧ ଯୋଜନା, ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପାଠକ ବିଦ୍ୟାଳୟ, ପିଏମଶ୍ରୀ ସ୍କୁଲ, ପୋଷଣ ଅଭିଯାନ, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ଅମୃତ ଯୋଜନା ଜିଆଇଏସ ବେଶ୍ ମାଷ୍ଟର ପ୍ଲାନ, ସ୍ୱଚ୍ଛ ଭାରତ ମିଶନ, ନୂତନ ରାସନକାର୍ଡ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା, ସିଏମ୍ କିସାନ୍ ଓ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଲୋକମାନଙ୍କୁ ଉପଲବ୍ଧ କରାଯାଉଥିବା ବିଭିନ୍ନ ଯୋଜନାଗୁଡ଼ିକ ସମୀକ୍ଷା କରି ସମାନୁ ଯାଇ ଏ ସୁବିଧାଗୁଡ଼ିକ ଲୋକମାନଙ୍କୁ ଯୋଗାଇଦେବା ସହ ଲୋକାଭିମୁଖୀ ଯୋଜନାଗୁଡିକ ସଫଳ ରୁପାୟନରେ ପ୍ରଶାସନିକ ଏବଂ ବିଭାଗୀୟ ଅଧିକାରୀମାନେ ଆନ୍ତରିକତା ସହ ନିଜର ଦାୟିତ୍ୱ ସମ୍ପାଦନ କରିବା ପାଇଁ ଜିଲ୍ଲା ନୋଡାଲ ଅଧିକାରୀ ଶ୍ରୀ ରେଡି ପରାମର୍ଶ ଦେଇଥିଲେ । ବୈଠକରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଧନଞ୍ଜୟ ମହନ୍ତ, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ, ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ସାଧାରଣ ପରିଚାଳକ ଜିଲ୍ଲା ଶିଳ୍ପ କେନ୍ଦ୍ର ଅରିନ୍ଦମ ପ୍ରଧାନ, ପ୍ରକଳ୍ପ ପ୍ରଶାଶିକା ସନ୍ଧ୍ୟା ମାଝି, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ତିନି ବ୍ଲକର ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାୟଗଡ଼ାରେ ୨୦୨୭ ଜନଗଣନାର ପ୍ରସ୍ତୁତିକାଳୀନ ବୈଠକ



ରାୟଗଡ଼(ପିପିଏସ୍) : ରାୟଗଡ ଜିଲ୍ଲା ପରିଷଦ ସଭାଗୃହରେ ୨୦୨୭ ଜନଗଣନାର ପ୍ରସ୍ତୁତିକାଳୀନ ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ରାୟଗଡ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଉପଜିଲ୍ଲାପାଳ ରାୟଗଡ ରମେଶ କୁମାର ଜେନା, ସୁଜିତ କୁମାର ପ୍ରଧାନ, ସହାୟକ ନିର୍ଦ୍ଦେଶକ (ଜିଲ୍ଲା ନୋଡାଲ ଅଧିକାରୀ), ଜନଗଣନା ନିର୍ଦ୍ଦେଶକ ଏନ୍. ଗଣେଶ, ଏସ୍ଆଇ ଗ୍ରୁପ୍-ଓଓ (ଜିଲ୍ଲା ପରିଚଳକ)ଙ୍କ ଦ୍ୱାରା ଜନଗଣନା ୨୦୨୭ ପାଇଁ ସରକାରଙ୍କ ଆଭିମୁଖ୍ୟ, ପ୍ରସ୍ତୁତି, ପଦକ୍ଷେପ, ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା କରିଥିଲେ । ଏହି ବୈଠକରେ ସହକାରୀ ଜିଲ୍ଲାପାଳ ଶିବ ପ୍ରସାଦ ସାହୁ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ନିର୍ବାହୀ ଅଧିକାରୀ ,ଜନଗଣନା ସହ ସଂପୃକ୍ତ କର୍ମଚାରୀ ଉପସ୍ଥିତ ଥିଲେ । ବୈଠକରେ ଜନଗଣନା କାର୍ଯ୍ୟର ସମସ୍ତ ଦକ୍ଷତା ଓ ପ୍ରଣାଳୀ ଉପରେ ଚର୍ଚ୍ଚା ହୋଇଛି । ଏହି ଜନଗଣନାରେ ଜିଲ୍ଲାରେ ପ୍ରମୁଖ ଜନଗଣନା ଅଧିକାରୀ ଜିଲ୍ଲାପାଳ ରହି ସମସ୍ତ କାର୍ଯ୍ୟକ୍ରମର ସମନ୍ୱୟନ କରିବେ । ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଜନଗଣନା କାର୍ଯ୍ୟର ପ୍ରଶାସନିକ ନିରୀକ୍ଷଣ, ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ସହାୟତା କରିବେ । ତହସିଲଦାର ସମେତ ଅନ୍ୟାନ୍ୟ ଅଧିକାରୀ ତଥ୍ୟ ସଂଗ୍ରହ ଓ ଯାଞ୍ଚ ପ୍ରକ୍ରିୟାରେ ସହାୟତା କରିବେ । ଏହି ଜନଗଣନା ଭାରତର ୧୬ମ ଜନଗଣନା ଏବଂ ସାଧୀନତା ପରେ ୮ମ ଜନଗଣନା ଅଟେ । ସରକାରୀ ନୀତି, ଯୋଜନା ଓ ବିକାଶ କାର୍ଯ୍ୟକୁ ନିର୍ଦ୍ଦେଶ ଦେବା ପାଇଁ ଏହାର ତଥ୍ୟ ଅତ୍ୟନ୍ତ ଉପଯୋଗୀ । ଜନଗଣନା ଦୁଇ ପର୍ଯ୍ୟାୟରେ ହେବ । ପ୍ରଥମ ପର୍ଯ୍ୟାୟରେ (ଘର ତାଲିକାଭୁକ୍ତ ଘର ଗଣନା) ଘରର ଅବସ୍ଥା, ସୁବିଧା ଓ ସମ୍ପତ୍ତି ବିଷୟରେ ତଥ୍ୟ ସଂଗ୍ରହ କରାଯିବ । ଏହା ୩୦ ଦିନର କାର୍ଯ୍ୟକାଳରେ ୧୬ ଏପ୍ରିଲ୍ ୨୦୨୬ରୁ ୧୫ ମେ ୨୦୨୬ ପର୍ଯ୍ୟନ୍ତ ଚଳିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ (ଜନସଂଖ୍ୟା ଗଣନା) ଜନସଂଖ୍ୟା, ବୟସ, ଆଦିବାସୀ/ ଜନଜାତି, ଗର୍ଭଧାରଣ, ପ୍ରବାସ ଓ ଅର୍ଥନୀତି ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ହେବ । ଏହା ୯ରୁ ୨୮ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଚାଲିବ । ଯେଉଁମାନେ ନିଜର ବ୍ୟକ୍ତିଗତ ତଥ୍ୟ ସଂଶୋଧନ କରିବାକୁ ଚାହିଁବେ ୧ରୁ ୫ ମାର୍ଚ୍ଚ ୨୦୨୭ ମଧ୍ୟରେ କରିପାରିବେ । ଜନଗଣନା ୨୦୨୭ ର ତଥ୍ୟ ତା ୧ ମାର୍ଚ୍ଚ ୨୦୨୭, ୦୦:୦୦ ଘଟିକାରୁ ଗ୍ରହଣ କରାଯିବ । ଏହି ଜନଗଣନାରେ ଓଡ଼ିଶାର କୋଡ୍ ୨୨ ଓ ରାୟଗଡ଼ାର କୋଡ୍ ୨୭ ଅଟେ । ଏହା ପାଇଁ ୯ଟି ସର୍କ୍ୟୁଲାର ଜାରି ହୋଇଛି । ଡିଜିଟାଲ୍ ସରଞ୍ଜାମ ଓ ନୂତନ ପ୍ରଣାଳୀ ଏହି ଜନଗଣନାରେ ସାମିଲ କରାଯାଇଛି । ମୋବାଇଲ୍ ଆପ୍, ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ୍, ସ୍ୱୟଂ-ଗଣନା ୱେବ୍ ପୋର୍ଟାଲ୍, ଏଆଇ ଚାଟ୍‌ବଟ୍ ଓ ୱେବ୍ ଆପ୍ ଆଦି ବ୍ୟବହାର ହେବ । ଡିଜିଟାଲ୍ ସିଷ୍ଟମ୍ ଓ ସେଲ୍ଫ-ଇନୟୁମେରେସନ୍ ପୋର୍ଟାଲ୍ ମାଧ୍ୟମରେ ଏହି ଗଣନା ହେବା ପାଇଁ ସମସ୍ତେ ପ୍ରସ୍ତୁତ ରହିବା ଉପରେ ଗୁରୁତ୍ୱ ଦିଆଯାଇଛି ।

# ଦିବ୍ୟାଙ୍ଗଙ୍କ ନିମନ୍ତେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା

ଜୟପୁର: ଦିବ୍ୟାଙ୍ଗ ମାନଙ୍କ ନିମନ୍ତେ କ୍ରୀଡା ଏବଂ ସାଂସ୍କୃତିକ ପ୍ରତିଯୋଗିତା ଜୟପୁର ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆଜି ଅନୁଷ୍ଠିତ ହୋଇଛି । ଜୟପୁର ପୌରାଂଚଳ ଓ ବ୍ଲକ ସ୍ତରିୟ ଏହି ପ୍ରତିଯୋଗିତାରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଜୟପୁର ବ୍ଲକ ଅଧକ୍ଷା ତିଳୋତମା ମୁଦୁଲି, ବ୍ଲକ ଉପାଧକ୍ଷ ଗଣେଷ ପାଢୀ, ବିଡିଓ ଶକ୍ତି ମହାପାତ୍ର, ଉପଖଣ୍ଡ କ୍ରିଡା ସମ୍ପାଦକ ରବି ନାୟକ, କାଉନସିଲରର ଅପ୍ରିତା ଷଡଙ୍ଗି, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କାର୍ତିକ ଚନ୍ଦ୍ର ପାଢୀ, ବିଭାଗୀୟ କର୍ମଚାରି ପୁନମ ସାହୁ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସସ୍ମିତା ପରିଡା, ସିଆରସିସି ସଂଯୁକ୍ତା ରାଉତ, ଶିକ୍ଷକ ପସନ୍ନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଏହାର ଆୟୋଜନ ହୋଇଛି । ଏଥିରେ ୨୦ ପ୍ରକାର ଖେଳ ପ୍ରତିଯୋଗିତା କରାଯାଇଛି । ଏଠାରେ ଆଂଶିକ ଦୃଷ୍ଟିହିନ, କନିଷ୍ଠ ବରିଷ୍ଠ ବିଭାଗ କରାଯାଇଛି । ଏଥିରେ କନିଷ୍ଠ ହିସାବରେ ୧ରୁ ୧୬ ବର୍ଷ ଏବଂ ବରିଷ୍ଠ ନିମନ୍ତେ ୧୭ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସ ରହିଛି । ଦୌଡ, ସାଇକେଲିଙ୍ଗ, ନାଚ, ଚିତ୍ର କଳା, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଗୀତ ଭଳି ପ୍ରାୟ ୨୦ ପ୍ରକାର ପ୍ରତିଯୋଗିତା ଆୟୋଜନ ହୋଇଛି । ବ୍ଲକ ଓ ପୌରାଂଚଳ ସ୍ତରିୟ ପରେ ଜିଲା ଓ ରାଜ୍ୟ ସ୍ତରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଠାରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀମାନେ ଜିଲା ସ୍ତରିୟ ପ୍ରତିଯୋଗିତାରେ ଭାଗ ନେବେ । ଜିଲା ସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ରାଜ୍ୟ ସ୍ତରରେ ଭାଗ ନେବେ । ଜୟପୁର ବ୍ଲକ ପୌରାଂଚଳର ୩ଶହ ପ୍ରତିଯୋଗୀ ଭାଗ ନେଇଥିଲେ । କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା ।

# ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘର ଜରୁରୀ ବୈଠକ



ବଲାଙ୍ଗିର, (ପିପିଏସ୍) : ଓଡିଶା ସରକାରୀ ହାଇସ୍କୁଲରେ ଏନ୍‌ପିଏସ୍ ଶିକ୍ଷକମାନଙ୍କ ଦୀର୍ଘଦିନ ଧରି ସରକାରଙ୍କୁ ଦାବି କରିଆସୁଥିଲେ ମଧ୍ୟ ସରକାର ନିଦ୍ରାବିଷ୍ଟ ହୋଇ ଶୁଣୁ ନାହାନ୍ତି । ତେଣୁ ବଲାଙ୍ଗିର ଜିଲ୍ଲାର ଏନ୍‌ପିଏସ୍ ଶିକ୍ଷକମାନେ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଅସହଯୋଗ ତଥା ପରୀକ୍ଷା ସମୟରେ ଆନ୍ଦୋଳନରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି । ବାରମ୍ବାର ସରକାରଙ୍କ ଦୃଷ୍ଟିକୁ ଆମ ଦାବି ଆଣିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଓ ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ସରକାର ୨୦୨୨ ମସିହା ଅକ୍ଟୋବର ମାସରେ କଣ୍ଟ୍ରାକ୍ଟୁଏଲ ରିପିଲ ରୁଲ ୨୦୨୨ ଆଣିଲେ ଓ ସମଗ୍ର ରାଜ୍ୟରୁ ଚୁକ୍ତି ଭିତ୍ତିକ ଚାକିରି ଯୁଗର ଅବସାନ ହେଲା ବୋଲି ଘୋଷଣା କଲେ । ମାତ୍ର ରୁଲରେ ଅନେକ ଅସଙ୍ଗତି ଥିବା କଥା ସରକାର ସ୍ୱୀକାର କରୁଥିବା ବେଳେ ଅସଙ୍ଗତି ଦୂର ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତ ଶିକ୍ଷକମାନଙ୍କ ୬ ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରି ରେ ଗଣନା ତଥା ୬ ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବୀକୁ ଓଡିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ସରକାରଙ୍କ ଦୃଷ୍ଟିକୁ ଆଣିବା ପରେ ଏ ବିଷୟରେ ବହୁବାର ଆଲୋଚନା ହୋଇଛି ମାତ୍ର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ୨୦୨୫ ସେପ୍ଟେମ୍ବର ୨୨ ଓ ୨୩ ତାରିଖରେ ସଂଘର ଆନ୍ଦୋଳନ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ଙ୍କ ସହ ଆଲୋଚନା ସମୟରେ ସରକାର ନିର୍ଭର ପ୍ରତିଶ୍ରୁତି ଦେଇ ଆନ୍ଦୋଳନରୁ ବିରତ ରହିବାକୁ ନିବେଦନ କଲେ କିନ୍ତୁ ଆଲୋଚନା ଆଲୋଚନାରେ ହିଁ ରହିଗଲା । ସରକାର ପ୍ରତିଶ୍ରୁତି ପୂରଣ ପାଇଁ ପଦକ୍ଷେପ ଗ୍ରହଣ କଲେ ନାହିଁ । ତତ୍କାଳିନ ଶିକ୍ଷା ସଚିବ ସାଲିନ ପଣ୍ଡିତ, ରାଜ୍ୟ ସଂଘ ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଆଲୋଚନା ପାଇଁ ଡାକିଥିଲେ ଓ ଆମ ସଂଘର ଦାବି ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟିର ଚେୟାରମେନ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ ତଥା ଅନ୍ୟ ସଦସ୍ୟଙ୍କୁ ଭେଟି ରାଜ୍ୟ ସଂଘ ସଭାପତି ତଥା ଅନ୍ୟ କର୍ମକର୍ତ୍ତା ୨୦୨୨ ରିପିଲ ରୁଲ୍‌ରେ ଥିବା ଅସଙ୍ଗତି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ସଂଘ ଦର୍ଶାଇଥିଲା ଯେ ୨୦୧୩ ପରେ ନିଯୁକ୍ତ ଶିକ୍ଷକମାନଙ୍କର ୬ ବର୍ଷର ଚୁକ୍ତି ଅବଧି ମୂଳ ଚାକିରିରେ ଗଣନା ହୋଇ ୬ ନୋସନାଲ ପ୍ରଦାନ କରିବା କଥା ଶୁଣି ଆଶ୍ଚର୍ଯ୍ୟ ଚକିତ ହେଲେ । ଆମ ସମସ୍ୟା କୁ ସବୁ ସ୍ତରରେ ଯୁକ୍ତିଯୁକ୍ତ ବୋଲି ଗ୍ରହଣ କରାଗଲେ ମଧ୍ୟ ଏ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ମାନ୍ୟବର ଗଣଶିକ୍ଷା ମନ୍ତ୍ରୀଙ୍କୁ ସଂଘ ତରଫରୁ ବାରମ୍ବାର ଭେଟି ସମସ୍ୟା ବିଷୟରେ ଅବଗତ କରାଯାଇଛି ମାତ୍ର କେବଳ ସମୟ ନେଇ କିଛି କାମ କରାଯାଇନାହିଁ । ସରକାରଙ୍କ ତରଫରୁ ୨୦୨୨ ଅକ୍ଟୋବର ମାସରୁ କେବଳ ଆଶ୍ୱାସନା ଦେଇ ଆନ୍ଦୋଳନରୁ ବିରତ ରହିବାକୁ ନିବେଦନ କରାଯାଉଛି । ଦୀର୍ଘ ୩ ବର୍ଷରୁ ଅଧିକ ସମୟ ଧରି ବାରମ୍ବାର ସରକାରଙ୍କ ଦୃଷ୍ଟିକୁ ଆଣିବା ପରେ କେବଳ ଆଶ୍ୱାସନା ଦେଇ ଭଣ୍ଡାଇ ଦେବାକୁ ଚେଷ୍ଟା କରାଯାଇଛି । ତେଣୁ ଆଉ ଆଶ୍ୱାସନାରେ ବିଶ୍ୱାସ ନ କରି ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ ଅସହଯୋଗ ନୀତିକୁ ଆପଣେଇବାକୁ ସଂଘ ବାଧ ହେଉଛି ଓ ଆଗାମୀ ବିଧାନସଭା ସମୟରେ ଆନ୍ଦୋଳନ କରିବା ପାଇଁ ବଲାଙ୍ଗିର ଜିଲ୍ଲା ଏନ୍‌ପିଏସ୍ ଶିକ୍ଷକମାନେ ନିଷ୍ପତ୍ତି ନେଇଛନ୍ତି । ତେବେ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ହେବାକୁ ଥିବା ଆନ୍ଦୋଳନରେ ସମସ୍ତେ ଯୋଗ ଦେବେ ବୋଲି ବଲାଙ୍ଗିର ସଂଘ ତରଫରୁ ସଭାପତି ରାଜ କୁମାର ଭୋଇ, ସଂପାଦକ ବୀର କିଶୋର ସୁନା, ଦ୍ୟୁତି ରଂଜନ ମହାଲିଙ୍ଗ, ନରେଶ ଦ୍ୱାରି, ହିମାଂଶୁ ସେନାପତି, ବିଘ୍ନରାଜ ସାହୁ, ଶରତ ନାଗ, କପିଳେଶ୍ୱର କୁମ୍ଭାର, ଶେଷଦେବ ସାହୁ ପ୍ରଭୃତି ଜଣାଇଛନ୍ତି ।

# ରାଜ୍ୟ ସିନିଅର କବାଡ଼ି ଚାମ୍ପିଅନ୍‌ସିପ୍ ପାଇଁ ଖେଳାଳି ମନୋନୟନ

କେନ୍ଦୁଝର: ଓଡିଶା କବାଡି ଆସୋସିଏସନ ଆନୁକୂଲ୍ୟରେ ଆସନ୍ତା ୧୩ ତାରିଖ ଠାରୁ କଟକ ଜବାହରଲାଲ ଇଣ୍ଡୋର ଷ୍ଟାଡିୟମ ଠାରେ ହେବାକୁଥିବା ରାଜ୍ୟ ସିନିଅର ପୁରୁଷ ଏବଂ ମହିଳା କବାଡି ଚମ୍ପିୟାନସିପ ପାଇଁ କେନ୍ଦୁଝର ଜିଲ୍ଲା ଦଳର ଖେଳାଳି ମନୋନୟନ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ହେବ । ଏହି ମନୋନୟନ ଶିବିର କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଏଲାଇଟ ୯ କ୍ଲବ ସହଯୋଗରେ ମ୍ୟାଟରେ ଅନୁଷ୍ଠିତ ହେବାକୁ ଯାଉଛି ବୋଲି କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କ ଠାରୁ ପ୍ରକାଶ । ଏହି ମନୋନୟନ ଶିବିରରେ ମ୍ୟାଟର ବ୍ୟବହାର ହେବାର କାର୍ଯ୍ୟକ୍ରମ ଥିବାରୁ ସମସ୍ତ ଇଚ୍ଛୁକ ପ୍ରତିଯୋଗୀ ମାନେ ମ୍ୟାଟ ଜୋତା ସାଙ୍ଗରେ ନେଇ ଆସିବାକୁ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ କୁହାଯାଇଛି । ଜିଲ୍ଲାର ବିଭିନ୍ନ ଅଂଚଳରୁ ଏହି ମନୋନୟନ ଶିବିରରେ ଯୋଗ ଦେବାକୁ ଚାହୁଁଥିବା ଖେଳାଳିମାନେ ୪ଟି ପାସପୋର୍ଟ ସାଇଜ ଫୋଟ ଏବଂ ଅରିଜିନାଲ ଆଧାର କାର୍ଡ ସହ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ୯ ଘଟିକା ପୂର୍ବରୁ ଉପସ୍ଥିତ ରହିବାକୁ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ଅନୁରୋଧ କରାଯାଇଛି । ଜିଲ୍ଲାର କୋଣ ଅନୁକୋଣରୁ ପ୍ରତିଭାବାନ କବାଡି ଖେଳାଳିଙ୍କୁ ଚିହ୍ନଟ କରିବା ସହ କେନ୍ଦୁଝର ଜିଲ୍ଲା ପାଇଁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେବା ଏହି ଚୟନ ଶିବିରର ମୁଖ୍ୟ ଉଦ୍ଦେଶ୍ୟ । ଇଚ୍ଛୁକ କବାଡି ଖେଳାଳି ମାନେ ସବିଶେଷ ବିବରଣୀ ପାଇଁ ମୁଖ୍ୟ ଚୟନକର୍ତ୍ତା ତଥା ଚୟନ ଶିବିରର ସଂଯୋଜକ ପ୍ରକାଶ କୁମାର ବେଜ ଫୋନ ୯୦୭୮୧୨୦୭୬୭ ଙ୍କ ସହ ଯୋଗାଯୋଗ କରିବା ନିମନ୍ତେ ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କ ଠାରୁ ପ୍ରକାଶ ।

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ସହ ହତ୍ୟା ଅଭିଯୋଗ

ସୁନ୍ଦରଗଡ଼ : ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ବିଶ୍ରା ଥାନା ଅଂଚଳରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ ଏବଂ ପ୍ରମାଣ ନଷ୍ଟ କରିବା ପାଇଁ ପରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ମୃତ ଛାତ୍ରୀଙ୍କ ବାପା । ଏ ସଂକ୍ରାନ୍ତରେ ମୃତ ଛାତ୍ରୀଙ୍କ ବାପା ବିଶ୍ରା ଥାନରେ ଏତଲା କରିଛନ୍ତି । ଏତଲାକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ଗୁରୁବାର ସ୍କୁଲକୁ ଯାଇ ଫେରିବା ପରେ ବାପାଙ୍କ ଔଷଧ ଆଣିବାକୁ ଯାଉଛି ବୋଲି କହି ଘରୁ ପଦାକୁ ଯାଇଥିଲେ । ତେବେ ସେ ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକ ଚାରିଆଡେ ଖୋଜାଖୋଜି କରିଥିଲେ ଏବଂ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୋଲିସ ନିକଟସ୍ଥ ଜଙ୍ଗଲରୁ ଛାତ୍ରୀଙ୍କୁ ମୁର୍ମୂଷୁ ଅବସ୍ଥାରେ ଠାବ କରିଥିଲା । ପରେ ତାଙ୍କର ମୃତ୍ୟୁ ଘଟିଛି । ନାବାଳିକାଙ୍କୁ ଦୁଷ୍କର୍ମ ପରେ ବିଷ ପିଆଇ ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି ।

# ଜିଏମ୍‌ୟୁ କ୍ୟାମ୍ପସ୍ କମିଟି ଗଠିତ

ସମ୍ବଲପୁର: ସ୍ଥାନୀୟ ସାମ୍ବାଦିକ ଭବନରେ ଆଜି ପ୍ରୋଗ୍ରେସିଭ ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜି.ଏମ.ୟୁ )ରେ +୩ ଓ +୨ କ୍ୟାମ୍ପସ କମିଟି ଘୋଷଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାରେ ନବନିଯୁକ୍ତ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରୋଗ୍ରେସିଭ ଜିଏମୟୁ ସହ ଆବାହକ ଚୁମନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ପ୍ରୋଗ୍ରେସିବ ସମ୍ବଲପୁରର ଆବାହକ ସଞ୍ଜିତ ମହାନ୍ତି ସମ୍ବଲପୁର ଓ ଜିଏମୟୁ ମଧ୍ୟରେ ଧର୍ମ ନିରପେକ୍ଷତା, ନାରୀ ସାଧିନତା, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମାଜ ଗଠନ, ଶିକ୍ଷା ବ୍ୟବସ୍ଥାର ଉନ୍ନତି, ବିଶ୍ୱ ବିଦ୍ୟାଳୟର ସମସ୍ୟା ସମାଧାନ ଓ ରାଜ୍ୟ ସ୍ତରୀୟ, ଜାତୀୟ ସ୍ତରୀୟ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ ।

ଘୋଷଣା ଅନୁଯାୟୀ +୩ କମିଟିର ସଭାପତି ଭାବେ ଅଂଶୁମାନ ସାହୁ ଓ କାର୍ଯ୍ୟକାରୀ ସଭାପତି ଭାବେ ପ୍ରିୟାଂଶୁ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି । ସତ୍ୟମ ପୁଜାରୀ ଓ କିସମତ ପାଣ୍ଡେ ଉପ ସଭାପତି, ଶିବୁପ୍ରସାଦ ଦୀପ, ଅମିୟ ବାରିକ ଓ ମୋନାଲିସା ନାହାକଙ୍କୁ ସାଧାରଣ ସମ୍ପାଦକ ଘୋଷଣା ହୋଇଛି । ସୁବ୍ରତ ମିରିଗ, ପ୍ରତୀକ ବେହେରା ଓ ଆଦର୍ଶ କୁମାର ବାଗଙ୍କୁ ସହାୟକ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇ ଥିବାବେଳେ ଆଇ.ଟି. ସଂଯୋଜକ ଭାବରେ ଆଶିଷ ମେହେରଙ୍କୁ ଏବଂ+୨ କମିଟିରେ ଶିବୁ ସେଠ ସଭାପତି, ତ୍ରିଲୋଚନ ମହାଣ୍ଡା ଓ ହର୍ଷ ବର୍ଦ୍ଧନ ଜେନା କାର୍ଯ୍ୟକାରୀ ସଭାପତି, ଆୟୁଷ ମାଝି ଓ ରାହୁଲ ଭୋଇଙ୍କୁ ଉପ ସଭାପତି ନିଯୁକ୍ତ କରାଯାଇଛି । ସମୀର ପ୍ରଧାନ, ସଂଗ୍ରାମ ସିଂହ ଓ ସୁବ୍ରତ ରୋହିଦାସଙ୍କୁ ସାଧାରଣ ସମ୍ପାଦକ ଏବଂ ସତିକ ସାହୁ, ଆଶିଷ ହାତୀ ଓ ସୁପ୍ରୀତ ସାହୁଙ୍କୁ ସହାୟକ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି ।

# ଧାନମଣ୍ଡି ଅବ୍ୟବସ୍ଥା

## ରାଜରାସ୍ତାରେ ଧାନ ପକାଇ ଚାଷୀଙ୍କ ପ୍ରତିବାଦ

ମାଲକାନଗିରି : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଲୁଗେଲ ପଞ୍ଚାୟତ ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି । ଏହାକୁ ନେଇ ରାଜରାସ୍ତାରେ ଧାନ ପକାଇ ଚାଷୀମାନେ ପ୍ରତିବାଦ କରିଛନ୍ତି । କାଲିମେଳାରୁ ମୋଟୁକୁ ସଂଯୋଗ କରିଥିବା ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କଲେ ଶହ ଶହ ଚାଷୀ । ମଣ୍ଡି ଅଚଳାବସ୍ଥାକୁ ନେଇ ରାଜରାସ୍ତାରେ ଦେଖିବାକୁ ମିଳିଛି ଏଭଳି ପ୍ରତିବାଦ । ମଣ୍ଡିରେ ବିକ୍ରି ହୋଇପାରୁନି ଧାନ । ଶୀତ କାକରରେ ଉଜାଗର ହୋଇ ଧାନ ବିକ୍ରି ଅପେକ୍ଷାରେ ଚାଷୀ । ଆରମ୍ଭରୁ ଝୁଂଟୁଛି ମଣ୍ଡି । ଗୋଟିଏ ଦୁଇଟି ସ୍ଥାନ ନୁହେଁ, କାଲିମେଳା ବ୍ଲକର ବିଭିନ୍ନ ମଣ୍ଡିରେ ଚରମ ବିଶୃଙ୍ଖଳା ହେଉଥିବାର ଅଭିଯୋଗ ହୋଇଛି । ଚଳିତବର୍ଷ ଗୋଟିଏ ବି ମଣ୍ଡି ସଠିକ ଢଙ୍ଗରେ ଚାଲୁନଥିବା ଚାଷୀ ଅଭିଯୋଗ କରିଛନ୍ତି । ଧାନ ବିକା ଏବେ ଚାଷୀଙ୍କ ପାଇଁ ଯନ୍ତ୍ରଣା ପାଲଟିଛି । କେତେବେଳେ ଟୋକନ୍ ମିଳୁନି ତ ଆଉ କେତେବେଳେ ମଣ୍ଡି ଖୋଲୁନି । ଆଉ ଯେଉଁଠି ମଣ୍ଡି ଖୋଲିଛି, ସେଠୁ ଧାନ ଉଠୁନି । ଏମିତି ଯାବତୀୟ ସମସ୍ୟା ଦେଇ ଗତି କରୁଛନ୍ତି ଚାଷୀ । ଫଳରେ ଶୁକ୍ରବାର ଲୁଗେଲ ପଞ୍ଚାୟତର ସରପଂଚ ସୁରେଶ ସନ୍ଧି ଓ ସ୍ଥାନୀୟ ଚାଷୀ କାଲିମେଳାରୁ ମୋଟୁକୁ ସଂଯୋଗ କରିଥିବା ମୁଖ୍ୟରାସ୍ତା ଅବରୋଧ କରିଥିଲେ । ଖବରପାଇ ଏମଭି - ୭୯ ପୁଲିସ ଘଟଣାସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସରପଂଚ ଶ୍ରୀ ସନ୍ଧି ଓ ଚାଷୀଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା ।

# ଶିଶୁ ବିବାହ ମୁକ୍ତ ଭାରତ ରଥ ଉଦ୍‌ଘାଟିତ



ଦେବଗଡ଼(ପିପିଏସ୍) : ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ବିଭିନ୍ନ ଗ୍ରାମରେ ଶିଶୁ ବିବାହ ରୋକିବା ପାଇଁ ଏକ ଶକ୍ତିଶାଳୀ ପଦକ୍ଷେପ ଶିଶୁ ବିବାହ ମୁକ୍ତ ଭାରତ ରଥ ଉଦ୍‌ଘାଟନ ହୋଇଛି । ଜିତା ଅନୁଷ୍ଠାନ ଆୟୋଜନରେ ଓ ଜଷ୍ଟ ରାଇଟସ୍ ଫର୍ ଚିଲଡ୍ରେନସ୍ ଏଲାଏନ୍ ସହାୟତାରେ ପରିଚାଳିତ '୧୦୦ ଦିନ ଶିଶୁ ବିବାହ ମୁକ୍ତ ଭାରତ ଅଭିଯାନ' ମାଧ୍ୟମରେ ଦେବଗଡ଼ରେ ଶିଶୁ ବିବାହ ବିରୋଧରେ ଜନଜାଗରଣ ଓ ସମ୍ପ୍ରଦାୟ ସହଯୋଗ ବୃଦ୍ଧି କରାଯିବ । ଏହି ଅଭିଯାନର ଲକ୍ଷ୍ୟ ହେଉଛି ସଚେତନତା ବୃଦ୍ଧି କରିବା, ସାମୁଦାୟିକ ସଚେତନତାକୁ ମଜବୁତ କରିବା ଏବଂ ନିରନ୍ତର ପ୍ରଚାର ଏବଂ ପ୍ରସାର ମାଧ୍ୟମରେ ସାରା ଦେବଗଡ଼ରେ ବାଲ୍ୟବିବାହକୁ ରୋକିବା । ଶିଶୁ ଅଧିକାର ସୁରକ୍ଷା ଦିଗରେ ଏକ ଯାତ୍ରାର ପ୍ରତୀକ ସ୍ୱରୂପ ରଥକୁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଡିସିଡବ୍ଲୁଓ ସୁରତି ପ୍ରଧାନ, ଡିସିପିଓ ରୋମିଓ ମହାପାତ୍ର, ପତାକା ଦେଖାଇବା ସହିତ ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ । ଜିତା ଅନୁଷ୍ଠାନ ର ସମ୍ପାଦିକା ଅନୁପମା ରାଉତ ଓ ଜିଲ୍ଲା ସଂଯୋଜିକା ଉର୍ମି ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଅନୁଷ୍ଠାନର ସୁମନ କୁମାର ସାହୁ ଓ ଅରୁଣ କୁମାର ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସମାବେଶକୁ ସମ୍ବୋଧିତ କରି ମୁଖ୍ୟଅତିଥି ଗୁରୁତ୍ୱାରୋପ କରିଥିଲେ ଯେ, ବାଲ୍ୟବିବାହ କେବଳ ବାଲ୍ୟବିବାହ ନିଷେଧ ଆଇନ ଅନୁଯାୟୀ ଏକ ଅପରାଧ ନୁହେଁ । ବରଂ ଶିଶୁମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦାର ଅଧିକାରର ଏକ ଗମ୍ଭୀର ଉଲ୍ଲଂଘନ । ଏହି ଅବସରରେ, ଜିତାର ସମ୍ପାଦିକା ଅନୁପମା ରାଉତ କହିଥିଲେ, 'ବାଲ୍ୟବିବାହ ଝିଅ ଏବଂ ପୁଅଙ୍କ ଭବିଷ୍ୟତକୁ ନଷ୍ଟ କରିଦିଏ । ଏହି ୧୦୦ ଦିନିଆ ଅଭିଯାନ ମାଧ୍ୟମରେ ଆମେ ଗାଁରୁ ଗାଁ ଭ୍ରମଣ କରିବୁ, ସାମୁଦାୟିକ ଆଲୋଚନା କରିବୁ ଏବଂ ପିତାମାତା, ଶିକ୍ଷକ ଏବଂ ସ୍ଥାନୀୟ ନେତାମାନଙ୍କ ସହିତ 'ବାଲ୍ୟବିବାହକୁ ନା' ଏବଂ 'ଶିକ୍ଷାକୁ ହଁ' କହିବା ପାଇଁ କାମ କରିବୁ ।' ଏହି ଅଭିଯାନ ଆଗାମୀ ୧୦୦ ଦିନ ମଧ୍ୟରେ ୧୦୦ ଟି ଗ୍ରାମରେ ପରିକ୍ରମା କରିବ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶପଥ ଗ୍ରହଣ ରାଲି, ସଚେତନତା ସାମଗ୍ରୀ ବଣ୍ଟନ ଏବଂ ବାଲ୍ୟ ବିବାହ ନିଷେଧ ଅଧିକାରୀ(ସିଏମପିଓ) , ପୁଲିସ ଏବଂ ସ୍ଥାନୀୟ ସଂସ୍ଥା ସହିତ ଜଡିତ ରହି ତଦାରଖ ଏବଂ ରିପୋର୍ଟିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ।

# ପୂର୍ବତଟ ରେଳବାଇ ଆନ୍ତଃବିଭାଗୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

## କ୍ରିକେଟ୍‌ରେ ଅପରେଟିଂ ଦଳ ଚାମ୍ପିଅନ ଓ ଭଲିବଲ୍‌ରେ ବାଣିଜ୍ୟିକ ଦଳ ଚାମ୍ପିଅନ

ସମ୍ବଲପୁର: ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ, ସମ୍ବଲପୁର ସମ୍ବଲପୁରର ରେଳ ନଗରସ୍ଥିତ ରେଳବାଇ ଷ୍ଟାଡିୟମ ପରିସରରେ ଆନ୍ତଃବିଭାଗୀୟ କ୍ରୀଡା ପ୍ରତିଯୋଗିତା-୨୦୨୫ ସଫଳତାର ସହ ସମାପ୍ତ କରିଛି । ସମ୍ବଲପୁର ମଣ୍ଡଳର ସମସ୍ତ ବିଭାଗର ଦଳଗୁଡ଼ିକ ଏହି ବହୁବିଧ କ୍ରୀଡା କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ସମାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ଯୋଗ ଦେଇଥିଲେ । ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା ବିନ୍ଦୁ ଚୌଧରୀ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ବିଭିନ୍ନ ଇଭେଣ୍ଟର ବିଜେତା ଏବଂ ଉପବିଜେତାଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ମାନେ ପୁରସ୍କାର ଏବଂ ଟ୍ରଫି ବଣ୍ଟନ କରିଥିଲେ । ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତାରେ, ଇଞ୍ଜିନିୟରିଂ ଏବଂ ଅପରେଟିଂ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ଇଞ୍ଜିନିୟରିଂ ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ୱିକେଟ୍ ହରାଇ ୧୫୭ ରନ୍ କରିଥିଲା । ଜବାବରେ, ଅପରେଟିଂ ଦଳ ଲକ୍ଷ୍ୟକୁ ସଫଳତାର ସହ ପିଛା କରି ୧୩.୪ ଓଭରରେ ୬ ୱିକେଟ୍ ହରାଇ ୧୫୮ ରନ୍ କରିଥିଲା ଏବଂ ଫାଇନାଲ୍ ମ୍ୟାଚ୍ ୪ ୱିକେଟ୍ ରେ ଜିତିଥିଲା । ଅପରେଟିଂ ଦଳର ଜ୍ଞାନରଞ୍ଜନଙ୍କୁ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି, ସିରିଜର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଏବଂ ସିରିଜ୍ ର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା ଏବଂ ଇଞ୍ଜିନିୟରିଂ ଦଳର ଦିଲୀପ ଭୋଇଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ବୋଲର ଭାବରେ ପୁରସ୍କୃତ କରାଯାଇଥିଲା । ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ, ଆରପିଏଫ୍ ଏବଂ ବାଣିଜ୍ୟିକ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ବାଣିଜ୍ୟିକ ଦଳ ୩-୦ ରେ ବିଜୟୀ ହୋଇଥିଲା । ବାଣିଜ୍ୟିକ ଦଳର ଶ୍ରୀ ରବିଙ୍କୁ ଶ୍ରେଷ୍ଠ ଆଟାକର, ଆରପିଏଫ୍ ର ଚନ୍ଦନ ପ୍ରଧାନଙ୍କୁ ଶ୍ରେଷ୍ଠ ଅଲ୍-ରାଉଣ୍ଡର ଏବଂ ବାଣିଜ୍ୟିକ ଦଳର ସବୁଜ ପ୍ରଧାନଙ୍କୁ ଶ୍ରେଷ୍ଠ ସେଟର୍ ପୁରସ୍କାର ମିଳିଥିଲା । ଲନ୍ ଟେନିସ୍ (ଡବଲ୍ସ)ରେ, ଅଖିଳେଶ ତ୍ରିପାଠି ଏବଂ ମହେନ୍ଦ୍ର ପାଲ ସିଂହ ଫାଇନାଲରେ ତତ୍ୱଦର୍ଶୀ ସାହୁ ଏବଂ ଶରତ କୁମାର ବୁଡାଙ୍କୁ ପରାସ୍ତ କରିଥିଲେ । ବ୍ୟାଡମିଣ୍ଟନ (ଡବଲ୍ସ)ରେ, ଅତନୁ ଚକ୍ରବର୍ତ୍ତୀ ଏବଂ ପ୍ରବୋଧ ପଣ୍ଡା ଫାଇନାଲ ମ୍ୟାଚ ଜିତିଥିଲେ । ପୁରୁଷ ଟେବୁଲ ଟେନିସ୍ (ସିଙ୍ଗଲ୍ସ) ରେ, ମହେନ୍ଦ୍ର ପାଲ ସିଂହ ଟାଇଟଲ ଜିତିଥିଲେ । ମହିଳା କଲ୍ୟାଣ ସଂଗଠନର ବ୍ୟାଡମିଣ୍ଟନ (ଡବଲ୍ସ) ରେ, ନିରଜା ମହାପାତ୍ର ଏବଂ ବିଜୟଲକ୍ଷ୍ମୀ ମେହେର ବିଜେତା ହୋଇଥିଲେ । ମହିଳା କର୍ମଚାରୀଙ୍କ ସ୍ୱତନ୍ତ୍ର ଇଭେଂଟରେ ସୌଭାଗ୍ୟ ସେନାପତି ବେଲୁନ ଏବଂ କପ୍ ଇଭେଂଟରେ ପ୍ରଥମ ସ୍ଥାନ ମାରିଆ କୁଜୁର ଅବଜେକ୍ଟ ଡିଟେକ୍ଟିଂ ଇଭେଂଟରେ ବିଜୟୀ ହୋଇଥିଲେ, ଏବଂ ସତାକ୍ଷୀ ସିହ୍ନା ପଜଲ୍ ସଲଭିଙ୍ଗ ଇଭେଣ୍ଟରେ ପ୍ରଥମ ସ୍ଥାନ ହାସଲ କରିଥିଲେ । ଟୁର୍ଣ୍ଣାମେଣ୍ଟକୁ କ୍ରୀଡା ଅଧିକାରୀ ରିତେଶ ମେହେର ସଫଳତାର ସହିତ ସଂଯୋଜନା କରିଥିଲେ । ଏହି ଅବସରରେ, କ୍ରୀଡା ସଚିବ ଆଲୋକ ରଞ୍ଜନ ପଣ୍ଡା, ସୁବ୍ରତ ଚାନ୍ଦ ଏବଂ ସତ୍ୟବ୍ରତ ସେଠ, ସହକାରୀ ସଚିବ, ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାରର ବହୁ ସଦସ୍ୟ ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମଗୁଡ଼ିକୁ ଦେଖିଥିଲେ ।

# ଖଡ଼ିଆଳ ମହୋତ୍ସବ ଉପଲକ୍ଷେ ଆଲୋଚନାଚକ୍ର

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏମପି ହଲ ଠାରେ ଖଡିଆଳ ମହୋତ୍ସବ -୨୦୨୬ ଉପଲକ୍ଷେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଖଡିଆଳର ବିକାଶ ଭବିଷ୍ୟତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନରେ ଆବଶ୍ୟକ ନେଇ ଆଲୋଚନା ହୋଇଥିଲା । ବୈଠକକୁ ଡଃ. ରାମଚନ୍ଦ୍ର ମିଶ୍ର ସଂଚାଳନ କରିଥିବା ବେଳେ କଲେଜ୍ ଅଧକ୍ଷା ପ୍ରଶାନ୍ତ ପଣ୍ଡା ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ରୂପେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦେଇ ଖଡିଆଳ ମହୋତ୍ସବ ସାଂସ୍କୃତିକ, ବିକାଶ ଓ ବୈଭବର ମହୋତ୍ସବ ହେବାକୁ ଆହ୍ୱାନ କରିଥିଲେ । ଆଲୋଚକ ରୂପେ ଡଃ. ଫଣୀନ୍ଦମ ଦେଓ , ସାମ୍ବାଦିକ ତପନ ଦାଶ ଯୋଗ ଦେଇ ବିଭିନ୍ନ ବିଭାଗର ସମସ୍ୟା ସମାଧାନ ଏବଂ ସମ୍ଭାବନା ନେଇ ଆଲୋଚନା କରିଥିଲେ । ସମୀକ୍ଷକ ରୂପେ ଲୋହିତାକ୍ଷ ଯୋଷୀ ଯୋଗ ଦେଇ ସମୀକ୍ଷା କରିଥିଲେ । ଅଧ୍ୟାପକ ସୁନିଲ ପାଢୀ, ଡଃ.ସୁଶାନ୍ତ ବିଶି, ତରୁଣ ପ୍ରଧାନ, ଅଶ୍ୱିନୀ ପାଢୀ, ରମାକାନ୍ତ ସିଂ ଯୋଗ ଦେଇଥିଲେ । ଖଡିଆଳ ରାଜା ଜିତାମିତ୍ର ସିଂ ଦେଓଙ୍କ ନାମରେ ଜିଲା ସଂଗ୍ରାହଳୟକୁ ନାମିତ କରିବା ପ୍ରୟାସ କରିବାକୁ ଆହ୍ୱାନ କରାଯାଇଥିଲା । ଜିତାମିତ୍ର ଓ ଖଡିଆଳ ସାହିତ୍ୟ ସମିତିର ସମସ୍ତ ଲେଖାକୁ ପ୍ରକାଶନ କରିବାକୁ ବିଧାୟକ ପ୍ରସ୍ତାବ ଦେଇଥିଲେ । ଆଲୋଚିତ ବିଷୟ ମଧ୍ୟରୁ ଖଡିଆଳକୁ ଉପଖଣ୍ଡ ମାନ୍ୟତା, ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ଭଣ୍ଡାର, ସ୍ତ୍ରୀ ପ୍ରସୂତି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଓ ଅନ୍ୟାନ୍ୟ ବିଭାଗ ଡ଼ାକ୍ତର ନିଯୁକ୍ତି ନେଇ ଆଲୋଚନା ହୋଇଥିଲା । ଏହାସହ ଖଡିଆଳ ଠାରେ ରେଳପଥ ନିର୍ମାଣ, ରେଳପଥ ପାଇଁ ୧୯୪୩ ମସିହାରେ ବି ଏନ୍ ଆର ସର୍ଭେ କରିଥିବା ବେଳେ ୨୦୦୮-୦୯ ରେଳ ବଜେଟରେ ପୁନଃ ସର୍ଭେ ହୋଇଥିଲା । ୨୦୧୬ ମସିହାରେ ସରକାରଙ୍କ ବ୍ଲୁବୁକରେ ରହିଅଛି । ରେଳ ପଥ ନିର୍ମାଣ ନେଇ ଉଦ୍ରାଚଲମ୍ ରୁ କଂଟାବାଞ୍ଜି ୬୧୬ କିଲୋମିଟର ହେବା ଦ୍ୱାରା କେନ୍ଦ୍ରୀୟ ଜନଜାତି ଗୌରବ କରିଡ଼ର ବୃଦ୍ଧି ହୋଇ ତିନି ରାଜ୍ୟକୁ ଗମନାଗମନରେ ସଂଯୋଗ କରିବ । ଖଡିଆଳକୁ ଏକ ଜାତୀୟ ରାଜପଥ ଆବଶ୍ୟକ ରହିଅଛି । ପୂର୍ବରୁ ପଶ୍ଚିମକୁ ଉତର ଓ ଦକ୍ଷିଣ ପାଇଁ ବଲାଙ୍ଗୀରରୁ ଖଡିଆଳ ସିନାପାଲି ଦେଇ ଗରିଆବନ୍ଧ ନାନ୍ଦେଡ଼କୁ ରାଜପଥ ସଂଯୋଗ କରିବ । କୃଷିର ବିକାଶ ସହ ବିକଶିତ କୃଷି ପାଇଁ ଖଡିଆଳ ଠାରେ କୃଷି ବିଜ୍ଞାନ କେନ୍ଦ୍ର, ଖଡିଆଳ ଠାରେ ଏକ ଅତ୍ୟାଧୁନିକ କନଫରେନ୍ସ ହଲ, ଖଡିଆଳ ସହରରେ ଅତିଥି ଅଭ୍ୟର୍ଥନା ପାଇଁ ଏକ ପାନ୍ଥଶାଳା, ଖଡିଆଳ ଜାତୀୟ ବାଇପାସ ନିର୍ମାଣ କରି ନୂତନ ଖଡିଆଳ ନିର୍ମାଣ, ଫୋର ୱେ ନିର୍ମାଣ, ଖଡିଆଳ ଠାରେ ଫିସରି କଲେଜ୍ ନିର୍ମାଣ କରିବା ଦାବୀ ଉପସ୍ଥାପିତ ହୋଇଅଛି । ମନ୍ତ୍ରୀ ମଧ୍ୟ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ସଭାରେ ଯୁକ୍ତ ଦୁଇ ଅଧକ୍ଷ ରଣବୀର ସିଂ, ବିଜୟ କୁମାର ବାବୁ ମଂଚାସିନ ହୋଇଥିଲେ । ଆଇନଜିବୀ ରାମ ବେହେରା ଧନ୍ୟବାଦ ଦେଇଥିଲେ । ମହୋତ୍ସବ ପାଳନ କମିଟି ପକ୍ଷରୁ ବୈଠାରୁ, ଝରାମଣୀ, ରାଜେଶ ପ୍ରମୁଖ ଯୋଗ ଦେଇଥିଲେ ।






# ୨୩୮୦୦ ସରକାରୀ ପଦବୀ ପାଇଁ ମୁଖ୍ୟମନ୍ତ୍ରୀ କଲେ ନିଯୁକ୍ତି ଘୋଷଣା

ନୂଆଦିଲ୍ଲୀ : ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୧.୨୭ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଅବଦୁଲ୍ଲା କହିଛନ୍ତି ଯେ ଏହି ଆର୍ଥିକ ଯୋଜନା କେନ୍ଦ୍ରଶାସିତ ଅଞ୍ଚଳରେ ସ୍ଥାୟୀ ଅଭିବୃଦ୍ଧି, ସାମାଜିକ ସଦ୍ଭାବ ଏବଂ ଆର୍ଥିକ ସମୃଦ୍ଧି ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବା ଲକ୍ଷ୍ୟ ରଖିଛି । ସେ କହିଛନ୍ତି ଯେ ତାଙ୍କ ସରକାର ନିବେଶ, ନବସୃଜନ ଏବଂ ଅଂଶଗ୍ରହଣମୂଳକ ଶାସନକୁ ପ୍ରୋତ୍ସାହିତ କରି ଜମ୍ମୁ କଶ୍ମୀରକୁ ଏକ ଆଧୁନିକ, ପ୍ରଗତିଶୀଳ ଏବଂ ଆର୍ଥିକ ଦୃଷ୍ଟିରୁ ସକ୍ରିୟ ଅଞ୍ଚଳରେ ପରିଣତ କରିବାକୁ ପ୍ରତିବଦ୍ଧ । ଏହା ସହିତ, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ୨୦୨୬-୨୭ ବଜେଟରେ ୨୩,୮୦୦ ସରକାରୀ ପଦବୀ ପାଇଁ ଦ୍ରୁତ ନିଯୁକ୍ତି ଘୋଷଣା କରିଛନ୍ତି, ଯାହା ବେକାର ଯୁବତୀଯୁବକଙ୍କ ମୁହଁରେ ହସ ଫୁଟାଇଛି । ଏହି ଘୋଷଣା କେବଳ ନିଯୁକ୍ତିର ଦ୍ୱାର ଖୋଲିନାହିଁ ବରଂ ରାଜ୍ୟରେ ଏକ ସ୍ୱଚ୍ଛ ଏବଂ ସମୟୋଚିତ ନିଯୁକ୍ତି ପ୍ରକ୍ରିୟା ପାଇଁ ଆଶା ସୃଷ୍ଟି କରିଛି ।



ମୁଖ୍ୟମନ୍ତ୍ରୀ ତାଙ୍କ ବଜେଟ୍ ଭାଷଣରେ ସ୍ପଷ୍ଟ ଭାବରେ କହିଥିଲେ ଯେ ୨,୮୦୦ ଗେଜେଟେଡ୍, ୧୪,୦୦୦ଅଣ-ଗେଜେଟେଡ୍ ଏବଂ ୭,୦୦୦ ଶ୍ରେଣୀ-ଓ୦ (ଚତୁର୍ଥ ଶ୍ରେଣୀ) ପଦବୀ ସମୟସୀମା ମଧ୍ୟରେ ପୂରଣ କରାଯିବ। ଏହି ନିଯୁକ୍ତି ଔକଝଝଇ ଏବଂ ଔକଚଝଉ ଭଳି ଏଜେନ୍ସି ମାଧ୍ୟମରେ ଯୋଗ୍ୟତା ଆଧାରିତ ଏବଂ ସ୍ୱଚ୍ଛ ଉପାୟରେ କରାଯିବ।

# ଆମେରିକା ସହିତ ବାଣିଜ୍ୟ ଚୁକ୍ତି ପରେ କ'ଣ ହେବ ଶସ୍ତା

ନୂଆଦିଲ୍ଲୀ/ୱାଶିଂଟନ : ଶନିବାର ଭାରତ ଏବଂ ଆମେରିକା ମଧ୍ୟରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା ପରେ, କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଏହାକୁ ଉଭୟ ଦେଶର ସ୍ୱାର୍ଥ ପାଇଁ ଏକ ପ୍ରମୁଖ ଚୁକ୍ତି ବୋଲି ବର୍ଣ୍ଣନା କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଆମେରିକା ପଡ଼ୋଶୀ ଚାଇନା ଉପରେ ୩୫% ଏବଂ ବାଂଲାଦେଶ ଉପରେ ୨୦% ଶୁଳ୍କ ଲାଗୁ କରିଛି, ଯେତେବେଳେ ଭାରତ ଉପରେ କେବଳ ୧୮% ଶୁଳ୍କ ଲାଗୁ କରିବ। ପୀୟୁଷ ଗୋୟଲ କହିଛନ୍ତି ଯେ ଏପରି ଅନେକ ସାମଗ୍ରୀ ଅଛି ଯାହା ଉପରେ ଆମେରିକା କୌଣସି ଶୁଳ୍କ ଲାଗୁ କରିବ ନାହିଁ। ଏହି ଚୁକ୍ତିନାମା ଅନୁଯାୟୀ, ଆମେରିକା ଜେନେରିକ ଔଷଧ, ମଣି, ହୀରା ଏବଂ ବିମାନ ପାର୍ଟସ୍ ଭଳି କିଛି ଭାରତୀୟ ରପ୍ତାନି ଉପରେ ଏହି ଶୁଳ୍କ ହଟାଇ ଦେବ। ସେ କହିଛନ୍ତି ଯେ ସର୍ବାଧିକ ପସନ୍ଦିତ ଶୁଳ୍କ ସହିତ ଆମର ରପ୍ତାନିକାରୀଙ୍କ ପାଇଁ ୩୦ ଟ୍ରିଲିୟନ ଡଲାର ଅର୍ଥନୀତି ଖୋଲିବ। ଶୁକ୍ରବାର ବିଳମ୍ବିତ ରାତିରେ ଭାରତ ଏବଂ ଆମେରିକା ମଧ୍ୟରେ ଚୂଡ଼ାନ୍ତ ହୋଇଥିବା ମିଳିତ ବିବୃତ୍ତିକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରାଯାଇଥିଲା ଏବଂ ଏହାକୁ ବ୍ୟାପକ ଭାବରେ ସ୍ୱାଗତ କରାଯାଇଛି। ଗୋୟଲ କହିଛନ୍ତି ଯେ ଏହି ଦିନଟି ଭାରତର ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲେଖାଯିବ।



କେନ୍ଦ୍ର ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ ଆଜି ଏକ ବିକଶିତ ଭାରତ ୨୦୪୭ ପଥରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ଫେବୃଆରୀ ୨୦୨୫ରେ ଆରମ୍ଭ ହୋଇଥିଲା ଯାହାର ଲକ୍ଷ୍ୟ ଥିଲା ବାର୍ଷିକ ୫୦୦ ବିଲିୟନ ରପ୍ତାନି କାରବାର ହାସଲ କରିବା। ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ସହିତ ଏକ ମହାନ, ଦୂରଦୃଷ୍ଟିପୂର୍ଣ୍ଣ ଦୃଷ୍ଟିକୋଣ ଉପସ୍ଥାପନ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏହି ଚୁକ୍ତି ଭାରତୀୟ ରପ୍ତାନିକାରୀ, ବିଶେଷକରି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ପାଇଁ ସୁଯୋଗ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ, ଅନେକ ପ୍ରମୁଖ ସାମଗ୍ରୀ ଆମେରିକାକୁ ରପ୍ତାନି ଉପରେ ଶୁଳ୍କ ମୁକ୍ତ କରାଯିବ। ମଣି ଏବଂ ଅଳଙ୍କାର, ଏବଂ ଔଷଧ ଉତ୍ପାଦ, ଏବେ ଶୁଳ୍କ ମୁକ୍ତ ପ୍ରବେଶ ପାଇବେ, ଯାହା ଭାରତର ରପ୍ତାନି ପ୍ରତିଯୋଗିତାକୁ ବୃଦ୍ଧି କରିବ ଏବଂ ମେକ ଇନ ଇଣ୍ଡିଆକୁ ସମର୍ଥନ କରିବ। ପୀୟୁଷ ଗୋୟଲ କହିଛନ୍ତି ଯେ ହୀରା, ଔଷଧ, କଫି, ଆମ୍ବ ଏବଂ ଅନ୍ୟାନ୍ୟ ଅନେକ ସାମଗ୍ରୀ ଆମେରିକାକୁ ଶୁଳ୍କ ମୁକ୍ତ ରପ୍ତାନି କରାଯିବ। ଅନେକ ଭାରତୀୟ କୃଷି ଉତ୍ପାଦ ଏବେ କୌଣସି ଶୁଳ୍କ ବିନା ଆମେରିକାକୁ ରପ୍ତାନି କରାଯାଇପାରିବ। ଏଥିରେ ଚା, ମସଲା, ନଡ଼ିଆ ତେଲ, ପନିପରିବା ମହମ, ପାନ, ବ୍ରାଜିଲ ବାଦାମ ଏବଂ ବିଭିନ୍ନ ପ୍ରକାରର ଫଳ ଏବଂ ପନିପରିବା ଅନ୍ତର୍ଭୁକ୍ତ। ପୀୟୁଷ ଗୋୟଲଙ୍କ ଅନୁଯାୟୀ, ପନିପରିବା ମୂଳ, ଶସ୍ୟ, ଯବ, ବେକେରୀ ଉତ୍ପାଦ, କୋକୋ ଉତ୍ପାଦ, ତିଳ ବିହନ, ପୋସ୍ତ ବିହନ ଏବଂ ସାଇଟ୍ରସ ଫଳ ରସ ମଧ୍ୟ ପାରସ୍ପରିକ ଶୁଳ୍କରୁ ମୁକ୍ତ ରହିବ ଏବଂ ଏବେ ଆମେରିକୀୟ ବଜାରରେ ଶୁଳ୍କ ମୁକ୍ତ ହେବ।

# ବିଏନ୍‌ପିର ଇସ୍ତାହାର ପ୍ରକାଶ କଲେ ତାରିକ

ଢାକା: ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍ପି) ପକ୍ଷରୁ ଫେବ୍ରୁଆରି ୧୨ ସାଧାରଣ ନିର୍ବାଚନ ପାଇଁ ଇସ୍ତାହାର ପ୍ରକାଶ କରାଯାଇଛି। ପାର୍ଟି ମୁଖ୍ୟ ତାରିକ ରହମାନ ଏହାକୁ ପ୍ରକାଶ କରିଛନ୍ତି। ଏହା ବିଶେଷ ଭାବରେ ଅର୍ଥନୀତି, ବୈଦେଶିକ ନୀତି, ପ୍ରତିରକ୍ଷା ନୀତି ଓ ଆଇନ ଶୃଙ୍ଖଳା ଉପରେ ଉଲ୍ଲେଖ କରିଛି। ବାଂଲାଦେଶର ବର୍ତ୍ତମାନର ନିର୍ବାଚନରେ ପ୍ରମୁଖ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ତାରିକ ଭାରତ ସହିତ ଏକ ସ୍ଥିର ସମ୍ପର୍କ ଓ ବିଶେଷକରି ଜଳ ବଣ୍ଟନ ସମସ୍ୟାର ସମାଧାନ ପାଇଁ ଆହ୍ୱାନ ଦେଇଛନ୍ତି। ତାରିକ ରହମାନ କହିଛନ୍ତି, ଯଦି ବିଏନ୍ପି ବାଂଲାଦେଶରେ ପୁଣି କ୍ଷମତାକୁ ଆସିବ, ତେବେ ପ୍ରଥମ ପ୍ରାଥମିକତା ହେବ ମଧ୍ୟବିତ୍ତ ବର୍ଗ ପାଇଁ ନିଯୁକ୍ତି ସୃଷ୍ଟି କରିବା ଓ ଋଣ-ନିର୍ଭରଶୀଳ ଅର୍ଥନୀତିକୁ ଏକ ନିବେଶ-ଚାଳିତ ଅର୍ଥନୀତିରେ ପରିଣତ କରିବା। ଆମ ସରକାର ୨୦୩୪ ସୁଦ୍ଧା ୧ ଟ୍ରିଲିୟନ ଡଲାର ଅର୍ଥନୀତି ସୃଷ୍ଟି କରି ବାଂଲାଦେଶକୁ ଏକ ଉଚ୍ଚ-ମଧ୍ୟମ ଆୟକାରୀ ଦେଶରେ ପରିଣତ କରିବ। ମତଦାନର ପାଞ୍ଚ ଦିନ ପୂର୍ବରୁ ପ୍ରକାଶିତ ନିର୍ବାଚନୀ ଇସ୍ତାହାରରେ, ବିଏନ୍ପି ବାଂଲାଦେଶକୁ ଏକ ଆଧୁନିକ, ଗଣତାନ୍ତ୍ରିକ, ଉଚ୍ଚ-ମଧ୍ୟମ ଆୟକାରୀ ଦେଶରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ କୁହାଯାଇଛି, ବାଂଲାଦେଶର ଅର୍ଥନୈତିକ ପରିବର୍ତ୍ତନ କୌଣସି ଗୋଷ୍ଠୀର ସୁବିଧା ଉପରେ ନୁହେଁ ବରଂ ପ୍ରତ୍ୟେକ ନାଗରିକଙ୍କ ଉତ୍ପାଦନ ଶକ୍ତି ଉପରେ ଆଧାରିତ ହେବ।

ତାଙ୍କ ଭାଷଣରେ, ତାରିକ ରହମାନ କହିଛନ୍ତି, ଆମେ ଉଚ୍ଚଗର୍ବର ସଂରଚନାକୁ ଭାଙ୍ଗିବାକୁ ଚାହୁଁଛୁ। ଆମେ ଏପରି ଏକ ବ୍ୟବସ୍ଥା ସୃଷ୍ଟି କରିବୁ ଯେଉଁଠାରେ ସମସ୍ତେ ସେମାନଙ୍କର ଅଧିକାର ପାଇବେ। ଆମ ଦେଶ କେବଳ ସେତେବେଳେ ପ୍ରକୃତ ଆର୍ଥିକ ବିକାଶ ହାସଲ କରିବ ଯେତେବେଳେ ଦେଶର ମଧ୍ୟବିତ୍ତ ବର୍ଗଙ୍କ ବିକାଶ ହେବ। ବାଂଲାଦେଶର ମଧ୍ୟବିତ୍ତ ବର୍ଗ ପ୍ରାୟ ଲୋପ ପାଇଗଲାଣି। ଆମେ ସେମାନଙ୍କୁ ମୁଖ୍ୟଧାରାକୁ ଫେରାଇ ଆଣିବୁ। ବିଏନ୍ପି ଇସ୍ତାହାରରେ କହିଛି, ଆମେ ଆମର ବୈଦେଶିକ ନୀତିରେ ବାଂଲାଦେଶ ପ୍ରଥମ ରଣନୀତି ଗ୍ରହଣ କରିବୁ। ବିଏନ୍ପି ବାଂଲାଦେଶ ସୀମା ବାହାର ଦେଶଗୁଡ଼ିକୁ ମାଲିକ ନୁହେଁ, ବନ୍ଧୁ ବୋଲି ବିବେଚନା କରେ। ବାଂଲାଦେଶର ସାର୍ବଭୌମତ୍ୱ ଓ ଜାତୀୟ ସୁରକ୍ଷାକୁ ବୈଦେଶିକ ନୀତିରେ ପ୍ରାଥମିକତା ଦିଆଯିବ। ଏହା ବାଂଲାଦେଶକୁ ବିଶ୍ୱରେ ଏକ ସ୍ୱାଭିମାନୀ, ସକ୍ରିୟ ଓ ଦାୟିତ୍ୱପୂର୍ଣ୍ଣ ସ୍ଥାନ ଦେବ।

ଭାରତକୁ ଉଲ୍ଲେଖ କରି ତାରିକ ରହମାନ କହିଛନ୍ତି ଯେ, ପଦ୍ମା, ତିସ୍ତା ଓ ଅନ୍ୟାନ୍ୟ ନଦୀ ସହ ଜଡିତ ପ୍ରସଙ୍ଗଗୁଡ଼ିକୁ ପ୍ରାଥମିକତା ଦିଆଯିବ। ଆମେ ଏହି ନଦୀଗୁଡ଼ିକର ଜଳର ନ୍ୟାଯ୍ୟ ଅଂଶ ସୁରକ୍ଷିତ କରିବା ପାଇଁ କାମ କରିବୁ। ଆମେ ନିରନ୍ତର ଆଲୋଚନା ମାଧ୍ୟମରେ ଜଳ ବଣ୍ଟନ ସମସ୍ୟାର ସମାଧାନ କରିବାକୁ ଚାହୁଁଛୁ। ମୁଁ ଚାହୁଁଛି ଯେ, ମୋ ଦେଶର ଲୋକମାନେ ଏହି ନଦୀଗୁଡ଼ିକର ଜଳର ନ୍ୟାଯ୍ୟ ଅଂଶ ପାଆନ୍ତୁ।

# ସହିଦଙ୍କ ପରିବାରକୁ ସରକାର ଦେବେ ଗୋଟିଏ ଏକର ଜମି

ପାଟନା : ବିହାରର ନୀତିଶ କୁମାର ସରକାର ଦେଶ ସେବାରେ ସର୍ବୋଚ୍ଚ ବଳିଦାନ ଦେଇଥିବା ସୈନିକଙ୍କ ପରିବାର ପାଇଁ ଏକ ବଡ଼ ଘୋଷଣା କରିଛନ୍ତି । ରାଜସ୍ୱ ଏବଂ ଭୂମି ସଂସ୍କାର ବିଭାଗ ସହିଦ ସୈନିକଙ୍କ ଆଶ୍ରିତମାନଙ୍କୁ ସରକାରୀ ଜମି ବଣ୍ଟନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିଛି । ଉପମୁଖ୍ୟମନ୍ତ୍ରୀ ଏବଂ ଭୂମି ରାଜସ୍ୱ ମନ୍ତ୍ରୀ ବିଜୟ କୁମାର ସିହ୍ନା କହିଛନ୍ତି ଯେ, ରାଜ୍ୟ ସରକାର ସାହସୀ ସହିଦଙ୍କ ପରିବାର ପ୍ରତି କୃତଜ୍ଞ ଏବଂ ସେମାନଙ୍କ ସମ୍ମାନ ଆମର ପ୍ରାଥମିକତା । ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସହିଦଙ୍କ ପରିବାରକୁ ସେମାନଙ୍କ ଜିଲ୍ଲାରେ ସମ୍ମାନଜନକ ଜୀବନଯାପନ ପାଇଁ ସମ୍ବଳ ଉପଲବ୍ଧ କରାଇବା। ଏଥିପାଇଁ ବିଭାଗ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛି । କେବଳ ସେନା ନୁହେଁ, ଯୁଦ୍ଧ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଅନ୍ୟ ବାହିନୀକୁ ମଧ୍ୟ ବିହାର



ସରକାର ଏହି ସୁବିଧା ଯୋଗାଇବେ । ଯେପରିକି ସୀମା ସୁରକ୍ଷା ବାହିନୀ, ବିହାର ସାମରିକ ପୁଲିସ, ଆଞ୍ଚଳିକ ସେନା, କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ, ସୀମାନ୍ତ ସ୍କାଉଟ୍ସ, ବିଆରଏଫ, ସାର୍ବଜନୀନ ସହାୟକ ସେବା, ଏନସିସି, ହୋମଗାର୍ଡ, ଆସାମ ରାଇଫଲ୍ସ । ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଏହି ସୁବିଧାଗୁଡ଼ିକ ପାଖାପାଖି ୬ ମାସ ପାଇଁ ସେବା କରିଥିବା ଏବଂ ଯୁଦ୍ଧରେ ମୃତ୍ୟୁ ହୋଇଥିବା ସୈନିକଙ୍କ ଆଶ୍ରିତ ପରିବାର ପାଇଁ ଉପଲବ୍ଧ ହେବ । ହିତାଧିକାରୀ ବିହାରର ସ୍ଥାୟୀ ବାସିନ୍ଦା ହେବା ଆବଶ୍ୟକ । ନୌସେନା, ସୈନିକ ଏବଂ ବାୟୁସେନା ବୋର୍ଡର ସୁପାରିଶ ଏବଂ ସନ୍ତୋଷଜନକ ସେବାର ପ୍ରମାଣପତ୍ର ଆବଶ୍ୟକ । ନିର୍ଭରଶୀଳ ବ୍ୟକ୍ତିଙ୍କ ପାଖରେ ପୂର୍ବରୁ କୌଣସି ବ୍ୟକ୍ତିଗତ ଆବାସିକ ଜମି ନଥିବ । ବସତି ପରେ ପରବର୍ତ୍ତୀ ୫ ବର୍ଷ ପାଇଁ ପରିବାରଠାରୁ କୌଣସି ବାର୍ଷିକ ଭଡ଼ା ନିଆଯିବ ନାହିଁ । ଜିଲ୍ଲା ମାଜିଷ୍ଟ୍ରେଟମାନେ ଜମି ଆବଣ୍ଟନ କରିବାର କ୍ଷମତା ବଜାୟ ରଖିବେ, ଯାହା କେବଳ ଗ୍ରାମାଞ୍ଚଳରେ ବିବାଦମୁକ୍ତ ସରକାରୀ ଜମି ପାଇଁ ପ୍ରଯୁଜ୍ୟ ହେବ । ବିଭାଗ କହିଛି ଯେ, ଆବଣ୍ଟନ ହେବାକୁ ଥିବା ଜମିରେ ଭୂମି ଅନୁଦାନ, କବରସ୍ଥାନ, ଶ୍ମଶାନ ଭୂମି, ଧାର୍ମିକ ସ୍ଥଳ କିମ୍ବା ଅନ୍ୟ କୌଣସି ଆଇନଗତ ବିବାଦ ନଥିବା ଆବଶ୍ୟକ ।

# ଇରାନକୁ ସମର୍ଥନ କରୁଥିବା ଦେଶ ଉପରେ ଟ୍ରମ୍ପ ଖପ୍ପା



ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଜାରି ରହିଛି। ଏହି ପରିପ୍ରେକ୍ଷୀରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୁଦ୍ଧରେ ଆଉ ଏକ କଠୋର ପଦକ୍ଷେପ ନେଇଛନ୍ତି। ସେ ଏକ ନୂତନ ନିର୍ଦ୍ଦେଶ ଜାରି କରିଛନ୍ତି ଯେ ଇରାନ ସହିତ ବାଣିଜ୍ୟ କରୁଥିବା ଦେଶଗୁଡ଼ିକ ଉପରେ ଆମେରିକା ଅତିରିକ୍ତ ଶୁଳ୍କ (ଆମଦାନୀ ଶୁଳ୍କ) ଲାଗୁ କରିବ। ଇରାନ ଉପରେ ଚାପ ପ୍ରୟୋଗ କରିବା ପାଇଁ ଏହି ନିଷ୍ପତ୍ତିକୁ ଆମେରିକାର ରଣନୀତିର ଏକ ଅଂଶ ଭାବରେ ବିବେଚନା କରାଯାଉଛି। ନୂତନ ଆଦେଶ ଅନୁଯାୟୀ, ଯଦି କୌଣସି ଦେଶ ଇରାନରୁ ତେଲ, ଗ୍ୟାସ କିମ୍ବା ଅନ୍ୟାନ୍ୟ ସାମଗ୍ରୀ କିଣେ କିମ୍ବା ତା' ସହିତ ଯେକୌଣସି ପ୍ରକାରର ବାଣିଜ୍ୟ କରେ, ତେବେ ଆମେରିକା ସେହି ଦେଶରୁ ଆସୁଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇପାରିବ। ଟ୍ରମ୍ପ ପ୍ରଶାସନ କହିଛି ଯେ ଏହି ନିଷ୍ପତ୍ତି ଆମେରିକାର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତିକୁ ଧ୍ୟାନରେ ରଖି ନିଆଯାଇଛି। ଆମେରିକା ଅଭିଯୋଗ କରିଛି ଯେ ଇରାନର ନୀତି ମଧ୍ୟପ୍ରାଚ୍ୟରେ ଅସ୍ଥିରତା ବିସ୍ତାର କରୁଛି। ଟ୍ରମ୍ପ ପ୍ରଶାସନ ବିଶ୍ୱାସ କରେ ଯେ ଇରାନ ଉପରେ ଆର୍ଥିକ ଚାପ ପ୍ରୟୋଗ କରିବା ଦ୍ୱାରା ଏହା ତାର କାର୍ଯ୍ୟ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇପାରିବ। ଏହି କାରଣରୁ, ଆମେରିକା ପୂର୍ବରୁ ଇରାନ ଉପରେ ବିଭିନ୍ନ କଟକଣା ଲଗାଇସାରିଛି।

# କାଶ୍ମୀର ରାଜରାସ୍ତାରେ ପାକିସ୍ତାନ ମୁର୍ଦାବାଦ୍ ସ୍ଲୋଗାନ

ଶ୍ରୀନଗର: ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଏକ ସିଆ ମସଜିଦ ବାହାରେ ଜଣେ ଆତଙ୍କବାଦୀ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ଏପର୍ଯ୍ୟନ୍ତ ୬୯ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୭୦ ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ପାକିସ୍ତାନର ତାତି ଭାରତର କାଶ୍ମୀରକୁ ବ୍ୟାପିଛି। କାଶ୍ମୀର ଉପତ୍ୟକାର ଲୋକମାନେ ରାସ୍ତାକୁ ଓହ୍ଲାଇ ଏହି ଆକ୍ରମଣ ବିରୋଧରେ ପ୍ରତିବାଦ କରିଛନ୍ତି। ପ୍ରଦର୍ଶନକାରୀମାନେ ପାକିସ୍ତାନ ମୁର୍ଦାବାଦର ସ୍ଲୋଗାନ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ଆକ୍ରମଣ ଖବର ପ୍ରସାରିତ ହେବା ମାତ୍ରେ ଜମ୍ମୁ-କାଶ୍ମୀରର ଅନେକ ସ୍ଥାନରେ ପ୍ରତିବାଦ ଆରମ୍ଭ ହୋଇଥିଲା। ପ୍ରତିବାଦ କୌଣସି ସଂଗଠନ କିମ୍ବା ରାଜନୈତିକ ଦଳ ଦ୍ୱାରା ଡାକରା ଦିଆଯାଇ ନଥିଲା, ବରଂ ସାଧାରଣ ଜନତାଙ୍କ ସିଧାସଳଖ ପ୍ରତିକ୍ରିୟା ଥିଲା। ଏହି ପ୍ରଦର୍ଶନଗୁଡ଼ିକରେ ସିଆ ସମ୍ପ୍ରଦାୟର ସଦସ୍ୟମାନେ ଖୋଲାଖୋଲି ଭାବରେ ପାକିସ୍ତାନକୁ ବିରୋଧ କରିଥିଲେ। ବାରମୂଳାର ଚନାବାଲ୍ ପଟ୍ଟନ ଓ ଡାଇଭର ପରିହାସପୋରାରେ ଲୋକମାନେ ରାଜରାସ୍ତାକୁ ଓହ୍ଲାଇ କିଛି ସମୟ ପାଇଁ



ଯାତାୟାତ ଅବରୋଧ କରିଥିଲେ। ଶ୍ରୀନଗରର ସିଆ ବହୁଳ ଇମାମାବାରା ଜାଡିବାଲ୍ ଓ ହରୱାନ୍ ଅଞ୍ଚଳରେ ପାକିସ୍ତାନ ସରକାରଙ୍କ ବିରୋଧରେ ଜୋରଦାର ସ୍ଲୋଗାନ ଦିଆଯାଇଥିଲା। ବନ୍ଦିପୋରାର ଇନ୍ଦରକୋଟ-ସୁମ୍ବଲ୍ ଅଞ୍ଚଳରେ, ଆକ୍ରମଣରେ ମୃତ ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ମହମବତୀ ଶୋଭାଯାତ୍ରା କରାଯାଇଥିଲା। ପ୍ରଦର୍ଶନକାରୀମାନେ ବାରମ୍ବାର ପାକିସ୍ତାନ ମୁର୍ଦାବାଦ ଏବଂ ପାକିସ୍ତାନ ସରକାର ମୁର୍ଦାବାଦ ସ୍ଲୋଗାନ ଦେଇଥିଲେ।

ସୂତ୍ର ଅନୁଯାୟୀ, ପାକିସ୍ତାନରେ ମସଜିଦ ଓ ଧାର୍ମିକ ଶୋଭାଯାତ୍ରା ଉପରେ ଆକ୍ରମଣ ଏବେ କାଶ୍ମୀରରେ ନକାରାତ୍ମକ ପ୍ରଭାବ ପକାଉଛି। ଏହି ଘଟଣାଗୁଡ଼ିକ ପୂର୍ବରୁ ପାକିସ୍ତାନ ପ୍ରତି ସହାନୁଭୂତି ସୃଷ୍ଟି କରିଥିଲେ ମଧ୍ୟ, ଏହା ଏବେ ପାକିସ୍ତାନ ବିରୋଧରେ ଅସନ୍ତୋଷକୁ ବୃଦ୍ଧି କରୁଛି। ଲୋକମାନେ ପ୍ରଶ୍ନ କରୁଛନ୍ତି ଯେ, ଯେଉଁ ଦେଶ ନିଜ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେଇପାରୁନାହିଁ, ସେପରିସ୍ଥଳେ ଅନ୍ୟମାନଙ୍କୁ କିପରି ସୁରକ୍ଷା ଦେଇପାରିବ। ପ୍ରତିବାଦ ସୀମା ଆରପାରିରେ ଥିବା ଲୋକଙ୍କ ପାଇଁ ଏକ ଚେତାବନୀ। ଯେଉଁମାନେ କାଶ୍ମୀରରେ ଧାର୍ମିକ ଭାବନାକୁ ଉସ୍କୁଲାଇବାକୁ ଚେଷ୍ଟା କରୁଛନ୍ତି। କାଶ୍ମୀରର ସିଆ ସମ୍ପ୍ରଦାୟ ଏବେ ପାକିସ୍ତାନକୁ ନିଜ ଭବିଷ୍ୟତ ଭାବରେ ଦେଖିବା ପରିବର୍ତ୍ତେ ଅସ୍ଥିରତାର ଉତ୍ସ ଭାବରେ ଦେଖୁଛନ୍ତି।

# ୨୦୦ ବର୍ଷ ପୁରୁଣା ମନ୍ଦିର ଜଳି ହୋଇଗଲା ପାଉଁଶ



ନୂଆଦିଲ୍ଲୀ : ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାର ଭରମୌରରେ ଭୟଙ୍କର ଅଗ୍ନିକାଣ୍ଡ। ଶୁକ୍ରବାର ଖୁନ୍ଦେଲର ଗିରଡ ଗାଁରେ ଥିବା ୨୦୦ ବର୍ଷ ପୁରୁଣା ଗିରଡ ମାତା ମନ୍ଦିରରେ ହଠାତ ନିଆଁ ଲାଗି ଯାଇଥିଲା।ପ୍ରାୟ ଦୁଇ ଶତାବ୍ଦୀ ପୁରୁଣା ଏହି ମନ୍ଦିର ଜଳି ପୋଡି ପାଉଁଶ ହୋଇଯାଇଛି। ଦେବଦାରୁ କାଠରେ ତିଆରି ଏହି ମନ୍ଦିର ମାତ୍ର କିଛି ଘଣ୍ଟାରେ ସମ୍ପୂର୍ଣ୍ଣ ପୋଡି ଯାଇଥିଲା,ଯାହାଫଳରେ ସ୍ଥାନୀୟ ଲୋକଙ୍କ ଆସ୍ଥା ଓ ଆଞ୍ଚଳିକ ସାଂସ୍କୃତିକ ପରିଚୟକୁ ଗଭୀର ଆଘାତ ଲାଗିଥିଲା। ହିମାଚଳର ଦୁର୍ଗମ ଅଞ୍ଚଳରେ ଥିବା ଗିରଡ ମାତା ମନ୍ଦିର ମୂଲ୍ୟବାନ ଦେବଦାରୁ କାଠରେ ତିଆରି ହୋଇଥିଲା। ଏହି କାଠରେ ନିଆଁ ଲାଗିବା ମାତ୍ରେ ତାହା ମାତ୍ର କିଛି ଘଣ୍ଟାରେ ପୋଡି ପାଉଁଶ ହୋଇଯାଇଥିଲା। ସ୍ଥାନୀୟ ଲୋକ ଯେତେବେଳେ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ଉଦ୍ଧାର କରିବା ଚେଷ୍ଟା ଆରମ୍ଭ କରିଥିଲେ, ସେତେବେଳେ ସବୁ କିଛି ଶେଷ ହୋଇ ସାରିଥିଲା। ଲକ୍ଷାଧିକ ଟଙ୍କାର ଆର୍ଥିକ କ୍ଷତି ଘଟିଥିଲା। ଅଗ୍ନିକାଣ୍ଡରେ କେବଳ ମନ୍ଦିର ନୁହେଁ ମୂର୍ତ୍ତି ମଧ୍ୟ କ୍ଷତି ହୋଇଛି। ମନ୍ଦିରରେ ଥିବା ପ୍ରାଚୀନ ଓ ଐତିହାସିକ ଗୁରୁତ୍ୱକୁ ମଧ୍ୟ ଅପୂରଣୀୟ କ୍ଷତି ସହିବାକୁ ପଡିଛି। ମାର୍ବଲ ଓ ଦୁର୍ଲଭ 'ବ୍ଲାକ ଷ୍ଟୋନ୍'ରେ ନିର୍ମିତ ମାତାଙ୍କ ମୂର୍ତ୍ତି ନିଆଁର ପ୍ରକୋପରେ କ୍ଷତିଗ୍ରସ୍ତ ହୋଇଯାଇଛି। ମନ୍ଦିରରେ ଥିବା ପିତ୍ତଳର ପ୍ରାଚୀନ୍ ମୂର୍ତ୍ତି ମଧ୍ୟ ପ୍ରବଳ କ୍ଷୟକ୍ଷତି ହୋଇଛି। ଦେବଦାରୁର କାଠରେ ତିଆରି ଏହି ଦୁର୍ଲଭ ଓ ପ୍ରାଚୀନ କାରୁକାର୍ଯ୍ୟ ଏବେ କେବଳ ସ୍ମୃତିରେ ରହିଯିବ।

# ପୁଟିନଙ୍କ ନୂଆ ଡ୍ରୋନ୍ ସେନା

ମସ୍କୋ/ଲଣ୍ଡନ: ୟୁକ୍ରେନ ଓ ୟୁରୋପ ସହିତ ଉତ୍ତେଜନା ମଧ୍ୟରେ ରୁଷ ନିଜର ବାୟୁ ଶକ୍ତି ବୃଦ୍ଧି କରିବାରେ ଏକ ବଡ଼ ସଫଳତା ହାସଲ କରିଛି। ରୁଷ ଏକ ନୂଆ ଡ୍ରୋନ୍ ଫୋର୍ସ ସୃଷ୍ଟି କରିଛି। ଯାହାକୁ ସମଗ୍ର ବ୍ରିଟିଶ୍ ସେନା ଅପେକ୍ଷା ବଡ଼ ବୋଲି ଦାବି କରାଯାଉଛି। ଭ୍ଲାଦିମିର ପୁଟିନଙ୍କ ଅଜ୍ଞାତ ସିଷ୍ଟମ୍ ଫୋର୍ସରେ ୮୭ ହଜାରସୈନିକ ଅଛନ୍ତି। ଏହି ସମୟରେ ବ୍ରିଟେନର ସାମରିକ ବାହିନୀରେ ୭୦ ହଜାର ସୈନିକ ଅଛନ୍ତି। ବ୍ରିଟେନର ସେନା ସଂଖ୍ୟା ପୁଟିନଙ୍କ ନୂଆ ଡ୍ରୋନ୍ ସେନାଠାରୁ ୧୭ ହଜାର କମ୍। ୟୁକେ ଓ ୟୁରୋପର ପ୍ରତିରକ୍ଷା ବିଶେଷଜ୍ଞମାନେ ଏନେଇ ଚିନ୍ତା ପ୍ରକାଶ କରିଛନ୍ତି। କାରଣ ଏତେ ସଂଖ୍ୟକ ଡ୍ରୋନ୍-ଦକ୍ଷ ସୈନିକ ସମଗ୍ର ୟୁରୋପୀୟ ସଂଘ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରନ୍ତି। ଆମେରିକା-ସ୍ଥିତ ଇନଷ୍ଟିଚ୍ୟୁଟ୍ ଫର୍ ଦି ଷ୍ଟଡି ଅଫ୍ ୱାରରୁ ଉଦ୍ଧୃତ କରି ଦି ସନ୍ ରିପୋର୍ଟ କରିଛି ଯେ, ରୁଷର ମାନବବିହୀନ ସିଷ୍ଟମ୍ ଫୋର୍ସ ଏକ ରେଜିମେଣ୍ଟ, ୨୫ ବାଟାଲିଅନ୍, ଏକ



ଡିଭିଜନ ଓ ତିନୋଟି ଦଳ ଗଠନ କରିଥିବା ଜଣାପଡ଼ିଛି। ମସ୍କୋର ରୁବିକନ୍ ଡ୍ରୋନ୍ ଫୋର୍ସ ବୁର୍ସା-ସାରମାଟ୍ ମାନବହୀନ ସିଷ୍ଟମ୍ ସ୍ପେଶାଲ୍ ସେଣ୍ଟରରେ ବହୁ ସଂଖ୍ୟକ ସୈନିକଙ୍କୁ ରଖିଛି। ଆଧୁନିକ ଯୁଦ୍ଧରେ ଡ୍ରୋନ୍ର ଗୁରୁତ୍ୱକୁ ବିଚାର କରି ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ରୁଷର ନୂତନ ସେନାରେ ୮୭,୦୦୦ରୁ ଅଧିକ ସୈନିକ ଥିବା କୁହାଯାଉଛି। ଏହି ସମୟରେ, ବ୍ରିଟିଶ ସେନାର ସୈନିକ ସଂଖ୍ୟା ଗତ କିଛି ମାସ ମଧ୍ୟରେ ହ୍ରାସ ପାଇଛି, ଯାହା ଏବେ ୭୦,୩୦୦ ସୈନିକଙ୍କୁ ହ୍ରାସ ପାଇଛି। ବ୍ରିଟିଶ୍ ସେନାରେ ପ୍ରାୟ ୨୦୦ ବର୍ଷ ମଧ୍ୟରେ ଏତେ କମ୍ ସୈନିକ ସଂଖ୍ୟା କେବେ ନଥିଲେ। ୧୮୦୩ ପରଠାରୁ ଏହା ସବୁଠାରୁ କମ୍ ସୈନିକ ସଂଖ୍ୟା। ବ୍ରିଟିଶ ସୈନିକମାନଙ୍କର ମଧ୍ୟ ଡ୍ରୋନ୍ ଉଡ଼ାଇବାରେ ଭଲ ଅଭିଜ୍ଞତା ନାହିଁ। ପ୍ରତିରକ୍ଷା ସୂତ୍ରଗୁଡ଼ିକ ଦି ସନ୍କୁ କହିଛନ୍ତି ଯେ, ପାରାସୁଟ୍ ରେଜିମେଣ୍ଟ ଦାନ ପାଣ୍ଠିରୁ ଡ୍ରୋନ୍ ରେସିଂ ପାଇଁ ୧୦ ହଜାର ପାଉଣ୍ଡ ଖର୍ଚ୍ଚ କରିଛି ଯାହା ଦ୍ୱାରା ସୈନିକମାନେ ସେଗୁଡ଼ିକୁ ଉଡ଼ାଇପାରିବେ। ଏହାର ଅର୍ଥ ହେଉଛି ବ୍ରିଟିଶ ସୈନିକମାନେ ଦାନ କରାଯାଇଥିବା ଡ୍ରୋନ୍ରୁ ଅଭିଜ୍ଞତା ହାସଲ କରୁଛନ୍ତି। ଏହା ପ୍ରତିରକ୍ଷା ବିଶେଷଜ୍ଞଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି। ଏଲିଟ୍ ଏୟାରବୋର୍ନ ଟ୍ରୁପ୍ ପ୍ରଥମ ବ୍ରିଟିଶ ୟୁନିଟ୍ ଥିଲା । ଏହା ଏକ ଉତ୍ସର୍ଗୀକୃତ ଡ୍ରୋନ୍ ପ୍ଲାଟୁନ୍ ଗଠନ କରିଥିଲା। ଏପର୍ଯ୍ୟନ୍ତ କେବଳ ୩,୦୦୦ ସୈନିକଙ୍କୁ ଡ୍ରୋନ୍ ଉଡ଼ାଇବା ପାଇଁ ତାଲିମ ଦିଆଯାଇଛି। ଆସନ୍ତା ବର୍ଷ ୬,୦୦୦ଜଣଙ୍କୁ ତାଲିମ ଦିଆଯିବ।ସଶସ୍ତ୍ର ବାହିନୀ ମନ୍ତ୍ରୀ ଏବଂ ପୂର୍ବତନ କମାଣ୍ଡୋ ଆଲ୍ କାର୍ନେସ୍ ଉନ୍ନତ ଡ୍ରୋନ୍ ତାଲିମ୍ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିରେ ନୂତନ ଅସ୍ତ୍ରଶସ୍ତ୍ର ବିକାଶ ଉପରେ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ଆଲ୍ କାର୍ନେସ୍ କହିଛନ୍ତି ଯେ, ରୁଷିଆ ଡ୍ରୋନ୍ ୟୁକ୍ରେନରେ ତୋପ ଅପେକ୍ଷା ଅଧିକ କ୍ଷତି ପହଞ୍ଚାଉଛି। ଏହା ଆଧୁନିକ ଯୁଦ୍ଧର ଏକ ବାସ୍ତବତା ଯାହାକୁ ସମଗ୍ର ୟୁରୋପ ବୁଝିବା ଉଚିତ। ୟୁକେ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଆମେ ଆମର ଡ୍ରୋନ୍ କ୍ଷମତା ବୃଦ୍ଧି କରୁଛୁ।

# ଯମୁନା ଏକ୍ସପ୍ରେସୱେରେ ଦୁର୍ଘଟଣା

ନୂଆଦିଲ୍ଲୀ : ଯମୁନା ଏକ୍ସପ୍ରେସୱେରେ ଭୟଙ୍କର ଦୁର୍ଘଟଣା । ଶୌଚାଳୟ ବ୍ୟବହାର କରିବାକୁ ବସରୁ ଓହ୍ଲାଇଥିବା ଲୋକଙ୍କ ଉପରେ ମାଡିଗଲା ବସ୍ । ଉତ୍ତର ପ୍ରଦେଶର ମଥୁରାରେ ହୋଇଥିବା ଏହି ସଡ଼କ ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ଏହି ଭୟଙ୍କର ଦୁର୍ଘଟଣା ପରେ ଜିଲା ପ୍ରଶାସନ ଦୁର୍ଘଟଣା ପାଇଁ ବସ୍ ଡ୍ରାଇଭରଙ୍କୁ ଦାୟୀ କରିଛି । ମଥୁରା ଜିଲା ମାଜିଷ୍ଟ୍ରେଟ୍ ସିପି ସିଂ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଏବଂ ଦୁର୍ଘଟଣା ପାଇଁ ବସ୍ ଡ୍ରାଇଭରଙ୍କୁ ଦାୟୀ କରିଛନ୍ତି । ସେ କହିଛନ୍ତି ଯେ ବସ୍ ଡ୍ରାଇଭର ଯମୁନା ଏକ୍ସପ୍ରେସୱେରେ ଭୁଲ ଭାବରେ ବସ୍ ପାର୍କିଂ କରିଥିଲେ। କିଛି ଲୋକ ଶୌଚାଳୟ ବ୍ୟବହାର କରିବାକୁ ଓହ୍ଲାଇଥିଲେ, ଅନ୍ୟମାନେ ବସ୍ ଆଗରେ ଠିଆ ହୋଇଥିଲେ। ଏକ କଣ୍ଟେନର ପଛରୁ ବସ୍ କୁ ଧକ୍କା ଦେଇଥିଲା, ଯାହା ଫଳରେ ଛଅ ଜଣଙ୍କୁ ବସ୍ ତଳେ ଚାପି ଦିଆଯାଇଥିଲା । ଫଳରେ ଛଅଜଣଙ୍କର ଦୁଃଖଦ ଭାବେ ମୃତ୍ୟୁ ହୋଇଛି । ଶୁକ୍ରବାର ରାତିରେ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଥିଲା। ଏହି ଦୁର୍ଘଟଣାରେ ବସ୍ ଏବଂ କଣ୍ଟେନର ଡ୍ରାଇଭରମାନଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଇଛି । ମୃତକଙ୍କ ପରିବାର ଲୋକେ କହିଛନ୍ତି ଯେ, ମଥୁରା ଏସଏସପି ଶ୍ଳୋକ କୁମାର କହିଛନ୍ତି ଯେ ପ୍ରାୟ ୨ଟା୪୫ ସମୟରେ, ସୁରିର ପୋଲିସ ଷ୍ଟେସନ ଅଞ୍ଚଳର ଯମୁନା ଏକ୍ସପ୍ରେସୱେର ମାଇଲଷ୍ଟୋନ ୮୮ ନିକଟରେ ଏକ ବସ୍ ରାସ୍ତା କଡ଼ରେ ଅଟକି ଯାଇଥିଲା। ବସ୍ ଟି ଦିଲ୍ଲୀରୁ କାନପୁର ଅଭିମୁଖେ ଯାତ୍ରା କରୁଥିଲା। କିଛି ଯାତ୍ରୀ ଶୌଚାଳୟ ବ୍ୟବହାର କରିବା ପାଇଁ ରାସ୍ତାରୁ ଓହ୍ଲାଇଥିବା ବେଳେ ଦୁର୍ଘଟଣା ହୋଇଛି ।

# ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ନୟାଗଡ କଂଗ୍ରେସର ମନରେଗା ବଞ୍ଚାଅ ଧାରଣା

ନୟାଗଡ଼, (ପିପିଏସ୍): ନୟାଗଡ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ସଭାପତି ମଲ୍ଲୀକାର୍ଜୁନ ଖର୍ଗେଙ୍କ ନିର୍ଦ୍ଦେଶ କ୍ରମେ ଦେଶବ୍ୟାପୀ ମନରେଗା ବଞ୍ଚାଓ ଆନ୍ଦୋଳନ ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମନରେଗା ବଞ୍ଚାଓ, ଟାଟା ପାୱାର ମନମାନୀ ଓ ଚାଷୀ ଶୋଷଣ ପ୍ରତିବାଦରେ, ଧାରଣା ଓ ବିକ୍ଷୋଭ କରାଯାଇ ଜିଲ୍ଲାପାଳ ମଧୁମିତା ରଥଙ୍କୁ ମନରେଗା ଆଇନର ସୁରକ୍ଷା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିକ୍ଷୋଭ ସଭାରେ ଡିସିସି ବରିଷ୍ଠ ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ଧ୍ରୁବ ଚରଣ ପରିଡା, ସୁକାନ୍ତ ଶତପଥୀ ବରିଷ୍ଠ ନେତା ସରୋଜ ପରିଡ଼ା, ହୁସେନ ଖାଁ, ମନୋଜ ସାହୁ, ପୂର୍ଣ୍ଣଚନ୍ଦ୍ର ଶକ୍ଷନ୍ତ, ବାଳକୃଷ୍ଣ ଷଡଙ୍ଗୀ, ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ହାସିମ ଖାଁ,ଓଡଗାଁ ବ୍ଲକ ପୂର୍ଣ୍ଣଚନ୍ଦ୍ର ନାୟକ, ନୂଆଗାଁ ବ୍ଲକ ଅଶୋକ ନାୟକ, ଦଶପଲ୍ଲା ବୁଲୁ ପରିଡା, ଗଣିଆ ହାଲିମ ଖାଁ, ରଣପୁର ବ୍ଲକ ସଭାପତି ଶତ୍ରୁଘ୍ନ ପାଇକରାୟ, ଖଣ୍ଡପଡା ବ୍ଲକ ସଭାପତି ଲିଳିବାଳା ନାଏକ, ଡିସିସି ସମ୍ପାଦିକା ଅରୁନ୍ଧତୀ ମିଶ୍ର, ମହିଳା କଂଗ୍ରେସ ନେତ୍ରୀ ଗାଏତ୍ରୀ ମହାପାତ୍ର, ସୁଜାତା ନାଏକ, ନୟାଗଡ଼ ମ୍ୟୁନିସିପାଲିଟି ସଭାପତି ରାଜକିଶୋର ଜେନା, ଓଡଗାଁ ଏନଏସି ସଭାପତି ବିଭୁତି ରାଉତ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ ଏବଂ ଶ୍ରମିକ କଂଗ୍ରେସ ସଭାପତି ପ୍ରମୁଖ ମନରେଗା ଆଇନ ଏବଂ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦଦେବା ସହିତ ଶ୍ରମିକମାନଙ୍କ ଦାନାପାଣି ଉପରେ ନକରାତ୍ମକ ପ୍ରଭାବ ପକାଇଥିବା କହିଥିଲେ। ଏବଂ କଂଗ୍ରେସ ସରକାର ସମୟର ମନରେଗା ଆଇନ୍ ଦେଶର ୪୦ କୋଟି ଶ୍ରମିକ, କୃଷକ ଓ ଦିନ ମଜୁରିଆଙ୍କୁ ସର୍ବନିମ୍ନ ୧୦୦ ଦିନର ନିଶ୍ଚିତ ରୋଜଗାର ପ୍ରାପ୍ତ କରୁଥିବା ବେଳେ ବର୍ତ୍ତମାନର ବିଜେପି ସରକାରର ଭିବି ରାମଜୀ ଆଇନରେ ଶ୍ରମିକମାନଙ୍କ ପାଇଁ ନିଶ୍ଚିତ ରୋଜଗାରର ବ୍ୟବସ୍ଥା ନାହିଁ। ଏହି ଧାରଣା, ବିକ୍ଷୋଭ ସଭାରେ ବହୁ ସଂଖ୍ୟାରେ ଚାଷୀ, ଶ୍ରମିକ, ମହିଳା, ଛାତ୍ର, ଯୁବକ ଯୋଗଦେବା ସହିତ ଡିସିସି ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବଳଭଦ୍ରପୁରରେ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ



କଟକ : ବଳଭଦ୍ରପୁର ସଂକୀର୍ତ୍ତନ ମଣ୍ଡଳୀର ପକ୍ଷରୁ ଆଜି ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗ୍ରାମର ସାମାଜିକ ଏବଂ ସଂଗଠନମୂଳକ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ବଳଭଦ୍ରପୁର ଗ୍ରାମ ଉନ୍ନୟନ କମିଟିର ଅଧିକାରୀ ନିରାକାର ପ୍ରସାଦ ଜେନା, ମହନ୍ତ ନୀଳକଣ୍ଠ ମହାନ୍ତି, କଟୁଆଳ ବିଷ୍ଣୁ ରାଉଳ, କୋଷାଧ୍ୟକ୍ଷ ଅମରେନ୍ଦ୍ର ରାଉତ, ମୁଖ୍ୟ ଉପଦେଷ୍ଟା ଦେବେନ୍ଦ୍ରନାଥ ସାହୁ, ବିଷ୍ଣୁ ଚରଣ ରାଉତ, ଗୋପୀନାଥ ସ୍ୱାଇଁ, ତଡିତ କୁମାର ରାଉତ ଓ ଧିରେନ ମହାନ୍ତି, ଏବଂ ଯୁବକ ସଙ୍ଘର ସଭାପତି ପ୍ରସନ୍ନ କୁମାର ରାଉତ, ଉପସଭାପତି ନାରାୟଣ ଲେଙ୍କା ଓ ନୀତେଶ କୁମାର ସାହୁ, ସମ୍ପାଦକ ପ୍ରଦୀପ୍ତ କୁମାର ରାଉତ, ସହ-ସମ୍ପାଦକ ରାଧେଶ୍ୟାମ ଜେନା ଓ ଦିବାକର ଲେଙ୍କା, ପୂର୍ବତନ ଉପସଭାପତି ସୁରଥ ରାଉତ ଏବଂ ପୂର୍ବତନ ଉପଦେଷ୍ଟା ରାମଚନ୍ଦ୍ର ସାହୁ ଓ ବ୍ରଜକିଶୋର ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

ସଭାରେ ଉପସ୍ଥିତ ବକ୍ତାମାନେ ଗ୍ରାମ ଉନ୍ନତି, ସାମାଜିକ ସମ୍ମିଳନ ଓ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତଙ୍କ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଏହି ପଦକ୍ଷେପ ମାଧ୍ୟମରେ ଗ୍ରାମବାସୀଙ୍କ ମଧ୍ୟରେ ସହଯୋଗ ଓ ଭାତୃତ୍ୱବୋଧ ବୃଦ୍ଧି ପାଇବ ବୋଲି ଆଶା ବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ଗ୍ରାମର ବିଭିନ୍ନ ବର୍ଗର ଲୋକମାନେ ଉପସ୍ଥିତ ରହି ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଂକୀର୍ତନ ମଣ୍ଡଳୀର ପକ୍ଷରୁ ହାଡ଼ିବନ୍ଧୁ ଛାଟୋଇ, ଗୁରୁ ରାଜେନ୍ଦ୍ର ସାହୁ ଓ ସଙ୍ଗୀତ ଗୁରୁ ରମାକାନ୍ତ ଛାଟୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଟାଟା ପାୱାରର ଅସାବଧାନତା, ଖୁଣ୍ଟରୁ ପଡ଼ି ଦୁଇ ଶ୍ରମିକ ଗୁରୁତର
## ବେଫିକର ଠିକାଦାର, କାର୍ଯ୍ୟରେ ରହୁନାହାନ୍ତି ସେଫ୍ଟି ଇଞ୍ଜିନିୟର

କେନ୍ଦ୍ରାପଡ଼ା, (ପିପିଏସ୍): ଇଲେକ୍ଟ୍ରିକ କରେଣ୍ଟ ଲାଗି ଦୁଇ ଶ୍ରମିକ ଗୁରୁତର। ଟାଟା ପାୱାରର ଅସାବଧାନତା ବା ଖାମଖିଆଲି ମନୋଭାବ ପାଇଁ ଇଲେକ୍ଟ୍ରିକ ଖୁଣ୍ଟରୁ ଗଳି ପଡିଲେ ଦୁଇ ଶ୍ରମିକ। ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଇଲେକ୍ଟ୍ରିକ ଖୁଣ୍ଟରେ ଚଢ଼ି କେବୁଲ କାମ ଚାଲୁଥିବା ସମୟରେ ହଠାତ କରେଣ୍ଟ ଚାର୍ଜ ହୋଇଯାଇଥିଲା। ଫଳରେ ଖୁଣ୍ଟ ଉପରେ ଚଢ଼ିଥିବା ଦୁଇ ଶ୍ରମିକଙ୍କୁ ସକ୍ ଲାଗି ସେମାନେ ତଳକୁ ଖସି ପଡିଥିଲେ। ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡକାଇ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ କାମ ଚାଲୁଥିବା ସମୟରେ କିଭଳି ଏପରି କରେଣ୍ଟ ଚାର୍ଜ କରାଗଲା, କାର୍ଯ୍ୟ ସ୍ଥଳରେ କୌଣସି ସେଫଟି ଷ୍ଟାଫଙ୍କ ଅନୁପସ୍ଥିତିକୁ ନେଇ ସ୍ଥାନୀୟ ଲୋକେ ଟାଟା ପାୱାରର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଦୁର୍ଘଟଣା ଘଟିବା ପରେ ବିଭାଗୀୟ ଅଧିକାରୀଙ୍କୁ ସାଧାରଣ ଲୋକ ଜଣାଇବା ପରେ ମଧ୍ୟ କୌଣସି କର୍ତ୍ତୃପକ୍ଷ ଆସିନଥିଲେ। ଫଳରେ ଦୁଇ ଗୁରୁତର ଅବସ୍ଥାରେ ଶ୍ରମିକଙ୍କୁ ଆମ୍ବୁଲାନ୍ସ ଡକାଇ ମେଡିକାଲକୁ ପଠାଇଥିଲେ। ସେଠାରେ ଉପସ୍ଥିତ ଥିବା କିଛି କର୍ମଚାରୀ ମଧ୍ୟ ପଳାଇ ଯାଇଥିଲେ। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ ଦାୟିତ୍ୱହୀନତା କର୍ମଚାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହ ଗୁରୁତର ଆହତ ହୋଇଥିବା ଦୁଇ କର୍ମଚାରୀଙ୍କ ସମସ୍ତ ଚିକିତ୍ସା ବହନ କରିବାକୁ ସାଧାରଣରେ ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

# ଅଗ୍ନି ବିପନ୍ନଙ୍କୁ ସହାୟତା

ଚୌଦ୍ୱାର, (ପିପିଏସ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶାଳଗାଁ ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ହୃଦାନନ୍ଦ ସ୍ୱାଇଁ, ଶ୍ରଦ୍ଧାନନ୍ଦ ସ୍ୱାଇଁ ଓ ବିଚିତ୍ରାନନ୍ଦ ସ୍ୱାଇଁଙ୍କର ୬ବଖରା ଘର ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ୩ଟି ଯାକ ପରିବାର ବିପନ୍ନ ହୋଇ ଯାଇଛନ୍ତି । ଉକ୍ତ ବିପନ୍ନ ପରିବାରକୁ ଚୌଦ୍ୱାରସ୍ଥିତ ତାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ସହାୟତା ପ୍ରଦାନ କରାଯାଇଛି। ସଂସଦ ସଭାପତି କେ.ସି.ପ୍ରତାପସିଂହ, ଶୈଳେନ୍ଦ୍ର ମୁଖି, ସହଦେବ ବରାଳ, ପ୍ରଦୀପ ପାଣି ପ୍ରମୁଖ ବିପନ୍ନ ପରିବାର ପାଖର ପହଞ୍ଚି ଶାଢ଼ି, ଲୁଙ୍ଗି, ଗାମୁଛା ସହିତ ଚୁଡ଼ା, ବିସ୍କୁଟ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରଦାନ କରିବା ସହତ ପରିବାରର ସଦସ୍ୟ ସଦସ୍ୟା ମାନଙ୍କୁ ସମବେଦନା ଜଣାଇଥିଲେ। ଅନୁରୂପଭାବେ ରୋଟାରୀ କ୍ଲବ୍ କଟକ ଅଭିନବ ପକ୍ଷରୁ ବିପନ୍ନ ମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଇଛି। କ୍ଲବ୍ ସଭାପତି ଜୀବନ ପଟ୍ଟନାୟକ, ଆରସିସି କୁଜୀବରର ସଦସ୍ୟ ଉମେଶ ଚନ୍ଦ୍ର ସାହାଣୀ, ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ କ୍ଷତିଗ୍ରସ୍ତ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହିତ ରୋଷେଇ ଉପକରଣ, ବାସନ କୁସନ, ରାସନ୍ ସାମଗ୍ରୀ, ଖାଦ୍ୟ ସାମଗ୍ରୀ ଆଦି ପ୍ରଦାନ କରିଥିଲେ।

# ଖାନ୍ ଏକାଡେମୀରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବାଇଗୁଣିଆ ତନ୍ତୁବାୟ
## ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟସ୍ତରରେ ସମ୍ମାନିତ

ଭାପୁର, (ପିପିଏସ): ଖାନ ଏକାଡେମୀରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ରେ ନୟାଗଡ ଜିଲ୍ଲାର ଏକ ମାତ୍ର ବିଦ୍ୟାଳୟ ଭାବେ ଭାପୁର ବ୍ଲକର ବାଇଗୁଣିଆ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରୀୟ ଷ୍ଟିମ୍ ଏକ୍ସଲେନ୍ସ ରିକୋଗ୍ନାଇଜେସନ୍ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଡୁମୁଡୁମା ଠାରେ ଥିବା ଆଇଟିସି ୱେଲକମ୍ ହୋଟେଲରେ ଚଳିତ ମାସ ୬ ତାରିଖ ଶୁକ୍ରବାର ଦିନ ପଞ୍ଚଶଖା ଶିକ୍ଷା ସେତୁ ଓ ଓସେପାର ମିଳିତ ସହଯୋଗରେ ଅନୁଷ୍ଠିତ ହେଇଯାଇଅଛି। ଖାନ ଏକାଡେମୀ ହେଉଛି ବିଦ୍ୟାଳୟସ୍ତରରେ ପିଲାମାନଙ୍କର ଗଣିତ ଓ ବିଜ୍ଞାନ ବିଷୟକୁ ଅଧିକ ଉନ୍ନତ କରିବା ପାଇଁ ଖାନ ଏକାଡେମୀ ଓ ପଞ୍ଚସଖା ଶିକ୍ଷା ସେତୁର ମିଳିତ ସହଯୋଗରେ ଓଡ଼ିଶାର ପ୍ରତ୍ୟେକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଛି। ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅର୍ପିତା ନାୟକ ଓ ବିଜ୍ଞାନ ଶିକ୍ଷକ ଶିବ ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଓ ପିଲାମାନଙ୍କ ନିଷ୍ଠବଳରେ ଏ ସଫଳତା ମିଳିଛି। ଏହି ପୁରସ୍କାର ସଭାରେ ଯୋଗ ଦେଇଥିଲେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ସ୍ମିତା ରାଉତ, ପଞ୍ଚସଖା ଶିକ୍ଷା ସେତୁର ଶ୍ରୀମତୀ ରାଜଲକ୍ଷ୍ମୀ ଦାଶ, ଖାନ ଏକାଡେମୀର ନେସେନାଲ ହେଡ଼। ଏହି ପୁରସ୍କାରକୁ ବିଦ୍ୟାଳୟ ପାଇଁ ଶ୍ରୀମତୀ ଅର୍ପିତା ନାୟକ ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଭାପୁର ବ୍ଲକ ଶିକ୍ଷାଧିକାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ରଣା ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟକୁ ସମ୍ମାନିତ କରାଯାଇଥିବାରୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆନନ୍ଦ ଲହରୀ ସୃଷ୍ଟି କରିଛି।

# ବରିଷ୍ଠ ସଂସ୍କୃତ ପଣ୍ଡିତ ତ୍ରିନାଥ ହୋତାଙ୍କ ସ୍ମୃତିଚାରଣ



ଓଡ଼ଗାଁ, (ପିପିଏସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଦଧିବାମନ ସଂସ୍କୃତ ଟୋଲର ଅବସର ତଥା ବରିଷ୍ଠ ସଂସ୍କୃତ ଶିକ୍ଷକ ତ୍ରିନାଥ ହୋତାଙ୍କ ସ୍ମୃତିଚାରଣ ସଭା ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି।ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ଡ.ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ନୟାଗଡ ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ସଂସ୍କୃତ ଶିକ୍ଷକ ନବକିଶୋର ମାଣି,ରାହାସ ବିଦ୍ୟାପୀଠ ସାକେରୀର ଅବସରପ୍ରାପ୍ତ ସଂସ୍କୃତ ତଥା ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, ଦଧିବାମନ ସଂସ୍କୃତ ମହାବିଦ୍ୟାଳୟର ପ୍ରିନ୍ସପାଲ ପ୍ରଫେସର ଭାବଗ୍ରାହୀ କର, ନିଖିଳୋକ୍ଳ ସଂସ୍କୃତ ପରିଷଦ ମହାସଂଘ ପୂର୍ବତନ ସଂପାଦକ ନରସିଂହ ଜେନା, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଗୋପୀନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ତ୍ରିନାଥ ହୋତାଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଗୁଣଗାନ କରିଥିଲେ। କାର୍ଯ୍ୟକୁ ସନ୍ତୋଷ ତ୍ରିପାଠୀ ଏବଂ ଭାବଗ୍ରାହୀ କର ପରିଚାଳନା କରିଥିବା ଜଣାପଡ଼ିଛି।

# ରାଜଦୋଳ ସମିତି ପ୍ରସ୍ତୁତି ବୈଠକ

ଚୌଦ୍ୱାର,(ପିପିଏସ୍): ୪୪ ମଣ୍ଡଳ ରାଜଦୋଳ ସମିତିର ପ୍ରସ୍ତୁତି ବୈଠକ ଚୌଦ୍ୱାରରେ ଅନୁଷ୍ଠିତ ହୋଇ ଯାଇଛି। ସମିତି ସଭାପତି ଦୀପକ ମଙ୍ଗରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ମୋଟ ୫ଟି ମେଲଣ ଯାତ୍ରାର ଦିନ ନିର୍ଘଣ୍ଟ ସ୍ଥିର କରାଯାଇଥିଲା। ଚଳିତ ଫେବୃୟାରୀ ୨୭ ତାରିଖରେ ଆଗ୍ରାହାଟ ମେଲଣ, ୨୮ ତାରିଖରେ ଜଗତପୁର ମେଲଣ, ମାର୍ଚ୍ଚ ୧ ତାରିଖରେ ଗୋଡ଼ିପାଟଣା ମେଲଣ, ୩ ତାରିଖରେ ଚୌଦ୍ୱାର ମେଲଣ ଓ ୪ତାରିଖରେ ଫକୀରପୁର ମେଲଣ ଆୟୋଜନ କରାଯିବା ବୈଠକରେ ସ୍ଥିର କରାଯାଇଥିଲା। ୪୪ମଣ୍ଡଳ ସମିତି ଉପ ସଭାପତି ହରିହର ପଣ୍ଡା, ସମ୍ପାଦକ ନବ ସାହୁ, ଶିବ ଶଂକର ସାହୁ, ଭାବଗ୍ରାହୀ ପଣ୍ଡା, ପ୍ରକାଶ ପଣ୍ଡା, ଚନ୍ଦ୍ର ମୋହନ ଚୌଧୁରୀ, ରବୀନ ଚନ୍ଦ୍ର ସୁବୁଦ୍ଧିରାୟ, ଭାଗୀରଥି ବେଉରା, ହେମନ୍ତ ବିଶ୍ୱାଳଙ୍କ ସମେତ ସମସ୍ତ ମାର୍ଫତଦାର ମାନେ ବୈଠକରେ ଉପସ୍ଥିତ ଥିଲେ।

# ମହାବୀର ପୀଠରେ ଅଷ୍ଟପ୍ରହରୀ ନାମ ଯଜ୍ଞ
## ବାବାଜୀ କମଳଲୋଚନଙ୍କ ୧୯ତମ ପୁଣ୍ୟ ଦିବସ

କୋଣାର୍କ (ପିପିଏସ): କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନ ୱାର୍ଡ ନଂ ୧୦ରେ ଥିବା ପୁରାତନ ମହାବୀର ମନ୍ଦିର ତଥା କମଳ ବାବାଙ୍କ ଆଶ୍ରମରେ ଅଷ୍ଟମ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ସେହିପରି ଏହି ଆଶ୍ରମର ପ୍ରତିଷ୍ଠାତା ସ୍ୱର୍ଗତଃ ବାବାଜୀ ମହାରାଜ କମଳଲୋଚନ ଦାସଙ୍କ ୧୯ତମ ପୁଣ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ପୀଠରେ ଶନିବାର ଦିନ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଯଥାବିଧିରେ ଅନୁଷ୍ଠିତ ହୋଇଛି। ମହାବୀରଙ୍କ ପୀଠରେ ଅନୁଷ୍ଠିତ ଏହି ଭକ୍ତିମୟ କାର୍ଯ୍ୟକ୍ରମରେ ଶୁକ୍ରବାର କଳସ ଯାତ୍ରା ସହ ଶନିବାର ଭୋର ୬ ଘଟିକାରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିବା ବେଳେ ରବିବାର ସକାଳ୬ ଘଟିକାରେ ନାମ ସଂକୀର୍ତ୍ତନ ସମ୍ପନ୍ନ ହେବା ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ। ଏହି ନାମ ଯଜ୍ଞରେ କର୍ତ୍ତା ରୂପେ ରାମଚନ୍ଦ୍ର ମହାରଣା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମୁଖ୍ୟ ପୂଜକ ଭାବେ ଦ୍ୱାରିକାନାଥ ରଥ ସମସ୍ତ ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ତୁଲାଇ ଥିଲେ। ବିଭିନ୍ନ ଅଞ୍ଚଳରୁ ୧୦ରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ପ୍ରଭୁଙ୍କ ନାମ ସଂକୀର୍ତ୍ତନ ପରିବେଷଣ କରିବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଶ୍ରଦ୍ଧାଳୁ ମାନେ ନାମ ଯଜ୍ଞରେ ସାମିଲ ହେବା ସହ ପ୍ରସାଦ ସେବନ କରିଥିଲେ। ଏହି ଆଧ୍ୟାତ୍ମିକ ଉତ୍ସବରେ ମଠାଧିଶ ବାବାଜୀ କରୁଣାକର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ନାମ ଯଜ୍ଞରେ ସୁରେଶ ଚନ୍ଦ୍ର ରାଉତରାୟ, ଜ୍ଞାନରଞ୍ଜନ ନାୟକ, ସର୍ବେଶ୍ୱର ମହାରଣା, ସାଗର ରାଉତ, ଲିଙ୍ଗରାଜ ମୁଦୁଡ଼ି, ଶଶୀଭୂଷଣ ମହାରଣା, ବିଚିତ୍ର ଓଝା, କବିରାଜ ପାତ୍ର, ଗୋବିନ୍ଦ ମହାରଣା, ବିଭୂତି ଭୂଷଣ ମହାରଣା, ଭ୍ରମର ଓଝା, ସୁଦର୍ଶନ ଓଝା, ରମାକାନ୍ତ, କର୍ମଜିତ,ଗୁଗୁ, ବୀରବର ପାତ୍ର, କୈଳାସ ବାନ, ଅମରେଶ୍ୱର କାଣ୍ଡି ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ।

# ପିଏମଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ

ଗୋପ (ପିପିଏସ): ପିଏମଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପର ବାର୍ଷିକ ଉତ୍ସବ ମହାସମାରୋହରେ ସମାପ୍ତ ହୋଇଅଛି। ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ଦେଶର ଭବିଷ୍ୟତ ହିଁ ଆମ ଛାତ୍ରଛାତ୍ରୀ ମାନେ। ଆମ ଛାତ୍ରଛାତ୍ରୀମାନେ ବଣର ମଲ୍ଲୀ ନୁହଁନ୍ତି। ନିଜ ଅଗଣାର ମଲ୍ଲୀ ସେମାନେ। ନିଜ ଅଗଣାରେ ଫୁଟି ପ୍ରତ୍ୟକଙ୍କ ଅଗଣାକୁ ମହାକାଇ ପାରିବେ। ଐତିହ୍ୟ ସମ୍ପନ୍ନ ବୟାଅଶୀ ବର୍ଷର ଏହି ବିଦ୍ୟାଳୟର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ, ପିଲାମାନେ ସେମାନଙ୍କର ନୈତିକ ଓ ଚାରିତ୍ରିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେବାକୁ ପଡିବ। ବାଲ୍ୟବିବାହ ଭଳି ଘୃଣ୍ୟ କାମକୁ ବିରୋଧ କରିବା ପାଇଁ ଜନସାଧାରଣମାନଙ୍କୁ ନିବେଦନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ପରିଡା ମହୋଦୟା ମଧ୍ୟ ଛାୟା ବିଧାନସଭା କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନେ କିପରି ନିଜର ବ୍ୟକ୍ତିତ୍ୱ ଓ ନେତୃତ୍ୱ ର ଦକ୍ଷତା ଓ ଦାମ୍ଭିକତାକୁ ସମଗ୍ର ବିଶ୍ୱରେ ଦେଖାଇପାରିବେ ସେଥିପାଇଁ ସୁନ୍ଦର ମାର୍ଗ ଦର୍ଶନ କରାଇପାରିଥିଲେ । ଓଡିଶା ସଂସ୍କୃତି ଗବେଷକ ଡା. ମୃତ୍ୟୁଞ୍ଜୟ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଏ ମାଟି ଧରମାର ମାଟି ଆଉ ଆମେ ତାର ଦାୟାଦ। ଭାରତବର୍ଷର ସର୍ବ କନିଷ୍ଠ ସହିଦ ବାରବର୍ଷର ଧରମା ଓ ବାଜିରାଉତ କଥା କହି ପିଲାମାନଙ୍କ ମନରେ ଦେଶପ୍ରେମର ଶିହରଣ ସୃଷ୍ଟି କରିଥିଲେ । ମାଟି, ମାଆ ଓ ମାତୃଭାଷା ଉପରେ ନିଜର ବକ୍ତବ୍ୟ ରଖି ଶବ୍ଦର ଅଳଙ୍କାରରେ ସମସ୍ତଙ୍କ ହୃଦୟକୁ ବାନ୍ଧିରଖିଥିଲେ। ପୁରୀ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଦୀପକ କୁମାର ପାଢ଼ୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀ, ଶିକ୍ଷକ ଓ ଜନସାଧାରଣମାନେ ଶୈକ୍ଷିକ ତ୍ରିଭୁଜର ତିନୋଟି ଶୀର୍ଷବିନ୍ଦୁ ବୋଲି ମତ ଦେଇଥିଲେ। ସେହି ତ୍ରିଭୁଜର ତିନୋଟି ବାହୁ ଯେତେବେଳେ ସଶକ୍ତ ହୋଇଯିବ ସେତେବେଳେ ତ୍ରିଭୁଜଟି ଏକ ସ୍ୱର୍ଣ୍ଣତ୍ରିଭୁଜ ହୋଇପାରିବ। ଆଉ ପରିଶ୍ରମ ହିଁ ନିଜର ପରିଚୟ ହୋଇପାରିବ ବୋଲି ପିଲାମାନଙ୍କ ଉଦ୍ଦେଶ୍ୟରେ ଶ୍ରୀଯୁକ୍ତ ପାଢ଼ୀ ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ଶିଶୁ ସାହିତ୍ୟିକ ଡା. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ, ପ୍ରତ୍ୟେକ ପିଲାଙ୍କ ହୃଦୟ ହିଁ ଗୋଟେ ତୁଳସୀବନ। ସାମାନ୍ୟ ଉଦ୍ୟମ କଲେ ସେହି ତୁଳସୀ ହିଁ ମହମହ ହୋଇ ମହାକାଇଦେବ ଏ ବିଦ୍ୟାଳୟ ପରିସରକୁ। ଆଉ ଏହି ବିଦ୍ୟାଳୟର ମହକ ହିଁ ବିଶ୍ୱକୁ ଚମକ ଦେଇପାରିବ। ପିଲାମାନେ ମୋବାଇଲ ଉପରେ ଗୁରୁତ୍ୱ ନଦେଇ ପୁସ୍ତକ ଅଧ୍ୟୟନ ଉପରେ ଗୁରୁତ୍ୱ ଦେବା ଉଚିତ। ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଗୋପ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀମତୀ ଛବିରାଣୀ ସାହୁ, ସରପଞ୍ଚ ଶ୍ରୀମତୀ ସୁଲୋଚନା ଦାସ, ଗୋପ ସାଂସଦ ପ୍ରତିନିଧି ତଥା ଯୁବନେତା ଶ୍ରୀଯୁକ୍ତ ସୁଶାନ୍ତ ସ୍ୱାଇଁ, ଆଞ୍ଚଳିକ ସାଧନାକେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ଦୀପକ ସେନାପତି ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମତୀ ବିଜୟିନୀ ଶତପଥୀ ପିଲାମାନେ ହିଁ ଅସୀମ ଶକ୍ତିର ଅଧାର ବୋଲି କହିଥିଲେ। ପ୍ରତ୍ୟକ ପିଲା ଗୁରୁଜନଙ୍କ କଥା ମାନି ବାପା ମାଆଙ୍କ ସେବା କରିପାରିଲେ ଜଣେ ଜଣେ ଶ୍ରବଣ କୁମାର ହୋଇପାରିବ ବୋଲି ମତ ରଖିଥିଲେ।

ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ପ୍ରଧାନ ମଞ୍ଚ ସଂଚାଳନା କରିଥିବା ବେଳେ ଶିକ୍ଷକ ଶ୍ରୀ ସୁବ୍ରଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କିନ୍ତୁ ପ୍ରଥମ ଅଧିବେଶନରେ ବାର୍ଷିକ କ୍ରୀଡାଉତ୍ସବ ପାଳନ ଅବସରରେ ଗୋପ ଉପଭାରପ୍ରାପ୍ତ ଥାନାଧିକାରୀ ବୁଦ୍ଧରାୟ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଲମଣିଷ ହେବା ପାଇଁ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଶ୍ରୀଯୁକ୍ତ ପୁନେଶ ସେନାପତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ଭଲମଣିଷ ହେବାପାଇଁ 'ଗୁରୁଭକ୍ତି ହିଁ କେବଳମ୍' ବୋଲି ଅଭିବ୍ୟକ୍ତ କରିଥିବା ବେଳେ ପାଠପଢାରେ ଏକାଗ୍ରତା ରଖିଲେ ଅସାଧ ପାଠକୁ ସାଧ କରିହେବ ବୋଲି ମତ ରଖିଥିଲେ। ବିଦ୍ୟାଳୟରେ ନିଜ ପିଲାବେଳ କଥା କହି ଭାବବିହ୍ୱଳ ହୋଇଯାଇଥିଲେ। ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ଦୀପକ କୁମାର ସେନାପତି, ସି.ଆର,ସିସି ପିଲାମାନଙ୍କୁ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ (ଘରଟ-୨୦୨୦) ବିଷୟରେ ଅବଗତ କରାଇବା ସହ ବିଦ୍ୟାଳୟର ପ୍ରତ୍ୟକ ବୈଠକ ଓ କର୍ମଶାଳାରେ ଅଭିଭାବକମାନେ ଯୋଗଦେଇ ଏହାର ଗୌରବ ସାଉଁଟିବା ପାଇଁ ନିବେଦନ ରଖିଥିଲେ। ଅନ୍ୟତମ ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶ୍ରୀମତୀ ମନୋରମା ଦାସ, ଗୋପ 'ଆମ୍ବା' ର ଶ୍ରୀଯୁକ୍ତ ବସନ୍ତ କୁମାର ସେନାପତି ଏବଂ ଅନ୍ୟ ସମସ୍ତ ଅତିଥିମାନେ ପିଲାମାନଙ୍କର ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିବାବେଳେ ସଭାର ସଭାପତି ଶ୍ରୀମତୀ ବିଜୟିନୀ ଶତପଥୀ ଖେଳର ମହତ୍ୱକୁ ପ୍ରତିପାଦନ କରିଥିଲେ। ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲାବେଳେ କ୍ରୀଡ଼ାଶିକ୍ଷକ ଏସ. ଏମ. ଜୁଲମନନ ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣରେ ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ କୁମାର ସାହୁ, ବିକ୍ରମ ସେଠୀ, ଆଲୋକ ରଞ୍ଜନ ପ୍ରଧାନ, ରଶ୍ମି ରଞ୍ଜନ ସାହୁ, ଯଯାତି ମଲ, ସୌରଭ ପ୍ରସାଦ ସିଂ, ପ୍ରଶାନ୍ତ ଘୋଷ, ଏ. ଓହିଦି ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ସସ୍ମିତା ସାହୁ, ସବିତା ସେନାପତି, ସସ୍ମିତା ପୃଷ୍ଟି, ମଧୁସ୍ମିତା ସିଂ, ରଲି ଜେନା,ରଜନୀ ପାଟମାଝି, ଶ୍ରଦ୍ଧାଞ୍ଜଳି ମଲ୍ଲିକ, ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବନ୍ୟା ପଟ୍ଟନାୟକ,, ରଶ୍ମିତା ବେହେରା, ପ୍ରମୋଦ ନିଶଙ୍କ, ରାହୁଲ ନାୟକ ଓ ସୁକାନ୍ତ ଭୋଇ ଅତି ସୁନ୍ଦର ଭାବରେ ତୁଲାଇଥିଲେ।

# ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ



ଚୌଦ୍ୱାର,(ପିପିଏସ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ପ୍ରାଥମିକ ଶିକ୍ଷକ ମାନଙ୍କର ପାଞ୍ଚ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ନୋଡ଼ାଲ ହାଇସ୍କୁଲରେ ଆୟୋଜିତ ଏହି ଶିବିରରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକ ରୂପରେଖ ଉପରେ ଆଲୋଚନା ହେବା ସହିତ ଏସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକ୍‌ର ବାଲି ଚତୁରୀ, କଳିଙ୍ଗ ବିଦ୍ୟାପୀଠ, ମାଧପୁର, ହରିଅନ୍ତା, ଝୋଟେଶ୍ୱର, ଶଂକରପୁରର ଗାନ୍ଧୀ ବିଦ୍ୟାପୀଠ, ମାତୃସେବା କ୍ଲଷ୍ଟର, ଦେବୀ ନଗର କ୍ଲଷ୍ଟରର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶିବିରରେ ଯୋଗ ଦେଇଥିଲେ। ରାଜେଶ ନାୟକ, ହରିହର ମିଶ୍ର, ଦୁଃଶାସନ ସାହୁ, ପ୍ରକାଶ କୁମାର ନାୟକ ପ୍ରମୁଖ ସାଧନ କର୍ମୀଭାବେ କାର୍ଯ୍ୟ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିବିରାର୍ଥୀ ଓ ଶିବିରାର୍ଥିନୀମାନଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ଗୋପ (ପିପିଏସ): ଆଜି ଗୋପ ବ୍ଲକ ଅର୍ନ୍ତଗତ ଗିରିମା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅଶୋକ କୁମାର ମୁଦୁଲିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷକ ସମନ୍ୱୟ ସମିତିର ସଭାପତି ଅଜୟ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପ ମଣ୍ଡଳ ଶିକ୍ଷାଧିକାରିଣୀ ଅମୀତା ସେନାପତି ଯୋଗଦେଇ କହିଥିଲେ ଯେ କର୍ମମୟ ଜୀବନରେ ଶିଖିବା ଏବଂ ଶିକ୍ଷାଦାନର କେବେ ଶେଷ ନାହିଁ, ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସମସ୍ତେ ଜ୍ଞାନର ଆଦାନ ପ୍ରଦାନ କରିଥାନ୍ତି। ସେହିପରି ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ତୁଙ୍ଗ ପଂଚାୟତ ସରପଞ୍ଚ ସୁଲୋଚନା ମଲ୍ଲିକ, ବିଶିଷ୍ଟ ଅତିଥି ସମିତିସଭ୍ୟ କୈଳାସ ଚନ୍ଦ୍ର ଭୋଇ, ସମ୍ମାନିତ ଅତିଥି ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ୟୁନିଅନ ସାଧାରଣ ସଂପାଦକ ଶିବଦତ୍ତ ନାୟକ, ସଂପାଦକ ସରୋଜ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ନାୟକ, ଓଷ୍ଟା ସଭାପତି ମହେନ୍ଦ୍ର କୁମାର ପାଢୀ, ସାଧନକେନ୍ଦ୍ର ସଂଯୋଜକ କିଶୋର ଚନ୍ଦ୍ର ମାଝୀ, ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ମହାନ୍ତି, ପରିଚାଳନା କମିଟି ସଭାପତି ସୁମନ୍ତ ନାୟକ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ସଂପର୍କରେ ଆଲୋକପାତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନିରଞ୍ଜନ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦିବାକର ପରିଡ଼ା, ସୁରଜିତ୍ ସାହୁ, ବିଦ୍ୟାଧର ମିଶ୍ର, ସୁନିତା ସାହୁ, ଦେବଜାନୀ ପରିଡା ପ୍ରମୁଖ ପରିଚାଳନା କରିଥିଲେ।

# ଅଶାଳୀନ ବ୍ୟବହାରକୁ ନେଇ ବିଷ ପିଇଲେ ପିଇଓ

ବ୍ରହ୍ମପୁର, (ପିପିଏସ୍): କାର୍ଯ୍ୟରତ ଥିବା ସମୟରେ ଜଣେ ମହିଳା ଅତିରିକ୍ତ ତହସିଲଦାରଙ୍କୁ ଅଶାଳୀନ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଜଣେ ପଞ୍ଚାୟତ ନିର୍ବାହୀ ଅଧକାରୀ (ପିଇଓ)ଙ୍କ ନାଁରେ ଏପରି ସଂଗିନ ଅଭିଯୋଗ ଆସିଛି। ଥାନାରେ ମାମଲା ରୁଜୁହେବା ଜାଣିବା ପରେ ଅଭିଯୁକ୍ତ ପିଇଓ ବିଷପିଇ ଦେଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ଆଇସିୟୁରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ଗତ ୩ ତାରିଖରେ ଗଞ୍ଜାମ ଜିଲ୍ଲା ସୁନାପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟନ ଉତ୍ସବ ଥିଲା। ଏହି ଅବସରରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଣେ ମହିଳା ଅତିରିକ୍ତ ତହସିଲଦାର ଡ୍ୟୁଟିରେ ଥିଲେ। ଭିଡ଼ ଭିତରେ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ ତାଙ୍କୁ ଅଶାଳୀନ ବ୍ୟବହାର କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଉକ୍ତ ଅଧିକାରୀ ଓ ଥାନାରେ ଏନେଇ ପୀଡ଼ିତା ଲିଖିତ ଅଭିଯୋଗ କରିଛନ୍ତି। ଗୋଳନ୍ଥରା ଥାନାରେ ଏ ସମ୍ପର୍କିତ ଏକ ମାମଲା ରୁଜୁ ହୋଇଛି। ବିଭାଗୀୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ପୀଡ଼ିତା ଅଭିଯୋଗ କରିବା ପରେ ଅତିରିକ୍ତ ଉପଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଘଟଣା ସମୟର ଭିଡିଓ ଫୁଟେଜ୍ ସଂଗ୍ରହ କରାଯାଉଥିବା ଜଣାପଡ଼ିଛି।

ଅନ୍ୟପଟେ ଥାନାରୁ ଡାକରା ପାଇ ପିଇଓ ଜଣକ ବିଷପିଇ ଦେଇଛନ୍ତି। ପରିବାର ତରଫରୁ ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ସଙ୍କଟାପନ୍ନ ଅବସ୍ଥାରେ ସେ ଆଇସିୟୁରେ ଅଛନ୍ତି। ୩ ଜଣିଆ ଡାକ୍ତରୀଦଳ ତାଙ୍କର ଚିକିତ୍ସା କରୁଛନ୍ତି। ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖାଯାଇଥିବା ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ସ୍ୱାମୀ ଅପମାନ ପାଇ ବିଷ ପିଇଥିବା ପିଇଓଙ୍କ ପତ୍ନୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଶ୍ରୀପଲ୍ଲୀଟେକନିକରେ ବାର୍ଷିକ କ୍ରୀଡ଼ା

ଓଡ଼ଗାଁ, (ପିପିଏସ୍): ଓଡ଼ଗାଁ ବ୍ଲକ୍ ଅର୍ନ୍ତଗତ କୋମଣ୍ଡ ପଞ୍ଚାୟତ ମକରପଦା ସ୍ଥିତ ଶ୍ରୀପଲ୍ଲୀ ଟେକନିକରେ ୩ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଇଂ.ସର୍ବେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ଶ୍ରୀଶ୍ରୀ ମଦନମୋହନଜୀଉଙ୍କ ମନ୍ଦିରରୁ ଛାତ୍ରଛାତ୍ରୀମାନେ ଏକ ମଶାଲଯାତ୍ରାରେ ଆସି ବିଦ୍ୟାଳୟରେ ପହଞ୍ଚିବା ପରେ ମୁଖ୍ୟଅତିଥି ଶ୍ରୀସ୍ୱାଇଁ କ୍ରୀଡ଼ା ପତାକା ଉତ୍ତୋଳନ କରି କ୍ରୀଡ଼ା ଉତ୍ସବ ପାଳନର ତାତ୍ପର୍ଯ୍ୟ ଓ କ୍ରୀଡ଼ାର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାଶିକ୍ଷକ ପ୍ରଦୀପ୍ତ କୁମାର ସେନାପତି ଖେଳଗୁଡ଼ିକୁ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିବା ଜଣା ପଡିଛି।

SOUTH INDIAN Bank
NEWSPAPER ADVERTISEMENT
OSL Tower,Link Road
Cuttack 753012
Ph: 0671-2367373.
E-mail: br0569@sib.co.in,
Date: 07-02-2026

GOLD AUCTION NOTICE

The Gold articles pledged under the following number/s at banks branch at Cuttack which are not cleared by payment of bank's dues even after serving registered notice and the gold articles pledged under the same number against which registered notices have been served/ returned, undelivered, will be sold in public auction or by private treaty at the branch premises as under or any other convenient date and time without further notice at the risk and responsibility of the pawners,if they are not released from the branch.

Auction of gold ornaments pledged under the following accounts will be held at Cuttack branch on 13.02.2026 at 11 AM.
0569653000015934
Sd/-Manager

# ନଦୀବନ୍ଧ ନିର୍ମାଣ କାର୍ଯ୍ୟ ନିମ୍ନମାନର: ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ



ଅସ୍ତରଙ୍ଗ, (ପିପିଏସ୍): ପ୍ରତିବର୍ଷ ବନ୍ୟା ପ୍ରକୋପରେ ଜନସାଧାରଣଙ୍କ ସ୍ୱାର୍ଥ ଏବଂ ସେମାନଙ୍କ ଚାଷ୍ୱାସ କୁ ସୁରକ୍ଷା ଦେବା ନିମନ୍ତେ ଓଡିଶା ସରକାର ଜଳସେଚନ ବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କାର ପ୍ରକଳ୍ପ ଦ୍ୱାରା ନଦୀବନ୍ଧ ଗୁଡ଼ିକୁ ମରାମତି ଓ ସୁଦୃଢ଼ୀକରଣ କରିଥାନ୍ତି। ପୁରୀ ଜିଲ୍ଲା ନିମାପଡା ଜଳସେଚନ ଅଧୀନ ଅସ୍ତରଙ୍ଗ ବ୍ଲକ ପାର୍ଶ୍ୱବର୍ତ୍ତୀ ଦେବୀ ନଦୀବନ୍ଧ ଓସିଆଁ ଠାରୁ ପାଟସୁନ୍ଦରପୁର ମଧ୍ୟବର୍ତ୍ତୀ ନଦୀବନ୍ଧ ନିକଟରେ ପଥର ବନ୍ଧ କାମ ଜାରି ରହିଛି। ଜନବସତିଗୁଡିକୁ ନଦୀ ଦାଉରୁ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ ଶହେ ମିଟର ପଥର ମରାମତି ପାଇଁ ପାଖାପାଖି ୪୩ଲକ୍ଷ ଟଙ୍କା ବ୍ୟୟରେ ନଦୀ ବନ୍ଧ ସୁରକ୍ଷା ପାଇଁ ବନ୍ଦ କାମ ନିର୍ମାଣ କାର୍ଯ୍ୟ ଜାରି ରହିଛି। ମାତ୍ର ଅର୍ଥ ହରିଲୁଟ ଉଦ୍ଦେଶ୍ୟରେ ଉକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମିଳିଭଗତରେ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିଛନ୍ତି କାକଟପୁର ନିର୍ବାଚନ ମଣ୍ଡଳୀ ଠିକାଦାର ମହାସଂଘ। ଶନିବାର ଅପରାହ୍ନ ରେ କାକଟପୁର ନିର୍ବାଚନ ମଣ୍ଡଳୀ ଠିକାଦାର ମହାସଂଘ ସଦସ୍ୟ ଉକ୍ତ କାର୍ଯ୍ୟସ୍ଥଳରେ ପହଂଚି କାମକୁ ଅନୁଧ୍ୟାନ କରି ଦେଖିବା ସହ ଟଙ୍କା ହରିଲୁଟ କରିବା ମସୁଧା ରଖି ନିକଟରେ ହୋଇଥିବା ପୁରୁଣା କାମକୁ ଖୋଳି ପଥର ବ୍ୟବହୃତ କରିବା ସହ ନିକଟରୁ ଖୋଳି ମାଟି ଭର୍ତ୍ତି କରୁଛନ୍ତି।

ଏହାସହ ଯେଉଁ ସ୍ଥାନରୁ ପଥ କାମ ହେବା କଥା ତାହା ହୋଇନାହିଁ। ସ୍ୱରରେ ବ୍ୟବହୃତ ପଥର ଗୁଡିକ ନିମ୍ନ ମାନର ଧଳା ପଥର ପ୍ୟାକିଙ୍ଗ ସହ ମଝିରେ ଅତି ଛୋଟ ପଥର ଭର୍ତ୍ତି କରିଛନ୍ତି। ଏହି ସୁରକ୍ଷା ବନ୍ଧ (ସ୍ୱର)ର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ପୂର୍ବରୁ ପୋତି ହୋଇଯାଇଥିବା ପୁରୁଣା ସ୍ୱର ଉପରେ ପଥର ଖୋଳି ନୂଆ ସ୍ୱର ବ୍ୟବହାର କରାଯାଉଛି। ଯେଉଁ ଭଳି ନିମ୍ନ ମାନର କାର୍ଯ୍ୟ ହୋଇଛି ଏହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣକାରୀ ଠିକାଦାର ଓ ବିଭାଗୀୟ ଅଧିକାରୀ ସଲା ସୁତୁରାରେ ନିମ୍ନମାନର କାମ କରାଯାଉଛି ବୋଲି କାକଟପୁର ନିର୍ମାଣ ମଣ୍ଡଳୀ ଠିକାଦାର ମହାସଂଘ ସଦସ୍ୟ ଦାବୀ କରିଛନ୍ତି। ଏ କାର୍ଯ୍ୟ ନିମ୍ନମାନର ଅଭିଯୋଗ ସମ୍ବନ୍ଧରେ ବୁଝିବାକୁ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଏହି କାର୍ଯ୍ୟ ଅନୁଧ୍ୟାନ ସମୟରେ କାକଟପୁର ନିର୍ବାଚନ ମଣ୍ଡଳୀ ଠିକାଦାର ମହାସଂଘ ସଭାପତି ଚକ୍ରଧର ପରିଡାଙ୍କ ସଭାପତିତ୍ୱରେ ପୁରୀ ଜିଲ୍ଲା ସଂଯୋଜକ ତଥା ଓଡିଶା ଠିକାଦାର ମହାସଂଘ ସଦସ୍ୟ ସୁବାଷ ମହାନ୍ତି, ଅନିରୁଦ୍ଧ ବାରିକ, ଉପସଭାପତି ବସନ୍ତ କୁମାର ରାଉତ, ସରକାରୀ ପରାମର୍ଶ ସ୍ୱାଧୀନ କୁମାର ପ୍ରଧାନ, ଜେନେରାଲ ସେକ୍ରେଟାରୀ ରଞ୍ଜନ କୁମାର ସେନାପତି, କୋଷାଧକ୍ଷ ଚକ୍ରଧର ପରିଡା, ରଞ୍ଜନ କୁମାର ସ୍ୱାଇଁ, ପୃଥ୍ୱୀରାଜ ମଲ୍ଲିକ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

